

ପାକିସ୍ତାନ ପ୍ରଦର୍ଶନରେ ଇମ୍ରାନ୍ ଖାନ୍ ଅସନ୍ତୁଷ୍ଟ
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 336 | ଭାଗ ୩୨ | ସଂଖ୍ୟା ୩୩୬ | Bhubaneswar | Saturday 1 March 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୧ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ‘ଉତ୍ତମ ମହାନ୍ତି ଅମର ରହେ’

### ଅବିସ୍ମରଣୀୟ ରହିବ ଅବଦାନ: ରାଷ୍ଟ୍ରପତି



ଉତ୍ତମ ମହାନ୍ତିଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସୋସିଆଲ୍ ମିଡିଆ ‘ଏକ୍ସ’ରେ ତାଙ୍କ ଶୋକବାର୍ତ୍ତା ଜାରି କରି କହିଛନ୍ତି ଯେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗ ସମ୍ବାଦ ଜାଣି ମୁଁ ମର୍ମାହତ। ଶ୍ରୀ ମହାନ୍ତି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ। ଜଣେ ମିଷ୍ଟଭାଷୀ ଓ ଅମାୟିକ ଭଦ୍ରବ୍ୟକ୍ତି ଭାବେ ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ଘଟିଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଶ୍ରୀ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### କଳା ଜଗତ ପାଇଁ ବଡ଼ କ୍ଷତି: ନବୀନ



ଓଲିଉଡ୍‌ର କିମ୍ବଦନ୍ତୀ କଳାକାର ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଁ ମର୍ମାହତ। ଶ୍ରୀ ମହାନ୍ତିଙ୍କ ପରି ଜଣେ ବର୍ଷୀୟାନ୍ କଳାକାର ତାଙ୍କର ନିଖୁଣ ଅଭିନୟ ମାଧ୍ୟମରେ ଚଳଚ୍ଚିତ୍ର ଜଗତ ପ୍ରତି ଦେଇଥିବା ଅବଦାନ ଅନବଦ୍ୟ। ତାଙ୍କ ପରଲୋକରେ କଳା ଜଗତ ପାଇଁ ଏକ ବଡ଼ କ୍ଷତି ଓ ତାଙ୍କ ଶୂନ୍ୟସ୍ଥାନ ପୂରଣ ହେବା କୌଣସି ପରିସ୍ଥିତିରେ ବି ସମ୍ଭବପର ନୁହେଁ। ତାଙ୍କ ଅଭିନୟ ପାଇଁ ଶ୍ରୀ ମହାନ୍ତି ସବୁଦିନ ପାଇଁ ପ୍ରଶଂସକଙ୍କ ମନରେ ଅମର ରହିବେ। ଏପରି ଏକ ଦୁଃଖଦ ସମୟରେ ତାଙ୍କ ପରିବାର ଲୋକଙ୍କୁ ଧୈର୍ଯ୍ୟଶକ୍ତି ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏଥିସହ ସେ ଉତ୍ତମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ପଞ୍ଚଭୂତରେ ବିଲୀନ ଉତ୍ତମ



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଗତକାଲି ଗୁରୁଗାଓଁର ମେଦାନ୍ତ ହସ୍ପିଟାଲ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଓଲିଉଡ୍‌ର ସୁପର୍‌ଷ୍ଟାର୍ ଉତ୍ତମ ମହାନ୍ତିଙ୍କ ଅନ୍ତ୍ୟେଷ୍ଟି ଆଜି ସ୍ଥାନୀୟ ସତ୍ୟନଗର ଶ୍ମଶାନରେ ସମ୍ପନ୍ନ ହୋଇଛି। ଏକମାତ୍ର ପୁଅ ବାବୁସାନ୍ ମହାନ୍ତି ମୁଖାଗ୍ନି ଦେଇଥିବା ବେଳେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଗାର୍ଡ ଅଫ୍ ଅନର୍ ସହ ଏହି ଭେଟେରାନ୍ ଅଭିନେତାଙ୍କୁ ଅନ୍ତିମ ବିଦାୟ ଦିଆଯାଇଛି। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ସମର୍ଥକ ସତ୍ୟନଗର ଶ୍ମଶାନରେ ଏକାଠି ହୋଇ ଉତ୍ତମଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଏହି ସମୟରେ ‘ଉତ୍ତମ ମହାନ୍ତି ଅମର ରହେ’ ଧ୍ୱନୀରେ ସମଗ୍ର ସତ୍ୟନଗର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ତାଙ୍କୁ ଭଲ ପାଉଥିବା କଳାକାର ହେଉ ଅବା ପ୍ରଶଂସକ, ସମସ୍ତଙ୍କ ଆଖିରେ ଥିଲା ଲୁହ। ସମସ୍ତେ କହୁଥିଲେ ଉତ୍ତମଙ୍କ ଅଭିନୟର ଯାଦୁକରୀ ସ୍ପର୍ଶ କଥା। ତାଙ୍କ ଫିଲ୍ମ ଦେଖିଥିବା ଲୋକେ କହୁଥାନ୍ତି ଉତ୍ତମ ଥିଲେ ଆମ ସମୟର ସୁପର୍‌ଷ୍ଟାର୍। ସେହିପରି ତାଙ୍କ ସହ ମିଶିଥିବା ପ୍ରତିଟି ଲୋକ କହୁଥାନ୍ତି ସେ ବାସ୍ତବରେ ଥିଲେ ଜଣେ ଉତ୍ତମ ମଣିଷ। ଏହି ସୁପର୍‌ଷ୍ଟାର୍‌ଙ୍କୁ ବିଦାୟ ଦେବା ସକାଶେ ଶ୍ମଶାନ ଅଞ୍ଚଳ



ଲୋକାରଣ୍ୟ ହୋଇପଡ଼ିଥିଲା। ସମସ୍ତଙ୍କ ଆଖି ଲୁହରେ ଛଳ ଛଳ ହୋଇଯାଉଥିଲା। ସବୁଦିନ ହସାଉଥିବା ଆଉ ନିଜର ଅଭିନୟ ଚାତୁରୀରେ ଭାବପ୍ରବଣ କରିଦେଉଥିବା ଲୋକଟି ଏବେ ସମ୍ପୂର୍ଣ୍ଣ ନିରବୀ ଯାଇଛି ବୋଲି କେହି ବିଶ୍ୱାସ କରିବାକୁ ରାଜି ନ ଥିବା ପରି ମନେ ହେଉଥିଲା। ବାରିପଦାରୁ ଆସି ସମଗ୍ର ରାଜ୍ୟ ଓ ପରେ ଦେଶରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥିବା ଉତ୍ତମ ଆଜି ଅଫେରା ➪ପୃଷ୍ଠା-୬

### ଧ୍ରୁବତାରାଙ୍କୁ ହରାଇଲା ଓଲିଉଡ୍: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସକାଳେ ଉତ୍ତମଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଉତ୍ତମଙ୍କ ନିଧନକୁ ବିଶ୍ୱାସ କରିବା ମୋ ପକ୍ଷେ କଷ୍ଟଦାୟକ। ଉତ୍ତମଙ୍କ ସହ ତାଙ୍କର ବେଶ୍ ଘନିଷ୍ଠତା ଥିଲା। ଯଥେଷ୍ଟ ପାଖରୁ ସେ ତାଙ୍କ ମଣିଷପଣିଆ ଅନୁଭବ କରିଛନ୍ତି। ତାଙ୍କ ଅବର୍ତ୍ତମାନରେ ରାଜ୍ୟ କଳା ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି କହିବା ସହ ଉତ୍ତମ ଅଭିନୟ ଜଗତର ଧ୍ରୁବତାରା ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଉତ୍ତମଙ୍କ ଧର୍ମପତ୍ନୀ ଅପରାଜିତା ଓ ପୁତ୍ର ବାବୁସାନ୍‌ଙ୍କୁ ଭେଟି ସେମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ପ୍ରଶ୍ନର ଉତ୍ତରରେ ଅଭିନୟ ଜଗତ ପ୍ରତି ଅବଦାନ ପାଇଁ ଆଗାମୀ ଦିନରେ ଉତ୍ତମଙ୍କ ପାଇଁ ପଦ୍ମଶ୍ରୀ ସକାଶେ ରାଜ୍ୟ ସରକାର ଲିଖିତ ଭାବେ ଦାବି କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଯୋଗଜନ୍ମାଙ୍କୁ ହରାଇଲା ଓଡ଼ିଶା: ଧର୍ମେନ୍ଦ୍ର



ଓଲିଉଡ୍‌ର ବର୍ଷୀୟାନ୍ କଳାକାର ଉତ୍ତମ ମହାନ୍ତିଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ଚିରସବୁଜ ନାୟକ ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ମୋତେ ବ୍ୟଥିତ କରିଛି। ସେ କେବଳ ଜଣେ କଳାକାର ନଥିଲେ, ବରଂ ମୋ ପରିବାରର ଜଣେ ସଦସ୍ୟ ପରି ଥିଲେ। ଲମ୍ବା ସମୟ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କର ଯୋଗଦାନ ଥିଲା ଅତୁଳନୀୟ। ରାମାୟଣ, ଫୁଲଚନ୍ଦନ, ଝିଅଟି ସୀତା ପରି ଆଦି ସୁପରହିଟ୍ ଚଳଚ୍ଚିତ୍ର ତାଙ୍କର ଅନନ୍ୟ କୃତି। ଓଡ଼ିଆ ଜନମାନସରେ ନିଖୁଣ ଓ ଜୀବନ୍ତ ଅଭିନୟ ତାଙ୍କୁ ଘରେ ଘରେ ଲୋକପ୍ରିୟ କରିପାରିଥିଲା। ତାଙ୍କ ବିୟୋଗରେ ଓଡ଼ିଶାର କଳାଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ➪ପୃଷ୍ଠା-୬

### ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳବଦଳ

# ବଦଳିଲେ କଟକ, ଭୁବନେଶ୍ୱର ଡିସିପି

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଆଇପିଏସ ସ୍ତରରେ ଆଜି ବଡ଼ ଧରଣର ଅଦଳବଦଳ ହୋଇଛି। ଏହି ଅନୁସାରେ, କଟକ ଓ ଭୁବନେଶ୍ୱର ଡିସିପିଙ୍କ ସମେତ କେନ୍ଦ୍ରାଞ୍ଚଳ ଆଇଜିଙ୍କ ବଦଳି ହୋଇଛି। ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କୁ ଏସଟିଏଫ ଡିଆଇଜି ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କଟକ ଡିସିପି ଜଗମୋହନ ମୀନାଙ୍କୁ ଅବସ୍ଥାପିତ କରାଯାଇଛି। ସେହିଭଳି ବଲାଙ୍ଗିର ଏସପି ରିଷିକେଶ ଖିଲାରୀ ଦ୍ୟାନଦେଓଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି। ଏଥିସହ କଳାହାଣ୍ଡି ଓ ବୌଦ୍ଧ ଜିଲ୍ଲାର ଏସପିଙ୍କୁ ମଧ୍ୟ ବଦଳି କରାଯାଇଛି। ପ୍ରିଣ୍ଟିଂ ଷ୍ଟେସନାରୀ ନିର୍ଦ୍ଦେଶକ ୧୯୮୯ ବ୍ୟାଚ ଆଇପିଏସ ଅଫିସର ଏସଏମ ନର୍ଭାଣେଙ୍କୁ ଓଡ଼ିଶା ମାନବାଧିକାର କମିଶନର ଡିଜି ଭାବେ ବଦଳି କରାଯାଇଛି। ଓଏସଆରଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ୧୯୯୭ ବ୍ୟାଚର ଆଇପିଏସ ଅଫିସର ଦୀପ୍ତେଶ





● ଭୁବନେଶ୍ୱର ଡିସିପି ହେଲେ ଜଗମୋହନ ମୀନା
● କଟକ ଡିସିପି ହେଲେ ରିଷିକେଶ ଖିଲାରୀ

ପଟ୍ଟନାୟକଙ୍କୁ ପ୍ରିଣ୍ଟିଂ ଷ୍ଟେସନାରୀ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ଅତିରିକ୍ତ ଡିଜି ପ୍ରୋଭିଜନିଂ ଥିବା ୨୦୦୦ ବ୍ୟାଚ ଆଇପିଏସ ଜତୀନ୍ଦ୍ର କୋଏଲଙ୍କୁ ମାବାଧିକାର ସୁରକ୍ଷା ସେଲର ଅତିରିକ୍ତ ଡିଜି ଭାବେ ବଦଳି କରାଯାଇଛି। ଆଇଜି ପର୍ସୋନେଲ ପ୍ରବୀନ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଭାବେ, ଅବକାରୀ କମିଶନର ନରସିଂହ ଭୋଳଙ୍କୁ କଟକ-ଭୁବନେଶ୍ୱରର ଅତିରିକ୍ତ ପୁଲିସ କମିଶନର ଭାବେ, ହୋମଗାର୍ଡ ଓ ଅଗ୍ନିଶମ ଆଇଜି ଡକ୍ଟର ଦୀପକ କୁମାରଙ୍କୁ ଆଇଜି ଅପରେସନ ଭାବେ, ଆଇଜି ଅପରେସନ ଜୟନାରାୟଣ ପଙ୍କଜଙ୍କୁ ଗୁଇନ୍ଦା ଆଇଜି ଭାବେ, ଦକ୍ଷିଣାଞ୍ଚଳ ଆଇଜି ଡକ୍ଟର ସାର୍ଥକ ଷଡଙ୍ଗୀଙ୍କୁ କ୍ରାଇମବ୍ରାଞ୍ଚ ଆଇଜି ଭାବେ ବଦଳି କରାଯାଇଛି।

ସେହିଭଳି ଦକ୍ଷିଣ-ପଶ୍ଚିମାଞ୍ଚଳ ଆଇଜି ନୀତି ଶେଖରଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଥିବା ବେଳେ କଟକ-ଭୁବନେଶ୍ୱର କମିଶନରେଟର ଅତିରିକ୍ତ କମିଶନର ଡକ୍ଟର ➪ପୃଷ୍ଠା-୬

# ନିଆଁକୁ ବି ଗିଳିଦେଲେ ଅଚ୍ୟୁତ

● ଅଗ୍ନି ନିରାପତ୍ତା ବିନା ଚାଲିଛି ସଂସ୍ଥା
● ପିଲାଙ୍କ ଜୀବନ ସହିତ ସାଂଘାତିକ ଖେଳ
● ଆରଟିଆଇ ସୂଚନାରୁ ଖୁଲାସା



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଯେଉଁ ଆଦିବାସୀ ଗରିବ ପିଲାଙ୍କୁ ପ୍ରଦର୍ଶନ କରି ଅଚ୍ୟୁତ ସାମନ୍ତ ନିଜର କାୟା ବିସ୍ତାର କରିଛନ୍ତି, ସେହି ପିଲା ରହୁଥିବା କୋଠାରେ କିନ୍ତୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଅଗ୍ନିଶମ ବିଭାଗ ଦୀର୍ଘବର୍ଷ ଧରି ପିଲାମାନେ ରହୁଥିବା କୋଠାକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଦେଇନାହାଁନ୍ତି। ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ ମାଗିଥିବା ତଥ୍ୟରୁ ଏହା ପଦାକୁ ଆସିଛି।

କିସ୍‌ରେ ସାଧାରଣତଃ ବାପ-ମା’ ଛେଉଣ୍ଡ ଓ ଗରିବ ଶ୍ରେଣୀର ଆଦିବାସୀ ପିଲାମାନେ ରହିଥାନ୍ତି। କିସ୍ ନିଜ ଅନୁଷ୍ଠାନରେ ୨୫ ହଜାରରୁ ଅଧିକ ପିଲାଙ୍କୁ ରଖିଥିବା ବି କହୁଛି। ଏହି ପିଲାମାନେ ଗୋଟିଏ ରୁମ୍‌ରେ ଖୁନ୍ଦାଖୁନ୍ଦି ହୋଇ ରହିବା ସହିତ ଲୁହା ଭାଡ଼ିରେ ଶୋଇଥାନ୍ତି। ଏକଥା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତି କମିଟି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ହେଲେ ଏହି ପିଲାମାନେ ରହୁଥିବା କୋଠାର କିନ୍ତୁ ଅଗ୍ନିଶମ ପ୍ରମାଣପତ୍ର ନାହିଁ।

୨୦୨୪ରେ ସୂଚନା ଅଧିକାର ଆଇନ (ଆ ର୍ ଟି ଆ ଇ ) ରେ ମିଳିଥିବା ତଥ୍ୟ ଅନୁଯାୟୀ, ରାଜଧାନୀରେ ଛୋଟ ବଡ଼ ୬୩ଟି ଅନୁଷ୍ଠାନ ଓ ସଂସ୍ଥା ଅଗ୍ନିଶମ ପ୍ରମାଣପତ୍ର ପାଇଥିବା ବେଳେ ଆଉ ଦୁଇଟି ସଂସ୍ଥା ଆବେଦନ କରି ଅପେକ୍ଷାରେ ଥିଲେ। ହେଲେ ଏହି ତାଲିକାରେ କିସ୍ କିମ୍ବା କିଟ୍ କେହି ବି ନାହାନ୍ତି। ଏମାନେ ଅଗ୍ନିଶମ ପ୍ରମାଣପତ୍ର ବିନା କିଭଳି ଚାଲୁଛନ୍ତି, ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

ସାଧାରଣତଃ ବିନା ଅଗ୍ନିଶମ ପ୍ରମାଣପତ୍ରରେ କୌଣସି ସଂସ୍ଥା ଚାଲିବା ଆଇନ୍ ଅନୁଯାୟୀ ଦଣ୍ଡନୀୟ। ହେଲେ କିସ୍ କ୍ଷେତ୍ରରେ ଅଗ୍ନିଶମ ➪ପୃଷ୍ଠା-୬

## ସୁରକ୍ଷା ଦେଉଛି ଦିଲ୍ଲୀ ଲବି!

### କର୍ମଚାରୀଙ୍କୁ ଧଳା ଯୋଗୀଙ୍କ ଅଭୟବାଣୀ



କିଟ ଓ କିସ କେଲେଙ୍କାରୀ ଧଳା ଯୋଗୀ ଅଚ୍ୟୁତ ସାମାନ୍ତଙ୍କ ନିଦ ହଜେଇଦେଲାଣି। ତା’ ସାଙ୍ଗକୁ ପୁଣି ୧୫ ହଜାରରୁ ଅଧିକ କର୍ମଚାରୀ ବି ଆଶା ଆଶଙ୍କାରେ। କିଟ ଓ କିଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ କର୍ମଚାରୀଙ୍କ ଭବିଷ୍ୟତ କ’ଣ ହେବ, ତାହାକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ସରକାର କାର୍ଯ୍ୟାନୁଷ୍ଠାନ ପୂର୍ବରୁ କାଳେ କର୍ମଚାରୀ ଅନୁଷ୍ଠାନରେ ତାଲା ପକେଇଦେବେ, ସେ ଭୟରେ ଆଜି ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଆଲୋଚନା ବେଳେ ଅଚ୍ୟୁତ ସବୁ କର୍ମଚାରୀଙ୍କୁ ଅଭୟବାଣୀ ଦେଇଛନ୍ତି। କହିଛନ୍ତି, ଆମର ଦିଲ୍ଲୀ ଲବି ବେଶ ମଜବୁତ ଅଛି କିଛି ହବନି। କର୍ମଚାରୀଙ୍କୁ ଅଚ୍ୟୁତ ଦେଇଥିବା ଅଭୟବାଣୀ ଯଦି ସତ, ତେବେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ରାଜ୍ୟ ସରକାର ଅଚ୍ୟୁତଙ୍କ କଳା ସାମ୍ରାଜ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ ବି ଦିଲ୍ଲୀ ଲବି ଏଥିରେ ରୋକ ଲଗାଉଛି। ତେବେ ଅଚ୍ୟୁତଙ୍କୁ ଦିଲ୍ଲୀର କେଉଁ ଲବି ସୁରକ୍ଷା ଦେଉଛି, ତାକୁ ନେଇ ଚର୍ଚ୍ଚା। ➪ପୃଷ୍ଠା-୬

### ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟିତ

# ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନଡ୍ଡାଙ୍କ ଫୋକସ୍

● ସଫଳ ହୋଇଛି ଏନ୍ଏଚ୍ଏମ୍
● ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଉତ୍ସାହଜନକ
● ଓଡ଼ିଶାରେ ଯଥେଷ୍ଟ ଆଗେଇଛି ସ୍ୱାସ୍ଥ୍ୟସେବା
● ଓଡ଼ିଶାରେ ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ବୀମା କାର୍ଡ

**ପୁରୀ,୨୮।୨(ସଂଚାର ବ୍ୟୁରୋ):** ଭାରତରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବାକୁ ହେଲେ ମୂଳଦୁଆକୁ ମଜବୁତ କରିବାକୁ ପଡ଼ିବ। ଉନ୍ନତ ମାନର ଚିକିତ୍ସା ସେବା ପାଇଁ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବାକୁ ହେବ। ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ପଡ଼ିବ। ଏପରି ହେଲେ ହିଁ ଆମେ ସାରା ଦେଶକୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇପାରିବା। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କାର୍ଯ୍ୟ ଆଗେଇଚାଲିଥିବା ବେଳେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଅର୍ଥାଭାବ କଦାପି ସମସ୍ୟା ହେବ ନାହିଁ ବୋଲି ଆଜି ଏଠାରେ ଦୁଇଦିନିଆ ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟନ କରିବା ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ ଦେଶରେ ଲୋକଙ୍କ ପାଖରେ ଭଲ ସ୍ୱାସ୍ଥ୍ୟସେବା



ଯୋଗାଇ ଦେବାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ସଫଳ ହୋଇଛି। ଏହା ଜରିଆରେ ଗ୍ରାମାଞ୍ଚଳ, ଅନୁନ୍ନତ ଅଞ୍ଚଳରେ ଶିଶୁ, ମାତୃ ମୃତ୍ୟୁହାର ହ୍ରାସ ପାଇଛି। ସେହିପରି ଟିବି, ଫାଇଲେରିଆ ସହ ଅନେକ ରୋଗର ସଫଳ ଚିକିତ୍ସା କରାଯାଇ ରୋଗକୁ ନିୟନ୍ତ୍ରଣ କରାଯାଇପାରିଛି। ଏନ୍ଏଚ୍ଏମ୍ ଜରିଆରେ ବ୍ୟାପକ ଜନସଚେତନା ଦ୍ୱାରା ଲୋକଙ୍କୁ ବିଭିନ୍ନ ରୋଗ ବିଷୟରେ ବ୍ୟାପକ ଭାବେ ସଚେତନ କରାଯାଉଥିବାରୁ ଲୋକେ ➪ପୃଷ୍ଠା-୬

## ଆଜିଠୁ ଖୋଲିବ ରାସନ କାର୍ଡ ପୋର୍ଟାଲ

**ସମ୍ବଲପୁର,୨୮।୨ (ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ନୂଆ ରାସନ କାର୍ଡ ପାଇଁ ହିତାଧିକାରୀମାନେ ଆବେଦନ କରିପାରିବେ। ଆସନ୍ତାକାଲିରୁ ରାସନ୍ କାର୍ଡ ପାଇଁ ପୋର୍ଟାଲ ଖୋଲିବ, ଏହାଦ୍ୱାରା ନୂତନ ଆବେଦନପତ୍ର ଗ୍ରହଣ କରାଯିବ ବୋଲି ଆଜି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସମ୍ବଲପୁର ଗସ୍ତରେ ଥିବା ମନ୍ତ୍ରୀ ଆଜି ସ୍ଥାନୀୟ ସର୍କିଟ ହାଉସଠାରେ ଧାନକ୍ରୟର ସ୍ଥିତି ଓ ରାସନ କାର୍ଡ ସମ୍ପର୍କିତ ସମୀକ୍ଷା ବୈଠକ ଅବସରରେ ଏହା କହିଛନ୍ତି। ବୈଠକରେ ସମ୍ବଲପୁର ଜିଲ୍ଲାପାଳ ଓ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସହ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ସବୁ ଜିଲ୍ଲାରେ ସମୀକ୍ଷା ବୈଠକ ହେଉଛି, ସମ୍ବଲପୁରରେ ମଧ୍ୟ ହୋଇଛି। ଧାନ ସଂଗ୍ରହ କେମିତି ହୋଇଛି, ଅଧିକାରୀମାନଙ୍କ ସହଯୋଗ କିପରି ରହିଛି, କେତେ ପରିମାଣର ଧାନ ସଂଗ୍ରହ ହୋଇଛି, ଆଉ କ’ଣ କରିଥିଲେ ଚାଷୀ ଅଧିକ ଉପକୃତ ହୋଇଥାନ୍ତେ, ସେନେଇ ଆଲୋଚନା ହୋଇଛି। ଚଳିତ ଥର ଚାଷୀ ଯେଉଁ ବୋନସ ପାଇଛନ୍ତି ଆସନ୍ତାବର୍ଷ ମଧ୍ୟ ତାହା ପାଇବେ। ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀଙ୍କୁ

### ନୂଆ କାର୍ଡ ପାଇଁ ଆବେଦନ କରାଯାଇପାରିବ

ଚିହ୍ନଟ କରିବା ପାଇଁ ବର୍ତ୍ତମାନ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ୪ ଲକ୍ଷ ମୃତ ହିତାଧିକାରୀଙ୍କ ତାଲିକାରୁ କାଟି ଦିଆଯାଇଛି। କେତେକ ଚାକିରିଆ ହିତାଧିକାରୀ ନିଜ ତରଫରୁ ରାସନ କାର୍ଡ ଫେରାଇସାରିଛନ୍ତି। ଅନ୍ୟପଟେ ଆୟକରଦାତା ରାସନ କାର୍ଡ ହିତାଧିକାରୀଙ୍କ ଉପରେ ଯାଞ୍ଚ ଚାଲିଛି ଓ ପ୍ରତିଟି ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି।



### କାନ ଡେରିଥା

ଗଳିଆ ବାଟରେ ଦୋଷୀ ଖସିଯାଏ
ବଳି ପଡୁଥାଏ ତଳିଆ
କେରାଣ୍ଡି ଧରିଲେ ପେଟ ପୁରୁଥାଏ
ଭାକୁର ଟି ହୁଏ ଭେଣ୍ଡିଆ
କିଳା ସବୁ ହୁଏ ସ୍ୱାହା...
ହାତ ଗୁଞ୍ଜା ଦେଇ ଖସି ଯାଉଥାଏ
ସବୁଠାରୁ ବଡ଼ ବଡିଆ।

■ ଦେବାଶିଷ

# ବିଜେଡିକୁ ବୁଡ଼ାଇବ ଗଣେଶ୍ୱରଙ୍କ କଂଗ୍ରେସୀ ପ୍ରେମ

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ଏବେ ହତାଶ। ସେମାନେ ଭୋଟ ଦେଇ ଜିତାଇଥିବା ବିଧାୟକ ଗଣେଶ୍ୱର ବେହେରାଙ୍କ ପୁରୁଣା କଂଗ୍ରେସ ପ୍ରେମ ଯୋଗୁଁ ସେମାନଙ୍କ ଏବେ କବାଟ କିଳି କାନ୍ଦିବା ଅବସ୍ଥା। ବିଜେଡି ବିଧାୟକଙ୍କ ନିକଟରେ କଂଗ୍ରେସ କର୍ମୀଙ୍କ ଭିଡ଼ରୁ ବି ଏହା ଜଳ ଜଳ ହୋଇ ଦିଶୁଛି।

ପୂର୍ବତନ ବିଧାୟକ ତଥା କଂଗ୍ରେସର ପୁରୁଖା ନେତା ଗଣେଶ୍ୱର ବେହେରା ରାତାରାତି ବିଜେଡିକୁ ଆସି କେନ୍ଦ୍ରାପଡା ଆସନ ପାଇଁ ଟିକଟ ହାତେଇନେଲେ। ଦଳୀୟ ନିର୍ଦ୍ଦେଶ ପାଇ ବିଜେଡି



କର୍ମୀମାନେ ତାଙ୍କୁ ପୂରା ସହଯୋଗ କଲେ। ଫଳରେ ଗଣେଶ୍ୱର କେବଳ ୯୦ ହଜାରରୁ ଅଧିକ ଭୋଟ ପାଇଲେ ନାହିଁ, ରାଜ୍ୟରେ ବିଜେପିର ହାୱା ସତ୍ତ୍ୱେ ବିଜେପି ପ୍ରାର୍ଥୀଙ୍କଠାରୁ ୩୫,୪୧୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହେଲେ। ଗଣେଶ୍ୱର

● ପୁରୁଣା ଦୋସ୍ତଙ୍କୁ ଗଣେଶଙ୍କ ସତ୍କାର
● ବିଜେଡି କର୍ମୀ ହତାଦର

ବି ଜିତିବା ପରେ ଗୋଟାପଣେ ବିଜେଡିର ହୋଇଗଲେ। ବିଜେପିକୁ ସମାଲୋଚନା କରିବା କ୍ଷେତ୍ରରେ ଆଗରେ ରହିଲେ। ମଉକା ଦେଖି ଶାଣିତ ଆକ୍ରମଣ କରୁଛନ୍ତି।

ଗଣେଶ୍ୱରଙ୍କୁ ଜିତାଇଥିବା ବିଜେଡି କର୍ମୀମାନେ ଭାବିଥିଲେ, ବିରୋଧୀ ଦଳର ଟାଣୁଆ ନେତା ହୋଇଥିବାରୁ ବିଧାୟକ ସେମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବେ। ହେଲେ ଏବେ ସେମାନଙ୍କର ଏହି ସ୍ୱପ୍ନ ମଉଳିବାରେ ଲାଗିଛି। ଗଣେଶ୍ୱରଙ୍କ ନିକଟରେ ପୁରୁଣା କଂଗ୍ରେସିଆମାନେ ଏବେ ଭିଡ଼ ଜମାଇବା ସହିତ ବିଜେଡି କର୍ମୀଙ୍କୁ ବିଧାୟକଙ୍କ ବଳୟରୁ ବିଦା କରିବାରେ ଲାଗିଛନ୍ତି। ଗଣେଶ୍ୱର ବି ନିଜର ପୁରୁଣା କର୍ମୀଙ୍କୁ ଭୁଲିପାରୁନାହାନ୍ତି।

ଗଣେଶ୍ୱରଙ୍କ ନିକଟରେ ନିଜକୁ ଅସୁରକ୍ଷିତ ମନେକରି ଅଳ୍ପଦିନ ତଳେ ପଞ୍ଚାୟତ ସ୍ତରର କେତେକ ନେତା ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ସ୍ଥିତି ଯେଭଳି ହେବାରେ ଲାଗିଛି ସେଥିଯୋଗୁ ଆହୁରି ଅଧିକ କର୍ମୀ ଚରମ ନିଷ୍ପତ୍ତି ନେବା ଅପେକ୍ଷାରେ ଅଛନ୍ତି। ଏହି କର୍ମୀଙ୍କୁ ନିଜ ପଟକୁ ଆଣିବା ପାଇଁ ଏବେ ବିଜେପି ଜୋରଦାର କସରତ ଆରମ୍ଭ କରିଦେଇଛି। କାରଣ ବିଜେପି ଯଦିଓ କେନ୍ଦ୍ରାପଡା ଲୋକସଭା ଆସନରେ ବିଜୟୀ ହୋଇଛି, କିନ୍ତୁ ମହାକାଳପଡାକୁ ବାଦ୍ ଦେଲେ ଅନ୍ୟ କୌଣସି ବିଧାନସଭା ଆସନ ଦଖଲ କରିପାରିନାହିଁ। ତେଣୁ ବିଜେପି ଏବେ କେନ୍ଦ୍ରାପଡା ଆସନରେ ତାହାର ସ୍ଥିତି ମଜବୁତ କରିବା ଉପରେ ଜୋର ଦେଉଛି। ପରେ ଅନ୍ୟ ବିଧାନସଭା କ୍ଷେତ୍ରକୁ ଯିବ।

ଏଭଳି ସ୍ଥିତିରେ ଗଣେଶ୍ୱରଙ୍କ କଂଗ୍ରେସ ପ୍ରେମ ଯୋଗୁଁ ବିଜେଡି ସଂଗଠନ କେଉଁ ଅବସ୍ଥାକୁ ଯିବ, ତାହା କହିହେବ ନାହିଁ ବୋଲି ଆଗଧାଡ଼ିର ବିଜେଡି ନେତାମାନେ ଖୋଲାଖୋଲି କହିବା ସହିତ ଖୁବଶୀଘ୍ର ସେମାନେ କିଛି ନିଷ୍ପତ୍ତି ନେବେ ବୋଲି ସୂଚନା ଦେଲେଣି।

# ଋଣକୁ ନେଇ ମହିଳା ମଣ୍ଡଳରେ ତୁମୂଳକାଣ୍ଡ

## ୧୧୨କୁ ବି ଛାଡ଼ିଲେନି, ଦୀର୍ଘ ସମୟ ଅଟକ ରଖିଲେ ଶତାଧିକ ମହିଳା

**କେନ୍ଦ୍ରାପଡ଼ା,୨୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ତରାପୁର ଗ୍ରାମରେ ଥିବା ତାରାଦେଇ ମହିଳା ମଣ୍ଡଳରେ ଘଟିଛି ଶୁକ୍ରବାର ରୋଚକ ଘଟଣା ।

ସୂଚନା ମୁତାବକ ତରାଦେଇ ମହିଳା ମଣ୍ଡଳରେ ଥିବା ସଭାପତି ରୋମାଲିନ ମଲ୍ଲିକ ୨୦୨୨ ମସିହାରେ ସମସ୍ତ ସଭ୍ୟାଙ୍କ ଅନୁମତି ନେଇ ତରାପୁର ସ୍ଥିତ କାନାରା ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ନିଜର ଆବଶ୍ୟକତା ଦର୍ଶାଇ ସମ୍ପୂର୍ଣ୍ଣ ଋଣରୁ ନିଜେ ୭୦ ହଜାର ଟଙ୍କା ନେଇଥିଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୁଧ ସହ ସମସ୍ତ ରାଶି ତାରାଦେଇ ମହିଳା ମଣ୍ଡଳକୁ ପରିଶୋଧ କରିବେ ବୋଲି କହିଥିଲେ। କିନ୍ତୁ କୌଣସି କାରଣରୁ ତାଙ୍କ ଶାଶୁ ଘରେ ସେ ନରହି ନିଜ କଳପଡ଼ା ସ୍ଥିତ ବାପ ଘରକୁ ଚାଲିଗଲେ ଏବଂ ନେଇଥିବା ଋଣ ନସୁଝି ସମୟ ଗଡାଇବା




ସହିତ ଆଉ ଧରା ଛୁଆଁ ଦେଇନଥିଲେ। ପରେ ବ୍ୟାଙ୍କ୍ ତରଫରୁ ଋଣ ଶୁଝିବା ପାଇଁ ତାରାଦେଇ ମହିଳା ମଣ୍ଡଳକୁ ନୋଟିସ କରିବା ସହ ବ୍ୟାଙ୍କ୍ ତାରାଦେଇ ମହିଳା ମଣ୍ଡଳର ଆକାଉଣ୍ଟକୁ ନିଷ୍କ୍ରିୟ କରିଦେଇଥିଲେ।

ପରେ ତାରାଦେଇ ମହିଳା ମଣ୍ଡଳର ଉଷା ମଲ୍ଲିକ, ବର୍ଷା ମଲ୍ଲିକ, ଗୀତାଞ୍ଜଳି ମଲ୍ଲିକ, ଶୁଆ ମଲ୍ଲିକ, କୁସୁମ ମଲ୍ଲିକ ଏବଂ ସୁମିତ୍ରା ଦାସ ଧରାଛୁଆଁ ଦେଉନଥିବା ରୋମଲିନ୍ ମଲ୍ଲିକଙ୍କୁ ରାସ୍ତାରେ ଯାଉଥିବାର ଦେଖି ଅଟକାଇବା ସହ ତାଙ୍କୁ ନେଇ ତରାପୁର କାନାରା ବ୍ୟାଙ୍କକୁ ନେଇ ଆସିଥିଲେ। ରୋମଲିନ୍‌କୁ ଉଦ୍ଧାର କରିବା ପାଇଁ ପୋଲିସ ସହାୟତା ୧୧୨ ଗାଡ଼ି ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ମହିଳା ୧୧୨କୁ ମଧ୍ୟ ଛାଡ଼ିନଥିଲେ। ଘଣ୍ଟା ଘଣ୍ଟା ଧରି ୧୧୨ ଅଟକ ରହିବା ପରେ ସଦର ପୁଲିସକୁ ଜଣାଇଥିଲେ। ପରେ ଘଟଣାସ୍ଥଳରେ ସଦର ପୁଲିସ ସଦଳବଳେ ପହଞ୍ଚି ୧୧୨ ସମେତ ରୋମଲିନଙ୍କୁ ମଧ୍ୟ ଉଦ୍ଧାର କରି ନିଜ ହେଫାଜତକୁ ନେଇଥିଲେ। ରୋମଲିନ୍ ୧ ମାର୍ଚ୍ଚ ୨୦୨୫ ସୁଦ୍ଧା ନେଇଥିବା ଋଣରୁ ୧୦ ହଜାର ଟଙ୍କା କାନାରା ବ୍ୟାଙ୍କ୍‌ରେ ଜମା କରିବେ ଏବଂ ମାର୍ଚ୍ଚ ଶେଷ ସୁଦ୍ଧା ବାକି ଥିବା ସମସ୍ତ ରାଶି ପୈଠ କରିବେ ବୋଲି ଲେଖିଦେଇଥିବାରୁ ସଦର ପୁଲିସ ରୋମଲିନ୍‌କୁ ଛାଡି ଦେଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

# ଆଜି ଉଦଳା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

**ପୌରପାଳିକା, କେନ୍ଦ୍ରୀୟ ବିଦ୍ୟାଳୟ ଓ ରେଳସେବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା ଆଶା**

**ଉଦଳା,୨୮।୨ (ସଂଚାର ବ୍ୟୁରୋ):** ଆଜି ଉଦଳା ଗସ୍ତରେ ଆସୁଛନ୍ତି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ନିର୍ବାଚନର ୯ ମାସ ପରେ ପ୍ରଥମ ଥର ପାଇଁ ମୟୂରଭଞ୍ଜ ଜିଲ୍ଲାର ଉଦଳା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସୁଥିବା ବେଳେ ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ଦିବା ୧୧.୨୫ ମିନିଟ ସମୟରେ ହେଲିକପ୍ଟର ଯୋଗେ ଉଦଳାର କଲେଜ ପଡ଼ିଆରେ ପହଞ୍ଚି ଖଲାଡି ପଞ୍ଚାୟତ ସ୍ଥିତ ପାଟପୁର ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଉନ୍ନୟନ ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ପ୍ରକାଶ କରିଛନ୍ତି। ତେବେ ଏଭଳି କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ମଧ୍ୟ ସଜାଗ ହୋଇ ଉଠିଛି । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ମୟୂରଭଞ୍ଜ ବରୁଣ ଗୁଣ୍ଟୁପଲ୍ଲି ଉଦଳା ପହଞ୍ଚି କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର



ବାରିକଙ୍କ ସହିତ ସଭାସ୍ଥଳ ପରିଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଦଳୀୟ କର୍ମୀ ବେଶ୍ ଉତ୍ସାହିତ ଥିବା ବେଳେ ବିଜେପି ପକ୍ଷରୁ ରାସ୍ତାଘାଟକୁ ସୁସଜ୍ଜିତ କରିବା ସହିତ ସହର ସାରା ବ୍ୟାନର ଛାଇଯାଇଛି।

ତେବେ କପ୍ତିପଦା ଉପଖଣ୍ଡରେ ଦିର୍ଘଦିନ ହେବ ଜନସାଧାରଣମାନେ ନିଜ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ, ରେଳସେବା, ସୋନ ବ୍ୟାରେଜ ଏବଂ ଉଦଳାକୁ ପୌରପାଳିକା ଓ କପ୍ତିପଦାକୁ ଏନ୍‌ଏସି ଘୋଷଣା ନେଇ ବହୁ ଆଶାବାଦୀ ଅଛନ୍ତି। ଅନ୍ୟପଟେ ୧୧.୩୦ ମିନିଟ୍ ସମୟ ଠାରୁ ୩.୦୦ ପର୍ଯ୍ୟନ୍ତ ଉଦଳାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଅଛି। ପରବର୍ତ୍ତୀ ସମୟରେ ଉଦଳାରୁ ୩.୩୦ରେ ବାହାରି ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ କିଚକେଶ୍ୱରୀଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ପଟ୍ଟାମୁଣ୍ଡାଇ ସମିତି ସଭ୍ୟ ସଂଘ ଗଠିତ

**ପଟ୍ଟାମୁଣ୍ଡାଇ,୨୮।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରୀତାରେ ସମିତିସଭ୍ୟ ମାନଙ୍କୁ ସାମିଲ କରିବା ଓ ବିଭିନ୍ନ ପଂଚାୟତର ବିକାଶ ପ୍ରକ୍ରିୟାକୁ ପ୍ରଶାସନ ସହଯୋଗରେ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପଟ୍ଟାମୁଣ୍ଡାଇ ସମିତି ସଭ୍ୟ ସଂଘ ଗଠନ କରାଯାଇଛି। ଏହି ଉପଲକ୍ଷେ ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସମିତି ସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କ ଶେଖର ବିଶ୍ୱାଳ, ଜୟନ୍ତୀ ସ୍ୱାଇଁ, ନିରଞ୍ଜନ ବାରିକ, ପର୍ଶୁରାମ ବେହେରା, ସ୍ମୃତିମୟୀ ମଲିକ,ଅନ୍ନପୂର୍ଣ୍ଣା ମଲ୍ଲିକ, ମମତା ଜେନା, ଉତ୍ତମ ଜେନା, ରେଣୁକା ସେଠୀ,ନିରୁପମା ସାହୁ, ଆରତୀ ସାହୁ, ଦିପ୍ତିମୟୀ ମଲିକ, ସୁମିତ୍ରା ସାହୁ, କୁନି ସିଂ,ମାନସ ମଲିକ, ସୁରେନ୍ଦ୍ର ତରାଇ,ସସ୍ମିତା ଜେନା,ରାମ ଚନ୍ଦ୍ର ସେଠୀ, ଡଲି ପରିଡା, ଲିଲି ମଲିକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଶାସନ ସହଯୋଗରେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସମିତି ସଭ୍ୟମାନଙ୍କ ଏକତା ଓ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଂଘ ଗଠନ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ତଦନୁଯାୟୀ ପଟ୍ଟାମୁଣ୍ଡାଇ ସମିତି ସଭ୍ୟ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି - ଅଭୟ କୁମାର ସ୍ୱାଇଁ, ଉପସଭାପତି -ଜୟନ୍ତୀ ସ୍ୱାଇଁ, ସମ୍ପାଦକ- ଶଶାଙ୍କ ଶେଖର ବିଶ୍ୱାଳ,ସହସମ୍ପାଦକ - ବିଶ୍ୱରଞ୍ଜନ ଭୂୟାଁ,କୋଷାଧକ୍ଷ - ପର୍ଶୁରାମ ବେହେରା, ସହକୋଷାଧକ୍ଷ - ସ୍ମୃତିମୟୀ ମଲିକ ଓ ଉପଦେଷ୍ଟା କମିଟି ସଭ୍ୟ ଭାବେ ନିରଞ୍ଜନ ବାରିକ, ଅନ୍ନପୂର୍ଣ୍ଣା ମଲ୍ଲିକ, ମମତା ଜେନା, ଉତ୍ତମ ଜେନା ଓ ରେଣୁକା ସେଠୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଭାଗ୍ୟବତୀଙ୍କ ନଡ଼ା ଛପର ଘର



* ମଜୁରୀ ଲାଗିଲେ ଚୁଲି ଜଳୁଛି
* କାର୍ଯ୍ୟ ଆରମ୍ଭରୁ ଅଟକିଛି ଆବାସ ଗୃହ
* ବର୍ଷା ଓ ଶୀତରେ ଭୋଗୁଛନ୍ତି ଦୁର୍ଦ୍ଦଶା

**ଗରଦପୁର,୨୮।୨ (ସଂଚାର ବ୍ୟୁରୋ):** ମଜୁରୀ ଲାଗିଲେ ପରିବାର ଚଳୁଛି ଘରେ ଏକ ମାତ୍ର ବ୍ୟକ୍ତି ରୋଜଗାରକୁ ୫ ଜଣ ସଦସ୍ୟ ଭରସା କରୁଛନ୍ତି । ଘରଡିହ ବ୍ୟତୀତ ଚାଷ ଜମି ଗୁଣ୍ଠେ ନାହିଁ । ଦଦରା କାଛ ଓ ପଲିଥିନ୍ ଟଙ୍ଗା ଚାଳ ଛପର ଘର ବ୍ୟତୀତ ଆଉ କିଛି । ଅର୍ଥ ଅଭାବରୁ ୩ ବର୍ଷ ହେଲା ଘର ଛପର ହୋଇ ନ ଥିବାରୁ ବର୍ଷା, ଖରା ଏବଂ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଚାଳ ଛପର ଉପରେ ପଡ଼ିଛି ପଲିଥିନ୍ ପାଲ। ସେହି ଭଙ୍ଗା କୁଡ଼ିଆରେ ରହୁଛନ୍ତି ୫ ଜଣ। ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଅଧାପନ୍ତରିଆ ହୋଇ ପଡ଼ିରହିଛି। ମୂଲମଜୁରି, ବିଧବା ଭତ୍ତା ଓ ରେସନ କାର୍ଡରେ ମିଳୁଥିବା ଚାଉଳରେ ପରିବାର ଚଳୁଛି।

ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ କିଣିଲୋ ଗ୍ରାମର ସ୍ୱର୍ଗତ ବ୍ରଜବନ୍ଧୁ ବାରିକଙ୍କ ପତ୍ନୀ ଭାଗ୍ୟବତୀ ବାରିକ (୭୦) । ଗୋଟିଏ ପୁଅ, ବୋହୂ ଓ ଦୁଇ ନାତିନାତୁଣୀଙ୍କୁ ନେଇ ତାଙ୍କ ପରିବାର। ବ୍ରଜବନ୍ଧୁଙ୍କର ଦୁଇ ବର୍ଷ ହେଲା ମୃତ୍ୟୁ ଘଟିଛି। ଜମିବାଡ଼ି ନ ଥିବାରୁ ଏକମାତ୍ର ପୁଅ ମୂଲମଜୁରି ଲାଗି ପରିବାର ଚଳାଉଛି। ଭଙ୍ଗା ଛପର ଘର ଛଡ଼ା ଆଉ କିଛି ନାହିଁ। ଦୁଇ ମାସ ପୂର୍ବେ ଦୁର୍ବୃତ୍ତମାନେ ଘରେ ପଶି କୌଣସି ଜିନିଷପତ୍ର ନ ପାଇବାରୁ ଭାଗ୍ୟବତୀ ଓ ତାଙ୍କ ବୋହୂଙ୍କୁ ମାରଧର କରିଥିଲେ । ସେହି ଭୟରେ ସେମାନେ ଛୁଆପିଲାଙ୍କୁ ଧରି ଶୀତରେ କିଛିଦିନ ପାଇଁ ଅନ୍ୟ ଘରେ ଆଶ୍ରୟ ନେଇଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଭାଗ୍ୟବତୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ମିଳିଥିଲା। ପ୍ରଶାସନ ପକ୍ଷରୁ ୪୦ ହଜାର ଟଙ୍କା ପ୍ରଥମ କିସ୍ତିରେ ମିଳିଥିଲା। ସେହି ଅର୍ଥରେ ଘର ନିର୍ମାଣ ପାଇଁ ଭାଗ୍ୟବତୀ ଇଟା, ବାଲି ରଡ ଆଣି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଘରର ଡିପିସି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହୋଇଛି। ମାତ୍ର ଘରେ ଅଭାବ ସାଙ୍ଗକୁ ବ୍ରଜବନ୍ଧୁଙ୍କର ଚିକିତ୍ସା ଓ ପରେ ବ୍ରଜବନ୍ଧୁଙ୍କ ମୃତ୍ୟୁ ହେବାରୁ ତାଙ୍କ ଶୁଦ୍ଧିକ୍ରିୟା ପାଇଁ ଆବାସ ଯୋଜନାରେ ମିଳିଥିବା ଟଙ୍କା ଖର୍ଚ୍ଚ ହୋଇଯାଇଛି। ଏବେ ଘର ଚଳିବା ପାଇଁ ଅର୍ଥର ସମସ୍ୟା ଥିବାବେଳେ, ଘର ନିର୍ମାଣ କଥା ପଚାରୁଛି କିଏ ବୋଲି ଭାଗ୍ୟବତୀ ପ୍ରକାଶ କରିଛନ୍ତି।

ଏପରି ଅବସ୍ଥାରେ ରହିଥିବା ପରିବାରକୁ ପ୍ରଶାସନ ସହାୟତା ପ୍ରଦାନ କରିବା ଓ ମିଳିଥିବା ଆବାସ ନିର୍ମାଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୨୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ପ୍ରଭାକର ମଲ୍ଲିକ ଆଜି ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏନେଇ ଆଜି କଲେଜ ପରିସର ରେ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ରାଜ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ସଭାପତି ଗୋଲଖ ଚନ୍ଦ୍ର ମହାଭୋଇ, ସଂଗଠନ ସମ୍ପାଦକ ଡଃ. ଦିଲ୍ଲୀପ କୁମାର ମିଶ୍ର, ଅଧ୍ୟାପକ ପ୍ରଭାକର ସାମଲ ଏବଂ ପୂର୍ବତନ ଛାତ୍ର ସଂସଦର ସଭାପତି ଅଧ୍ୟାପକ ନନ୍ଦ କିଶୋର ପରିଡା,ଡକ୍ଟର ପ୍ରମୋଦ କୁମାର ଦାସ, ଜିଲ୍ଲା ସଂପାଦକ ରଂଜିତ କୁମାର ଦାସ, କଲେଜର ସଭାପତି ମଞ୍ଜୁବାଳା ଦାସ, ସଂଯୁକ୍ତା ଦାସ ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ. ଜ୍ଞାନେନ୍ଦ୍ର କୁମାର ଦାସ ପ୍ରମୁଖ ଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଜୁବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନକିଣା ଟାର୍ଗେଟ୍ ବୃଦ୍ଧି ପାଇଁ ଦାବି



**କେନ୍ଦ୍ରାପଡ଼ା,୨୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ନରସିଂହପୁର କୃଷି ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଚାଷୀ ନେତା ନୀର ପଟ୍ଟନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଧାନକ୍ରୟ ଲକ୍ଷ୍ୟ ବଢାଇବା ପାଇଁ ଦାବି କରିଛନ୍ତି । ଏହି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀ ମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ପ୍ରାୟ ଶତାଧିକ ଚାଷୀ ଧାନ ବିକ୍ରୟର ସୁଯୋଗ ପାଇପାରି ନାହାଁନ୍ତି । ମଣ୍ଡିକୁ ଅଧିକ ୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ କ୍ଷମତା ପ୍ରଦାନ କରିବାକୁ ଜିଲ୍ଲପାଳ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏନେଇ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଚାଷୀ ଅଜୟ କୁମାର ଦାସ, ଚକ୍ରଧର ଦାସ, ସତ୍ୟବାନ ବାରିକ, ଶିବ ପ୍ରସାଦ ଦାସ, କୁଞ୍ଜ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ବାଚନ ମଣ୍ଡଳୀସ୍ତରୀୟ ବିକାଶ ପାଇଁ ବୈଠକ




**ମହାକାଳପଡ଼ା,୨୮।୨ (ସଂଚାର ବ୍ୟୁରୋ):** ଆଜି ପଞ୍ଚାୟତ ସମିତି, ମହାକାଳପଡ଼ା ସଭାଗୃହ ରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ମହାକାଳପଡ଼ା,ମାର୍ଶାଘାଇ ବ୍ଲକର ବିଡିଓ,ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ମଣ୍ଡଳୀର ସମସ୍ୟା ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ନିର୍ବାଚନ ମଣ୍ଡଳୀ ଦୁଇଟି ବ୍ଲକ୍ ଯଥା ମହାକାଳପଡ଼ା ଓ ମାର୍ଶାଘାଇ ରେ କ'ଣ କ'ଣ କାମ ଅଧାରେ ରହିଛି ଓ ଆଉ କେଉଁ କାର୍ଯ୍ୟ ହେବାକୁ ଅଛି ତାହା ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ଅଧା ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଓ ବିଧାୟକ। ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ ରେ ସମସ୍ତଙ୍କ ସହଯୋଗ ରହିଲେ ଏକ ନୂଆ ଓ ବିକଶିତ ମହାକାଳପଡ଼ା ଗଠନ ହୋଇ ପାରିବ ବୋଲି ବିଧାୟକ ସମସ୍ତଙ୍କୁ କହିଥିଲେ।

### ଗଛ କାଟି ଗୋଚର ଜମିରେ ଘର ନିର୍ମାଣ

# ତହସିଲଦାରଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡ଼ା,୨୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଭରତପୁର ପଂଚାୟତ ଖଣ୍ଡିଆବନ୍ଧି ଗ୍ରାମରେ ଥିବା ସରକାରୀ ଗୋଚର ଜମିରୁ ସେଠାକାର ଜଣେ ବ୍ୟକ୍ତି ବଡବଡ ଗଛ କାଟି ବିକିବା ସହିତ ଗୋଚର ଜମି ଉପରେ ଗୃହ ନିର୍ମାଣ କରୁଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଭରତପୁର ପଂଚାୟାତ ୱାର୍ଡ ନଂ-୭, ଶ୍ୟାମସୁନ୍ଦରପୁର ପଂଚାୟତ ୱାର୍ଡ ନଂ-୧୬ର ବାସିନ୍ଦା ମାନେ ସେଠାରେ ଥିବା ଗୋଚର ଜମି ଉପରେ ବିଜୟ କେତନ ସେଠୀ ନାମକ ଜଣେ ବ୍ୟକ୍ତି ଜୋର ଜବରଦସ୍ତ ଘର ନିର୍ମାଣ କରୁଥିବାର



ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ସୁରେଶ ନାୟକ, ରବିନ୍ଦ୍ର ମଲୀକ, କେଶବ ସ୍ୱାଇଁ, ରଶ୍ମି ରଂଜନ ସାମଲ ପ୍ରମୁଖ ତହସିଲଦାର ତାପସ ରଂଜନ ଦେହୁରୀଙ୍କୁ ଅଭିଯୋଗ କରି ତୁରନ୍ତ ଗୋଚର ଜମିରେ ଗୃହ ନିର୍ମାଣ ବନ୍ଦ କରିବାକୁ ଦାବି କରିଛନ୍ତି ।

# ଅବକାରୀ ବିଭାଗ ପକ୍ଷରୁ ମଦ ଜବତ, ୭ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୨୮।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ,ରାଜକନିକା, ତନ୍ତିଆପାଳ ମେରେଇନ, ପାଟକୁରା, ସଦର, କୁଦାନଗରୀ ଏବଂ ପଟ୍ଟାମୁଣ୍ଡାଇ ଟାଉନ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଅବକାରୀ ଅଧିକ୍ଷକ, ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧନରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୩୫୩ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଏବଂ ୨ ଗୋଟି ମୋଟର ସାଇକେଲ ସହିତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇ। ଏମାନେ ହେଲେ ମାଟିଆ ଗ୍ରାମର ପ୍ରକାଶ ମଲିକ, ଯମପଡା ଗ୍ରାମର ଗୌତମ ଦାସ, , ଲୋକନଥପୁର ଗ୍ରାମର ବୈରାଗି ମଲିକ, ଆମ୍ବୁରା ଗ୍ରାମର ପ୍ରଦୀପ ସେନାପତି,ପଞ୍ଚୁପାଣ୍ଡବ ଗ୍ରାମର ବିପିନ ଘଡେଇ,ଏକଲପୁର ଗ୍ରାମର ସରୋଜ ରାଉତ ଏବଂ ଅହମଦପୁର ଗ୍ରାମର ଅନ୍ତରଯାମି ମଲିକ ଏମାନଙ୍କୁ ଗିରଫ କରାଯାଇ ପାଖରୁ ୩୫୩ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ, ସେ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଭିତରକନିକାରୁ ହରିଣ ଫାଶ ସହ ଶିକାରୀ ଗିରଫ



**ରାଜନଗର,୨୮।୨ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ସଂରକ୍ଷିତ ଜଙ୍ଗଲରେ ହରିଣ ଶିକାର ପାଇଁ ଫାଶ ବସାଇଥିବା ବେଳେ ବନ ବିଭାଗ ପ୍ରତ୍ରୋଲିଙ୍ଗ ଟିମ ଫାଶ ସହ ଶିକାରୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ବାଘୁଆ ଗାଁର ବାବୁଲି ଜେନା ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ସଂରକ୍ଷିତ ଜଙ୍ଗଲର ଢୋଢୋୟା ଜୋରରେ ମାଛ ମାରିବା ପାଇଁ ଜାଲ ବସାଇବା ସହିତ ହରିଣ ଶିକାର ପାଇଁ ଫାଶ ବସାଇଥିଲା। ଏସିଏଫ ମାନସ କୁମାର ଦାସ ଖବର ପାଇ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ବବୁଲ କୁମାର ପରିଡା, ସୁନୀଲ ରଞ୍ଜନ ରାଉତରାୟ ପ୍ରମୁଖ ସଦଳ ବଳେ ଚଢାଉ କରି ଜାଲ, ହରିଣ ଫାଶ ଜବତ କରିବା ସହିତ ଶିକାରୀକୁ ଗିରଫ କରିଥିଲେ। ଅଭିଯୁକ୍ତ ନିକଟରୁ ଗୋଟିଏ କଟୁରି, ଦୁଇଟି ହରିଣ ଧରା ଫାଶ, ଗୋଟିଏ କୁରାଢି, ଗୋଟିଏ ଜାଲ ଜବତ କରାଯିବା ସହିତ କୋର୍ଟ ଚାଲାଣ କରାଯାଇଛି।

# ରାଜନଗର ଦୋଳମେଳଣ ପ୍ରସ୍ତୁତି ବୈଠକ

**ରାଜନଗର,୨୮।୨ (ସଂଚାର ବ୍ୟୁରୋ):** ରାଜନଗରର ଅନ୍ୟତମ ଗଣପର୍ବ ଦୋଳ ମେଳଣ ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୋଳ ମେଳଣ କମିଟିର ସଭାପତି ତଥା ଆଇଆଇସି ନରେଶ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ଦୋଳ ମେଳଣକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ ଓ ଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଛି।



ଚଳିତବର୍ଷ ରାଜନଗର ବ୍ଲକ ପଡ଼ିଆରେ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ୩୪ ବିମାନ ଥାଟପାଟରେ ମେଳଣ ପଡ଼ିଆକୁ ଆସିବେ। ଚଳିତବର୍ଷ ସମ୍ପୂର୍ଣ୍ଣ ପାରମ୍ପାରିକ ବାଦ୍ୟ ଓ ରୋଷଣୀ ମାଧ୍ୟମରେ ଠାକୁରଙ୍କୁ ମେଳଣ ପଡ଼ିଆ ଯାଏଁ ପାଛୋଟି ଅଣାଯିବା ନିଷ୍ପତି ନିଆଯାଇଛି। ଏହି ବୈଠକରେ ରାଧାକୃଷ୍ଣ ମେଳଣ କମିଟିର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ରମେଶ କୁମାର ଲାଲ, ପଣ୍ଡିତ ଶଙ୍କରର୍ଷଣ ମିଶ୍ର, ଚିତ୍ତ ରଂଜନ ଦାସ, ନାରାୟଣ ମାହୁନ୍ତ, ମୃତ୍ୟୁଞ୍ଜୟ ମିଶ୍ର, ଭାସ୍କର ରାଉତରାୟ, ବିଜୟ କୁମାର ଗୁପ୍ତା, ବିଚିତ୍ର କୁମାର ମଲିକ, ବିଭୁତି ନାୟକ, ଅନିରୁଦ୍ଧ ପରିଡା, ସହଦେବ ସାହୁ, ଶୁନ୍ୟବାସୀ ରଣା, ପ୍ରେମାନନ୍ଦ ଲେଙ୍କା, ପ୍ରଭାତ କିଶୋର ପଣ୍ଡା, ନଟବର ନାୟକ, ରାଜେନ୍ଦ୍ର ପ୍ରଧାନ, କୈଳାସ ଦାସ, ଲମ୍ବୋଦର ରାଉତ, ସୁବାଷ ଚନ୍ଦ୍ର ଦାଶ, ଶିବରାମ ସାମଲ, ନୃସିଂହ ଚରଣ ଲେଙ୍କା, ଅଇରା ଲେଙ୍କା ପ୍ରମୁଖଙ୍କ ସମେତ ବିଭିନ୍ନ ବିମାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ସଭା ପ୍ରାରମ୍ଭରୁ ଦୋଳ ମେଳଣ କମିଟିର ବରିଷ୍ଠ ସଦସ୍ୟ ଦିବଙ୍ଗତ ରବୀନ୍ଦ୍ର ନାଥ ନାୟକ ଓ ଲଛମନ ବିଶ୍ୱାଳଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଚଳିତ ବର୍ଷ ମେଳଣ କୁ ଶାନ୍ତି ଶୃଙ୍ଖଳା ରେ ସମାପ୍ତ କରିବା ପାଇଁ ମତ ଦେଇଥିଲେ। ବ୍ଲକର ସମସ୍ତ ମଠ, ମନ୍ଦିରର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଛାତ୍ରବୃତ୍ତି ପାଇଲେ ସୋହିନୀ ଶୁଭଦର୍ଶିନି



**ମହାକାଳପଡ଼ା,୨୮।୨ (ସଂଚାର ବ୍ୟୁରୋ):** ସୋହିନୀ ଶୁଭଦର୍ଶିନି ଜେନା ଚଳିତ ବର୍ଷ ୨୦୨୪-୨୫ ପାଇଁ ଛାତ୍ରବୃତ୍ତି ପାଇଛନ୍ତି। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ସାନମେରଦା ଗ୍ରାମର ଚନ୍ଦ୍ରପ୍ରକାଶ ଜେନା ଓ ସୌଦାମିନି ମହାନ୍ତିଙ୍କ ଏକମାତ୍ର ଝିଅ ହେଉଛନ୍ତି ସୋହିନୀ ଶୁଭଦର୍ଶିନି। ସେ ଏବେ ସରକାରୀ ଗଜେଶ୍ୱର ବିଦ୍ୟାପୀଠରେ ୩ୟ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଝିଅର ସଫଳତାରେ ବାପା ମାଆଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିବା ସହ ସୋହିନୀ ଶୁଭଦର୍ଶିନିର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେବାକୁ ଆଶା ରଖିଛନ୍ତି।

## ସୌଭାଗ୍ୟ-ସାଗରିକାଙ୍କ କିଲିମାଞ୍ଜାରୋ ଆରୋହଣ

● ପ୍ରଥମ ଓଡ଼ିଆ ଦମ୍ପତି ହେବାର ଗୌରବ

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଓଡ଼ିଆ ଦମ୍ପତି ସୌଭାଗ୍ୟ ରଥ ଓ ସାଗରିକା ରଥ ତାଞ୍ଜାନିଆର ବିଖ୍ୟାତ କିଲିମାଞ୍ଜାରୋ ଶୃଙ୍ଗ ସଫଳତାର ସହ ଆରୋହଣ କରିଛନ୍ତି। ସ୍ଥାନୀୟ ସମୟ ସକାଳ ୭ଟା ତଥା ଭାରତୀୟ ସମୟ ସକାଳ ୯.୩୦ରେ ସେମାନେ ଶୃଙ୍ଗ ଆରୋହଣ ପ୍ରକ୍ରିୟା ଆରମ୍ଭ କରିବା ପରେ ରୋଙ୍ଗାଇ ଗେଟ୍ ବାଟ ଦେଇ ଗିଲମାନ ପଏଣ୍ଟରେ ପହଞ୍ଚିଥିଲେ। ସେଠାରେ ଏହି ଓଡ଼ିଆ ଦମ୍ପତି ୫୬୮୧ ମିଟର ଆରୋହଣ କରି କିବୋ ହଟରେ ଥିବା ବେସ୍‌କ୍ୟାମ୍ପରେ ପହଞ୍ଚିଥିଲେ। ସେତେବେଳେ ସେଠାରେ ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ଥିବା ବେଳେ ଚାରିଆଡ଼େ କେବଳ ବରଫ ଥିଲା। ଏହାଛଡ଼ା ତୁଷାରପାତ ଲାଗି ରହିଥିଲେ ମଧ୍ୟ ଏହାକୁ ଖାତିର୍ ନ କରି ଏହି ଓଡ଼ିଆ ଦମ୍ପତି ରେକର୍ଡ ବୁକ୍‌ରେ ନିଜ ନାମ ଦରଜ କରିଛନ୍ତି।




ଶୃଙ୍ଗ ଶୀର୍ଷରେ ପହଞ୍ଚିବା ପରେ ସେମାନେ ତ୍ରିରଙ୍ଗା ଉଡ଼ାଇବା ସହିତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଉଭୟ ପାରମ୍ପରିକ ଓଡ଼ିଆ ପୋଷାକ ମଧ୍ୟ ପରିଧାନ କରିଥିଲେ। ଏପରି ସଫଳତା ପାଇବାରେ ଉଭୟ ପ୍ରଥମ ଓଡ଼ିଆ ଦମ୍ପତି ହୋଇଛନ୍ତି। ଆଇରନ୍ ମ୍ୟାନ୍ ଭାବେ ପରିଚିତ ସୌଭାଗ୍ୟ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଟ୍ରାନ୍ସମିଶନ ଏକଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିବା ବେଳେ ସାଗରିକା ଭେଟେନାରୀ ଡାକ୍ତର ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହ ସେ ପ୍ରଥମ ସରକାରୀ ମହିଳା କର୍ମଚାରୀ ଭାବେ ମଧ୍ୟ ଶୃଙ୍ଗ ଚଢ଼ି ଅନନ୍ୟ ସଫଳତା ଅର୍ଜନ କରିଛନ୍ତି।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ: ଅଭିଯୁକ୍ତ ଫେରାର ମା’ ମୃତଦେହ ଜଗିଛନ୍ତି ୩ ଛୁଆ

**ଦେବଗଡ଼,୨୮।୨(ସଂଚାର ବ୍ୟୁରୋ):** ବାପା ମାଡ଼ରେ ମା’ ମୃତ୍ୟୁବରଣ କରିବା ପରେ ଏବେ ମା’ର ମୃତଦେହକୁ ଜଗିଛନ୍ତି ୩ ସନ୍ତାନ। କାରଣ ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ବାପା ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଝରାଡିହ ଗାଁରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତକାଲି ରାତିରେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଛତାବର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ସ୍ୱାମୀ। ତେବେ ସେଠାରେ ସ୍ତ୍ରୀର ମୃତ୍ୟୁ ଖବର ପାଇ ଡାକ୍ତରଖାନାରେ ୩ ସନ୍ତାନଙ୍କୁ ଛାଡ଼ି ଫେରାର ହୋଇଯାଇଛି ସ୍ୱାମୀ। ଗତକାଲି ରାତିସାରା ମହିଳାଙ୍କ ମୃତଦେହ ଡାକ୍ତରଖାନା ବାରଣ୍ଡାରେ ପଡ଼ିରହିଥିବା ବେଳେ ୩ ସନ୍ତାନ ମା’ର ମୃତଦେହକୁ ଜଗି ବସିଥିଲେ। ମୃତ ମହିଳା ଅରଖପାଳ ଗାଁର ଚଞ୍ଚଳା ପ୍ରଧାନ। ୮ ବର୍ଷ ପୂର୍ବେ ଝରାଡିହ ଗାଁର ବିଭୁତି ଭୂଷଣ ପ୍ରଧାନଙ୍କ ସହ ପ୍ରେମ ବିବାହ କରିଥିଲେ। ବିଭୁତିଙ୍କ ୩ଟି ପୁତ୍ର ସନ୍ତାନ ରହିଛି। ଅନେକ ସମୟରେ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ ଲାଗିରହୁଥିଲା। ତେବେ ଗତକାଲି ସନ୍ଧ୍ୟାରେ କୌଣସି କାରଣକୁ ନେଇ ସ୍ତ୍ରୀ ଚଞ୍ଚଳାକୁ ଅଭିଯୁକ୍ତ ବିଭୁତି ନିସ୍ତୁକ ମାଡ଼ ମାରିଥିଲା। ଖବର ପାଇ ଚଞ୍ଚଳାଙ୍କ ବାପା ନିକଟସ୍ଥ ଅରଖପାଳ ଗ୍ରାମରୁ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଚଞ୍ଚଳାଙ୍କୁ ଅଚେତ ଅବସ୍ଥାରେ ନିକଟସ୍ଥ ଛତାବର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୃତକଙ୍କ ପରିବାର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। କୁଣ୍ଢେଇଗୋଳା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଭିଯୁକ୍ତ ବିଭୁତିକୁ ଠାବ କରିପାରିନାହିଁ।

## ଜଙ୍ଗଲରେ ନିଆଁ, ମୂଲ୍ୟବାନ ଗଛ ଧ୍ୱଂସ

**ରେଢ଼ାଖୋଲ,୨୮।୨(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ। ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ। କେତେକ ଦୁର୍ବୃତ୍ତଙ୍କ ପାଇଁ ନାକେଦମ ହେଉଛି ବନ ବିଭାଗ। ଖୋଲଗଡ, ରାଇଲ, ହାତୀଧରା, ଟାଲ ସଂରକ୍ଷିତ ଜଙ୍ଗଲ ସମେତ ବଡ଼ମାଲ, ଚାରମାଲ ଓ ବଡ଼ବାହାଲ ରେଞ୍ଜର ହାତୀବାହାଲ, ପଣ୍ଡକିମାଲ, ମହୁଲମୁଣ୍ଡା ଓ ତନ୍ତଗାର୍ଡର ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟଭ୍ରଷ୍ଟ ହୋଇଯାଉଛି। ଶାଳ ପିଆଶାଳ ଆଦି ଗଛ ବି ପୋଡ଼ି ଧ୍ୱଂସ ହେଉଛି। ଏବେ ମହୁଲ ଓ କେନ୍ଦୁ ଗଛରେ ନିଆଁ ଲାଗିଛି। କେତେକ ଲୋକ ମହୁଲ ଫୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସକାଶେ ନାନାଦି ଉଦ୍ୟମ ହେଉଥିଲେ ମଧ୍ୟ ଏହାର ସୁଫଳ ମିଳିପାରୁନାହିଁ। ତେବେ ଏନେଇ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।



ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଉପଢ଼ୌକନ ପ୍ରଦାନ କରୁଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ବାସଭବନରେ ଶୋକସନ୍ତପ୍ତ ପରିବାର ସହ ଆଲୋଚନା କରୁଛନ୍ତି। ସତ୍ୟନଗର ଶ୍ମଶାନରେ ଉତ୍ତମଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

### ରାସାୟନିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା

## ୧୬ ଜିଲ୍ଲାର ୨୪ ଶିଳ୍ପାନୁଷ୍ଠାନରେ ମକ୍ ଏକ୍ସରସାଇଜ୍



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ରାସାୟନିକ ବିପର୍ଯ୍ୟୟର ମୁକାବିଲା ଓ ଏହିଭଳି ଆପଦକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ଆଜି ୧୬ ଜିଲ୍ଲାର ୨୪ଟି ଶିଳ୍ପାନୁଷ୍ଠାନଠାରେ ମକ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଛି। ଏହି ଏକ୍ସରସାଇଜ୍‌ର ମୁଖ୍ୟ ଉଦ୍ଦେଶ୍ୟ ରାଜ୍ୟର ଶିଳ୍ପାନୁଷ୍ଠାନରେ ଯଦି ଭବିଷ୍ୟତରେ କୌଣସି ପ୍ରକାର ରାସାୟନିକ ଗ୍ୟାସ୍ ଲିକ୍ ହୁଏ, ବିସ୍ଫୋରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦୁର୍ଘଟଣା ଘଟେ, ତାହାକୁ ତ୍ୱରିତ ବେଗରେ ପ୍ରଭାବଶାଳୀ ଢଙ୍ଗରେ ପ୍ରଶମନ କରାଯିବା ସକାଶେ ପ୍ରସ୍ତୁତି। ଏହା ଉକ୍ତ ସମ୍ପର୍କିତ ଏକ ଜରୁରୀକାଳୀନ ତାଲିମ। ଏଥିରେ ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା, ଜାତୀୟ ଓ ରାଜ୍ୟସ୍ତରୀୟ ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ପ୍ରଭାବିତ ହେବାକୁ ଥିବା ଜନସାଧାରଣ ସମସ୍ତେ ସାମିଲ ହୋଇଥିଲେ।

ଏହି ମକ୍ ଏକ୍ସରସାଇଜରେ ଜରୁରୀକାଳୀନ ପ୍ରତିକ୍ରିୟାକୁ ଶୃଙ୍ଖଳିତ କରିବା, ଖାଲିଥିବା ସ୍ଥାନ ଚିହ୍ନଟ କରିବା, ପ୍ରାରମ୍ଭିକ ଚେତାବନୀ, ସତର୍କତା, ନିରାପତ୍ତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିଳ୍ପାନୁଷ୍ଠାନଗୁଡ଼ିକର ଗଚ୍ଛିତ ରାସାୟନିକ ପଦାର୍ଥ ଏବଂ ବିପଜ୍ଜନକ ଓ ଦହନଶୀଳ ସାମଗ୍ରୀଗୁଡ଼ିକ ଏହି ଆଧାରରେ ଚିହ୍ନଟ କରି ମକ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଛି। ଆପଦକାଳୀନ ପରିସ୍ଥିତିର ସମ୍ମୁଖୀନ ହେବା ସକାଶେ ପ୍ରସ୍ତୁତି ସ୍ୱରୂପ ନିକଟସ୍ଥ ଗ୍ରାମବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏନ୍‌ଡିଆରଏଫ୍, ଓଡ୍ରାଫ୍, ସିଆଇଏସଏଫ୍, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଶିଳ୍ପାନୁଷ୍ଠାନ, ସ୍ଥାନୀୟ ପୁଲିସ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧି ଏହି ପ୍ରାକ୍ ପ୍ରସ୍ତୁତିରେ ସାମିଲ ହୋଇଥିଲେ। ଏଥିସହ ସହ ଫ୍ୟାକ୍ଟ୍ରି ଓ ବଏଲର ନିର୍ଦ୍ଦେଶାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଭାରତୀୟ ସେନା, ବାୟୁସେନା, ନୌସେନା, ସିଆଇଏସ୍‌ଏଫ୍ ଭଳି ସଂଗଠନରୁ ରାଜ୍ୟସ୍ତରୀୟ ବୈଷୟିକ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଥିଲା।

ଏନ୍‌ଡିଆର୍‌ଏଫ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟରଠାରେ ଓଏସ୍‌ଡିଏଫ୍ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଏହି ମକ ଏକ୍ସରସାଇଜ୍‌ର ତଦାରଖ କରିଥିଲେ। ଏକ୍ସରସାଇଜ୍ ଶେଷ ହେବା ପରେ ସ୍ଥାନୀୟ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟରଠାରେ ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ୧୬ ଜିଲ୍ଲା ପ୍ରଶାସନର ଅଧିକାରୀ, ଚିହ୍ନଟ ଶିଳ୍ପାନୁଷ୍ଠାନର ପ୍ରତିନିଧି, ମନୋନୀତ ଇନସିଡେଣ୍ଟ କମାଣ୍ଡର ଓ ବୈଷୟିକ ପର୍ଯ୍ୟବେକ୍ଷକ ଏହି ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ନିଜ ନିଜର ମତ ଓ ଅନୁଭୂତି ଏବଂ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଏକ୍ସରସାଇଜରୁ ମିଳିଥିବା ଅଭିଜ୍ଞତା ଆଧାରରେ ଆଗାମୀ ଦିନରେ ରାସାୟନିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ।

● ବେଦାନ୍ତ ଲାଞ୍ଜିଗଡ଼ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

## ଗ୍ରାମାଞ୍ଚଳ ଯୁବକଙ୍କୁ ଦେଉଛି ରୋଜଗାର



**ଲାଞ୍ଜିଗଡ଼,୨୮।୨(ସଂଚାର ବ୍ୟୁରୋ):** ବ୍ୟାପକ ତାଲିମ ଏବଂ ବର୍ଦ୍ଧିତ ନିଯୁକ୍ତି ସୁଯୋଗ ସହିତ ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି କରି ବେଦାନ୍ତ ଲାଞ୍ଜିଗଡ଼ର ଉଚ୍ଚାଭିଳାଷୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଏସଡିପି) ରାଜ୍ୟର କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଞ୍ଚଳରେ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତ କରୁଛି। ବେଦାନ୍ତର ପ୍ରୋତ୍ସାହନ ପଦକ୍ଷେପ ଏସ୍‌ଡିପି ଗ୍ରାମୀଣ ଜୀବିକା ବୃଦ୍ଧି ଏବଂ କେନ୍ଦ୍ର ସରକାର ବିକଶିତ ଭାରତ ମିଶନ ସହ ଆର୍ଥିକ ବିକାଶକୁ ଆଗେଇ ନେଇ ଯୁବକମାନଙ୍କୁ ରୋଜଗାରର ସୁଯୋଗ ଦେଇଛି। ଏସ୍‌ଡିପିର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରି ବେଦାନ୍ତ ଆଲୁମିନା ବିଜନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତରେ ଆମର ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କ ସାମର୍ଥ୍ୟ, ଆମର ଲାଭାଂଶ, ସେମାନଙ୍କୁ ବ୍ୟାପକ ଶିଳ୍ପ-ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରିବା।

ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରି ଆଶାଜନକ କ୍ୟାରିଅର୍ ପ୍ରଦାନ କରିବା। ଏହି ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଆମେ ପରିଚାଳନା କରୁଥିବା ଅଞ୍ଚଳରେ ଏକ କୁଶଳୀ ଏବଂ ଆତ୍ମନିର୍ଭରଶୀଳ ମାନବସମ୍ବଳ ସୃଷ୍ଟି ପାଇଁ ଆମର ପ୍ରତିବଦ୍ଧତାର ଉଦାହରଣ। ଏହି ପଦକ୍ଷେପର ଉଦ୍ଦେଶ୍ୟ ୩ ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ତାଲିମ ସହ ଉଦ୍ୟୋଗୀ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ଆତ୍ମନିର୍ଭର ଭାରତର ପରିକଳ୍ପନା ସହ ସମନ୍ୱୟ ପୂର୍ବକ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦ୍ୱାରା ୧୫ଟି ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଏବଂ ପାନୀୟ ବ୍ୟବସାୟରେ ସଫଳତାର ସହ ତାଲିମ ଦିଆଯାଇଛି । ଏଗାରଟି ରାଜ୍ୟରେ ୧୨ରୁ ଅଧିକ ନିଯୁକ୍ତି ଅଂଶୀଦାରଙ୍କ ଏକ ବ୍ୟାପକ ନେଟୱାର୍କ ଦ୍ୱାରା ୬୩୨ ଜଣ ତାଲିମପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ ୪୭୫ ଜଣ ସଫଳ ଭାବରେ ପ୍ରତିଷ୍ଠିତ ସଂସ୍ଥା ଅବସୋଲ୍ୟୁଟ୍ ବାର୍ବେକ୍ୟୁ ନେସନ୍, ଗଲ୍ଫ କ୍ଲବ୍, କ୍ଲବ୍ ମହିନ୍ଦ୍ରା, ବେଲଜିୟମ୍ ୱାଫଲ୍ ଇତ୍ୟାଦିରେ ସ୍ଥାନ ପାଇଛନ୍ତି । ହାରାହାରି ୧.୨୦ ଲକ୍ଷ ଟଙ୍କାର ବାର୍ଷିକ ପ୍ୟାକେଜର ଜୀବିକା ସୁରକ୍ଷିତ କରିବାରେ ସେମାନଙ୍କୁ ସାହାଯ୍ୟ କରି, ଏହି ନିଯୁକ୍ତି ସେମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ ସହିତ ସେମାନଙ୍କ ପାରିବାରିକ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିଛି ।

## ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୮। ୨(ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୪୧ତମ ଶ୍ରାଦ୍ଧବାର୍ଷିକୀ ବିଧାନସଭା ପରିସରରେ ପାଳିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ୧୮୦୯ ଜାନୁଆରୀ ୨୩ ତାରିଖରେ ସମ୍ବଲପୁର ସହରଠାରୁ ୨୧ ମାଇଲ ଦୂରବର୍ତ୍ତୀ ବରଗାଁ ବା ଖିଣ୍ଡାରେ ସୁରେନ୍ଦ୍ର ସାଏକ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୮୨୭ରେ ସେ ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା ତାଙ୍କର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ହୋଇଥିଲା। ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ। ଓଡ଼ିଶାର ଏହି ବରପୁତ୍ର ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ ମତ ପୋଷଣ କରିଛନ୍ତି। ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ମୋଟୁରେ ବିଜେଡିର ପୋଲାଭରମ ବିରୋଧୀ ସମାବେଶ

## ଜାରି ରହିବ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଲଢ଼େଇ: ନବୀନ

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଗୋଦାବରୀ ନଦୀ ଉପରେ ନିର୍ମିତ ହେବାକୁ ଯାଉଥିବା ପୋଲାଭରମ ପ୍ରକଳ୍ପ ବିରୋଧରେ ଆଜି ମାଲକାନଗିରିର ମୋଟୁଠାରେ ବିରୋଧୀ ବିଜେଡିର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିରାଟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ବ୍ୟତୀତ ୧୪ଟି ଆଦିବାସୀ ସଂଗଠନର ପ୍ରତିନିଧି, ଦଳିତ ସମାଜ, ବହୁଜନ ସମାଜ ପାର୍ଟି ଆଦି ଦଳ ଓ ସଂଗଠନ ଅଂଶଗ୍ରହଣ କରି ପୋଲାଭରମ ପ୍ରକଳ୍ପ ବିରୋଧରେ ଲଢେଇ ଜାରି ରଖିବା ପାଇଁ ସଂକଳ୍ପ କରିଛନ୍ତି। ଏହି ସମାବେଶକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ପୋଲାଭରମ ପ୍ରକଳ୍ପ ମାଲକାନଗିରିର ଆଦିବାସୀଙ୍କ ସ୍ୱାର୍ଥବିରୋଧୀ। ଏହି ପ୍ରକଳ୍ପ ମାଲକାନଗିରିର ବହୁ ଗାଁକୁ ଜଳମଗ୍ନ କରିବ ଓ ହଜାର ହଜାର ଆଦିବାସୀ ସେମାନଙ୍କ ଭିଟାମାଟି ହରାଇବେ। ତେଣୁ ଏହାକୁ ବିଜେଡି କ୍ଷମତାରେ ଥିବା ସମୟରେ ବିରୋଧ କରିଥିଲା, ଯାହା ଫଳରେ ପ୍ରକଳ୍ପ କାମ ଧିମେଇଯାଇଥିଲା। କିନ୍ତୁ ବିଜେପି ସରକାର ଏହାକୁ ସମର୍ଥନ କରୁଛନ୍ତି, ଯାହା ଆଦିବାସୀଙ୍କ ସ୍ୱାର୍ଥବିରୋଧୀ। କିନ୍ତୁ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ ପ୍ରକଳ୍ପର ସଂଶୋଧିତ ନକ୍ସାର ଉପଯୁକ୍ତ ସମୀକ୍ଷା ଓ ମୂଲ୍ୟାୟନ ନ କରି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ଦ୍ୱାରା ଆମ ରାଜ୍ୟର ଆଦିବାସୀମାନେ ବଡ଼ ଧରଣର ବିପଦର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତେବେ ସମ୍ପ୍ରତି ରାଜ୍ୟର ଜଣେ ବିଶିଷ୍ଟ ଆଦିବାସୀ ନେତା କେନ୍ଦ୍ରରେ ଆଦିବାସୀ ବ୍ୟାପାର ଦାୟିତ୍ୱରେ ଥିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ସମ୍ପ୍ରଦାୟର ହୋଇଥିବାରୁ ସେମାନେ ନିଶ୍ଚିତ ଭାବେ ରାଜ୍ୟ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି ସେ ଆଶା କରିଛନ୍ତି। ସମାବେଶରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାକୃତ ଅବସର ନିୟମାବଳୀ ପରିବର୍ତ୍ତନ କର

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ବ୍ୟବସ୍ଥାରେ ସଂଶୋଧନ କରିବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓସିଏସ୍ (ପେନସନ) ନିୟମାବଳୀ, ୧୯୯୨ରେ ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ବ୍ୟବସ୍ଥାରେ ସଂଶୋଧନର ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ ଦର୍ଶାଇବା ସହ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ଜନୈକ ମେଡିକାଲ କଲେଜ ପ୍ରଫେସରଙ୍କ ସ୍ୱେଚ୍ଛାକୃତ ଅବସର ସଂକ୍ରାନ୍ତ ମାମଲାର ବିଚାର ସମୟରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ଖାରଜ କରିବା ସହ ହାଇକୋର୍ଟ ନିୟମାବଳୀରେ ସଂଶୋଧନ ପାଇଁ ଆସନ୍ତା ୩ ମାସ ମଧ୍ୟରେ ପଦକ୍ଷେପ ନେବାକୁ କହିଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ରଙ୍କ ଆବେଦନର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।



ଖଣ୍ଡପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଯେ ରାଜ୍ୟରେ ଡାକ୍ତର ଅଭାବ କେବଳ ଏକ ସମସ୍ୟା ନୁହେଁ, ଏହା ଏକ ଗଭୀର ସାର୍ବଜନିକ ଚିନ୍ତାର ପ୍ରସଙ୍ଗ। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ ସରକାର ସ୍ୱେଚ୍ଛାକୃତ ଅବସର ଆବେଦନ ଖାରଜ କରିବା କ୍ଷମତାକୁ ନିୟମବଦ୍ଧ କରିଛନ୍ତି। ସେବା ନିବୃତ୍ତ ପ୍ରସଙ୍ଗ ଜନସାଧାରଣଙ୍କ ମଙ୍ଗଳ ପ୍ରତି ବିପଦ ସୃଷ୍ଟି କରିବା କ୍ଷେତ୍ରରେ ଏହି କ୍ଷମତା ପ୍ରୟୋଗ କରାଯାଉଛି। କିନ୍ତୁ ରାଜ୍ୟରେ ବଳବତ୍ତର ଥିବା ଓସିଏସ୍ (ପେନସନ) ନିୟମାବଳୀ ଏହି ପ୍ରସଙ୍ଗରେ ନିରବ ରହିଛି। ଯେଉଁ ପେସାର ଅନୁପସ୍ଥିତିରେ ଜୀବନ ସଙ୍କଟରେ ପଡ଼ିଥାଏ, ତାହା ଇଚ୍ଛାମତେ ପ୍ରତ୍ୟାହୃତ ହୋଇପାରିବ ନାହିଁ। ଏହି ପ୍ରସଙ୍ଗକୁ ଅନ୍ୟ ରାଜ୍ୟ ସ୍ୱୀକୃତି ମଧ୍ୟ ପ୍ରଦାନ କରିଛନ୍ତି। ଏପରି ସୁରକ୍ଷା ବ୍ୟବସ୍ଥାର ଅଭାବ ରାଜ୍ୟରେ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି।

ଏଥିସହ ଖଣ୍ଡପୀଠ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଡାକ୍ତରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାକ୍ତରଙ୍କ ମାନସିକ ଓ ଶାରୀରିକ କଲ୍ୟାଣ ପ୍ରସଙ୍ଗ ସୁନିଶ୍ଚିତ କରାଯିବା ଉଚିତ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଚିକିତ୍ସକ ହେଉଛନ୍ତି କେନ୍ଦ୍ର। ତେଣୁ କ୍ଲିନିକାଲ୍ ଅପରେସନ, ନୀତି ନିର୍ଦ୍ଧାରଣ ପ୍ରସଙ୍ଗକୁ ପରିଚାଳିତ କରୁଥିବା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଭୂମିକା ରହିବା ଉଚିତ। ଚିକିତ୍ସକ ପେସାରେ ଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟସ୍ଥଳର ପରିସ୍ଥିତି, କ୍ଷତିଭରଣା ଓ ପ୍ରଶାସନିକ ଅଭାବ ପ୍ରସଙ୍ଗରେ ରହିଥିବା ଚିନ୍ତା ଓ ସମସ୍ୟାର ଆକଳନ ତଥା ସମାଧାନ ପାଇଁ ନିୟମିତ ସମୀକ୍ଷା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ଆବେଦନକାରୀ ଫିଜିଓଲୋଜି ପ୍ରଫେସର ଭାବେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଭବାନୀପାଟଣାସ୍ଥିତ ଏସଆରଏମ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପଦରେ ନିଯୁକ୍ତି ଦିଆଯାଇଥିଲା। ଗତବର୍ଷ ଏପ୍ରିଲ ୨୮ରେ ବଦଳି ଆଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ନୂଆ ପଦରେ ଯୋଗ ଦେବା ବଦଳରେ ଏହି ଆଦେଶକୁ ବାତିଲ କରି ପୁରୀସ୍ଥିତ ଏସଜେଏମସିଏଚରେ ତାଙ୍କୁ ଅବସ୍ଥାପିତ କରିବାକୁ ଆବେଦନକାରୀ ଦରଖାସ୍ତ ଦାଖଲ କରିଥିଲେ। ତାଙ୍କ ବଦଳି ଆଦେଶ ବାତିଲ ଅନୁରୋଧ ଅଗ୍ରାହ୍ୟ କରାଯାଇଥିଲା। ତୁରନ୍ତ ଏସଆରଏମ ମେଡିକାଲ କଲେଜରେ ଯୋଗଦେବାକୁ ତାଙ୍କୁ ୨୦୨୪ ଜୁନ ୨୦ରେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ୨୦୨୪ ଜୁନ ୨୪ରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନକାରୀ ଦରଖାସ୍ତ କରିଥିଲେ।

ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ଓସିଏସ ପେନସନ ନିୟମାବଳୀ ଅନୁସାରେ ଯଦି ଜଣେ ଆବେଦନକାରୀ ୨୦ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବେ, ତେବେ ତାଙ୍କୁ ସ୍ୱେଚ୍ଛାକୃତ ଅବସର ପାଇଁ ମନା କରାଯାଇପାରିବ ନାହିଁ। ଏହା ଉପରେ ଶୁଣାଣି କରି ହାଇକୋର୍ଟ ନିୟମାବଳୀରେ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅନଶନରତ ଚାଷୀନେତାଙ୍କୁ ଭେଟିଲେ ଭକ୍ତ




**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟାଳୟ ଗସ୍ତ କରି ସେଠାରେ ଚାଷୀର ସମସ୍ତ ଧାନକୁ ବିନା କଟନୀ ଛଟନୀ, ନିର୍ଦ୍ଧାରିତ ମୂଲ୍ୟ ଓ ଦୁର୍ନୀତି ବିବର୍ଜିତ କ୍ରୟ ଦାବିରେ ଅନଶନ କରୁଥିବା ସଂଗଠନର ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରିଛନ୍ତି। ତାଙ୍କ ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି ବୋଲି ଭକ୍ତ କହିବା ସହ ଦଳ ସଦାସର୍ବଦା ଚାଷୀର ସ୍ୱାର୍ଥ ପାଇଁ ସଂଗ୍ରାମ କରିଆସିଛି। ରାଜ୍ୟରେ ଏବେ ଏକ କୃଷକ ବିରୋଧୀ ସରକାର ଚାଲିଛି। ନିର୍ବାଚନ ପୂର୍ବରୁ କୃଷକମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାସୀନ ହେଲା ପରେ ଏହି ସରକାର କୃଷକମାନଙ୍କୁ ପ୍ରତାରିତ କରୁଛନ୍ତି। ପ୍ରତାରିତ ଓ ଅବହେଳିତ କୃଷକ ଓ କୃଷି ଶ୍ରମିକ ପାଇଁ ରାଜ୍ୟ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ପିସିସି ସଭାପତି ଶ୍ରୀ ଦାସଙ୍କ ସହ ଅନଶନସ୍ଥଳକୁ ମାନସ ଚୌଧୁରୀ, ବିଶ୍ୱଜିତ ଦାସ, ୟାସିର ନୱାଜ, ରଞ୍ଜିତ ପାତ୍ର, ରଜନୀ ମହାନ୍ତି, ମନୋଜ ବିଶ୍ୱାଳ, ଅମୀୟ ପଟ୍ଟନାୟକ, ଅମୀୟ ପାଣ୍ଡବ, ସୁବ୍ରତ ମହାପାତ୍ର, ପ୍ରଶାନ୍ତ ଚମ୍ପତି ଓ ମହମ୍ମଦ ପରଭେଜ ପ୍ରମୁଖ ଗସ୍ତ କରିଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଇ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ଦାଣ୍ଡଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।




# ସାଧୁତାର ମୁଖା ଖୋଲିଲା

ଆଇନ ଆଖିରେ ଅପରାଧୀଙ୍କୁ ଜେଲ, ଜୋରିମାନା ହେଉଛି। ଅନେକ ସମୟରେ ନିରପରାଧ ବ୍ୟକ୍ତି ମଧ ଦଣ୍ଡିତ ଏବଂ ଅପମାନିତ ହେଉଛନ୍ତି। କାରଣ ଚତୁର ବ୍ୟକ୍ତିମାନେ ଆଇନର ଗଳାବାଟ ଦେଇ ଖସିବା କୌଶଳ ଜାଣିଛନ୍ତି। ସେମାନେ ନିଜେ ତ ଖସି ଯାଉଛନ୍ତି, କିନ୍ତୁ ସେମାନଙ୍କ ପାଇଁ ନିରପରାଧ ବ୍ୟକ୍ତି ଦଣ୍ଡିତ ହେଉଛନ୍ତି। କିନ୍ତୁ ସବୁ ଦିନ ଚୋର ଘର ଅନ୍ଧାର ନଥାଏ। ଦିନେ ନା ଦିନେ ଚୋର ଧରାପଡ଼ିବ, ପ୍ରକୃତ ସତ୍ୟ ଉନ୍ମୋଚିତ ହେବ। ଏହା ହେଉଛି ପ୍ରକୃତିର ନିୟମ। ରାଜନୀତିରେ ମଧ ସମାନ ନିୟମ କାର୍ଯ୍ୟକାରୀ ହୋଇଥାଏ। ଦୀର୍ଘ ୪୦ ବର୍ଷ ପରେ କଂଗ୍ରେସ ନେତା ସଜ୍ଜନ କୁମାର ଦିଲ୍ଲୀ ଶିଖ ବିରୋଧୀ ଦଙ୍ଗାରେ ସମ୍ପୃକ୍ତି ଏବଂ ହତ୍ୟା, ଗୃହଦାହ, ଲୁଟ ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ବିଳମ୍ବରେ ହେଉ ପଛେ ନ୍ୟାୟ ମିଳିଲା। କଂଗ୍ରେସ ନେତାଙ୍କ ଅସଲ ଚେହେରା ପଦାରେ ପଡ଼ିଲା। ସମସ୍ତେ ଜାଣିଲେ ଯେ, ନିଜକୁ ଜନନେତା ବୋଲି ଦାବି କରୁଥିବା ବ୍ୟକ୍ତି ଜଣେ ହତ୍ୟାକାରୀ। ତାଙ୍କୁ ଆଜୀବନ ଜେଲ ବାସ୍ତବରେ ଖୁବ କମ ହୋଇଯାଉଛି। ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏଭଳି ଛଦ୍ମ ସ୍ୱଚ୍ଛତାର ସବୁଠାରୁ ବଡ଼ ଉଦାହରଣ ହେଲେ ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ। ଜନ ଲୋକପାଳ ବିଲ ଦାବିରେ ଆନ୍ଦୋଳନରେ ସାମିଲ ହୋଇ ଲୋକଲୋଚନକୁ ଆସିଥିବା ଅରବିନ୍ଦ କେଜରିୱାଲ ପ୍ରଥମେ ନିଜକୁ ଜଣେ ଜନସେବକ ବୋଲି ଦର୍ଶାଇଥିଲେ। କିନ୍ତୁ ପରେ ସେ ନିଜର ଅସଲ ଚେହେରା ଦେଖାଇଲେ। ତାଙ୍କ ଜନସେବା ଏବଂ ରାଜନୀତି କ୍ଷମତା ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ସେ ନିଜର ଏକ ନୂଆ ରାଜନୈତିକ ଦଳ (ଆପ) ଗଠନ କରି ନିର୍ବାଚନ ଲଢ଼ିଲେ। ଏଥିରେ ସେ ସଫଳ ହେଲେ ମଧ। ଦୀର୍ଘ ୧୦ ବର୍ଷ ଧରି ତାଙ୍କ ଦଳ ଦିଲ୍ଲୀରେ ଶାସନ କ୍ଷମତା ଦଖଲ କରିଥିଲା। ଦିଲ୍ଲୀବାସୀ ତାଙ୍କୁ ନିରଙ୍କୁଶ ସମର୍ଥନ ପ୍ରଦାନ କରିଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ କେଜରିୱାଲଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲା। ମାଗଣା ବିଜୁଳି, ମହିଳାଙ୍କୁ ମାଗଣା ବସ ଯାତ୍ରା ଭଳି ଶସ୍ତା କାର୍ଯ୍ୟକ୍ରମ ମାଧ୍ୟମରେ ସେ କେବଳ ଭୋଟ ବ୍ୟାଙ୍କ ସୃଷ୍ଟିରେ ଲାଗିଲେ। କିନ୍ତୁ ଦିଲ୍ଲୀର ବିକାଶ ପାଇଁ ସେ କିଛି କଲେ ନାହିଁ। ୧୦ ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଦୂର ହୋଇପାରିଲା ନାହିଁ। ଯମୁନାର ଜଳ ଅଧିକ ବିଷାକ୍ତ ହେଲା। ଦିଲ୍ଲୀରେ ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇପାରିଲା ନାହିଁ। ସବୁଠାରୁ ବଡ଼ କଥା ହେଲା ଲୋକେ ଅରବିନ୍ଦ କେଜରିୱାଲଙ୍କ ସାଧୁତା ଏବଂ ସ୍ୱଚ୍ଛତା ଉପରେ ଭରସା କରି ତାଙ୍କୁ ଭୋଟ ଦେଲେ। କଂଗ୍ରେସର ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଲୋକେ ଆମ ଆଦମୀ ପାର୍ଟିକୁ କ୍ଷମତାକୁ ଆଣିଲେ। କିନ୍ତୁ କେଜରିୱାଲ ଦିଲ୍ଲୀବାସୀଙ୍କୁ, ଦେଶବାସୀଙ୍କୁ ନିରାଶ କଲେ। ଲୋକଙ୍କୁ ଧୋକା ଦେଲେ। ଉତ୍ତମ ଶାସନ ପ୍ରଦାନ କରିବାରେ ସେ କେବଳ ବିଫଳ ହେଲେ ନାହିଁ, ଦୁର୍ନୀତିରେ ସମ୍ପୃକ୍ତ ହୋଇ ଜେଲ ଗଲେ।। ତେଣୁ ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀବାସୀ କେଜରିୱାଲଙ୍କ ଆମ ଆଦମୀ ପାର୍ଟିକୁ ପ୍ରତ୍ୟାଖ୍ୟାନ କଲେ। ଦିଲ୍ଲୀରେ ଦୀର୍ଘ ୨୭ ବର୍ଷ ପରେ ବିଜେପି କ୍ଷମତାକୁ ଫେରିଛି। ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବିଧାନସଭାର ପ୍ରଥମ ଅଧିବେଶନରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି ଯାହାକୁ ପୂର୍ବତନ ଆପ ସରକାର ଚାପି ରଖିଥିଲେ। ସିଏଜି ରିପୋର୍ଟରେ କେଜରିୱାଲଙ୍କ ଦୁର୍ନୀତିର ପେଡ଼ି ଖୋଲିଛି। ଆପ ସରକାରଙ୍କ ସମୟରେ ଦିଲ୍ଲୀରେ ନୂଆ ମଦ ନୀତି କାର୍ଯ୍ୟକାରୀତାରେ କିପରି ଅନିୟମିତତା ହୋଇଥିଲା ସେ ସମ୍ପର୍କରେ ସିଏଜି ରିପୋର୍ଟରେ ତଥ୍ୟ ରହିଛି। ଏହି ରିପୋର୍ଟ ଅନୁଯାୟୀ ଦିଲ୍ଲୀର ତତ୍କାଳୀନ ସରକାରଙ୍କ ତ୍ରୁଟିପୂର୍ଣ୍ଣ ମଦ ନୀତି ହେତୁ ସରକାରଙ୍କ ୨ହଜାର କୋଟି ଟଙ୍କା କ୍ଷତି ହୋଇଛି। ସେହିପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସରକାରୀ ବାସଗୃହର ନବୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଯାଇଛି। ଏଥିରୁ ଅରବିନ୍ଦ କେଜରିୱାଲ ଏବଂ ତାଙ୍କ ଦଳର ଛଦ୍ମରୂପ ପଦାରେ ପଡ଼ିଯାଇଛି। ଭାରତବାସୀ ଆଶା କରିଥିଲେ ଯେ, ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ଜାତୀୟ ରାଜନୀତିରେ ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ। କିନ୍ତୁ ଦେଶବାସୀଙ୍କୁ କେଜରିୱାଲ ନିରାଶ କରିଛନ୍ତି। ସ୍ୱଚ୍ଛତା ଏବଂ ସାଧୁତାର କଥା କହୁଥିବା କେଜରିୱାଲ ବାସ୍ତବରେ ତାହା ନୁହଁନ୍ତି ଯାହା ସେ କହୁଛନ୍ତି। ତାଙ୍କ ଉପରେ ଦେଶବାସୀଙ୍କ ଆସ୍ଥା ଏବଂ ବିଶ୍ୱାସ ତୁଟି ଯାଇଛି। ସିଏଜି ଅରବିନ୍ଦ କେଜରିୱାଲଙ୍କ ଅସଲ ଚେହେରାକୁ ଉନ୍ମୋଚିତ କରିଛି। ସେ ଲୋକଙ୍କୁ ଧୋକା ଦେଇଛନ୍ତି। ଏହା ତାଙ୍କ ପାଇଁ ମହଙ୍ଗା ପଡ଼ିବ। ଏବେ ଦିଲ୍ଲୀରେ ଆପ କ୍ଷମତାଚ୍ୟୁତ ହୋଇଛି। ଆଗକୁ ପଞ୍ଜାବରେ ମଧ ଆପ କ୍ଷମତାଚ୍ୟୁତ ହେବ ଏଥିରେ ସନ୍ଦେହ ନାହିଁ। ଅରବିନ୍ଦ କେଜରିୱାଲଙ୍କ ବ୍ୟତିତ ଦଳରେ ଆଉ କେହି ଏଭଳି ବିକଳ୍ପ ନେତା ନାହାଁନ୍ତି ଯାହାଙ୍କୁ ଲୋକେ ବିଶ୍ୱାସ କରିପାରିବେ। ଆପ ଏଭଳି ଏକ ଦଳ ଯାହା ଜଣେ ନେତାଙ୍କ ନେତୃତ୍ୱ ଏବଂ ଭାବମୂର୍ତ୍ତୀ ଉପରେ ନିର୍ଭରଶୀଳ। କଂଗ୍ରେସ ଯେପରି କେବଳ ଗାନ୍ଧି ପରିବାର ଉପରେ ନିର୍ଭରଶିଳ, ଆପ ମଧ ଜଣେ ନେତାଙ୍କ ନିଜସ୍ୱ ସମ୍ପତ୍ତିରେ ପରିଣତ ହୋଇଛି। ଯଦି ଦଳକୁ ତିଷ୍ଠିବାକୁ ହେବ ତେବେ ଦଳରେ ନୂଆ ନେତୃତ୍ୱ ସୃଷ୍ଟି କରିବାକୁ ପଡ଼ିବ। କେଜରିୱାଲଙ୍କୁ ଯେଉଁମାନେ ସ୍ୱଚ୍ଛତାର ମୂର୍ତ୍ତୀମନ୍ତ ପ୍ରତୀକ ବୋଲି ବିଚାର କରୁଛନ୍ତି, ସେମାନେ ଲଜ୍ଜାରେ ମୁଣ୍ଡ ତଳକୁ କରିବା କଥା। ଅନେକ ଏବେ ବି କେଜରିୱାଲଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରୁଛନ୍ତି। ସେମାନେ ହେଉଛନ୍ତି ଅସଲ ଅନ୍ଧଭକ୍ତ। କିନ୍ତୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ଥକଙ୍କୁ ଅନ୍ଧଭକ୍ତ ବୋଲି କହୁଛନ୍ତି। ଏହା ହାସ୍ୟାସ୍ପଦ। ଦଳର ଜଣେ ନେତା ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣିତ ହେଲେ ତାଙ୍କୁ ଦଳରୁ ବା ପଦପଦବୀରୁ ବହିଷ୍କାର କରାଯିବା ଉଚିତ। କିନ୍ତୁ କେଜରିୱାଲଙ୍କୁ କିଏ ବହିଷ୍କାର କରିବ? ଦଳଟାକୁ ସେ ନିଜ ବ୍ୟକ୍ତିଗତ କମ୍ପାନୀ କରିଛନ୍ତି। ଏହାକୁ ଏକ ରାଜନୈତିକ ଦଳ ବୋଲି କୁହାଯାଇଓପାରିବ ନାହିଁ। ଏବେ ଶୁଣାଯାଉଛି ଯେ, କେଜରିୱାଲଙ୍କୁ ଦଳର କିଛି ନେତା ପଞ୍ଜାବ ମୁଖ୍ୟମନ୍ତ୍ରୀ କରିବାକୁ ଯୋଜନା କରାଯାଉଛି। ସେହିପରି ସେ ପଞ୍ଜାବରୁ ରାଜ୍ୟସଭାକୁ ଯିବେ ବୋଲି ଚର୍ଚ୍ଚା ହେଉଛି। ଏହା ଆମ ଆଦମୀ ପାର୍ଟିର ଆଭ୍ୟନ୍ତରୀଣ ବ୍ୟାପାର। ଜଣେ ଅଭିଯୁକ୍ତ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ନାହାଁନ୍ତି। ତେଣୁ ସେ ନିର୍ବାଚନ ଲଢ଼ିପାରିବେ ଏବଂ ସକ୍ରିୟ ରାଜନୀତିରେ ସାମିଲ ହୋଇପାରିବେ। କିନ୍ତୁ ନୈତିକତା ଦୃଷ୍ଟିରୁ ତାଙ୍କର ସଂସଦ ବା ବିଧାନସଭାକୁ ଯିବା ପୂର୍ବରୁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ଉଚିତ। ନ୍ୟାୟାଳୟ ମଧ ତୁରନ୍ତ ଏହାର ଫଇସଲା କରିବା ଉଚିତ। ସମାଜରେ ଏଭଳି ଅନେକ ବିଶିଷ୍ଟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ବଡ଼ ବଡ଼ ପଦପଦବୀରେ ରହି ଦୁର୍ନୀତିରେ ବୁଡ଼ି ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଦୁର୍ନୀତି କରି ଧରାପଡୁଛନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ବହୁତ କମ। ଆଉ ଯେଉଁମାନେ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ଅଦାଲତରେ ଦଣ୍ଡିତ ହେଉଛନ୍ତି। ଆଇନର ଫାଙ୍କରେ ଅନେକ ଜାଲରୁ ଖସି ଯାଉଛନ୍ତି। ଏହା ହେଉଛି ସାଧାରଣ ଜନତା ବା ସରକାରୀ କର୍ମଚାରୀଙ୍କ କଥା। କିନ୍ତୁ ଅନେକ ନେତା ମଧ ନିର୍ବାଚନ ବେଳେ ସ୍ୱଚ୍ଛତାର କଥା କହି ଜନ ସମର୍ଥନ ଲୋଡୁଛନ୍ତି। ଲୋକଙ୍କ ଆଗରେ ଦୁର୍ନୀତି ବିରୋଧରେ ବଡ଼ ବଡ଼ ଭାଷଣ ଦେଉଛନ୍ତି। ଶାସନ କ୍ଷମତାକୁ ଆସିଲେ ଦୁର୍ନୀତି ଲୋପ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ବାସ୍ତବରେ ଏହାର ବିପରୀତ କାମ କରୁଛନ୍ତି। ସେମାନଙ୍କ ଅସଲ ସ୍ୱରୂପ ପଦାରେ ପଡ଼ିବା ଉଚିତ। ସେମାନଙ୍କୁ ଜନତା ବିଶ୍ୱାସ କରିବା ଅନୁଚିତ। ଭାରତରେ ଜଣେ ଅଭିଯୁକ୍ତ ଯେ ପର୍ଯ୍ୟନ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। କିନ୍ତୁ ଆମେରିକାରେ ଏହାର ବିପରୀତ। ଜଣେ ଅଭିଯୁକ୍ତ କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ନହେବା ପର୍ଯ୍ୟନ୍ତ ଦୋଷୀ ବୋଲି ବିବେଚିତ ହୋଇଥାଏ। ଭାରତରେ ମାନବାଧିକାର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ଅନେକ ଆଇନର ଏହି କୋହଳ ଆଭିମୁଖ୍ୟରୁ ଫାଇଦା ଉଠାନ୍ତି। ଆଇନରେ ଥିବା ଦୋଷ ଦୁର୍ବଳତା ଏବଂ ତଦନ୍ତକାରୀ ସଂସ୍ଥାର ଅପାରଗତାରୁ ସେମାନେ ଫାଇଦା ଉଠାନ୍ତି। କେଜରିୱାଲ ମଧ ତାହା କରୁଛନ୍ତି। ଏଥିପ୍ରତି ଦେଶବାସୀ ସତର୍କ ରହିବା ଉଚିତ। ସେ ଜଣେ ଭରସାଯୋଗ୍ୟ ନେତା ବୋଲି ଆଜି ପର୍ଯ୍ୟନ୍ତ ନିଜକୁ ପ୍ରମାଣିତ କରିପାରିନାହାଁନ୍ତି। ତାଙ୍କୁ ଜଣେ ଜାତୀୟ ନେତା ବା ରାଷ୍ଟ୍ରନୀତିଜ୍ଞ ବୋଲି ବିବେଚନା କରିବା ଅନୁଚିତ।

# ହିନ୍ଦୁତ୍ୱ: ଇତିହାସ ଏବଂ ବର୍ତ୍ତମାନ




ଗୋପାଳ ମହାପାତ୍ର


ଭାରତୀୟ ପରମ୍ପରା ଅନୁସାରେ ଧର୍ମ ଶବ୍ଦର ଅର୍ଥ ଯାହା ୟୁରୋପ ଏବଂ ମଧ ପ୍ରାଚ୍ୟରେ ସମ୍ପୂର୍ଣ୍ଣ ଭିନ୍ନ। ହିନ୍ଦୁ ଧର୍ମ ଦାର୍ଶନିକ ଆଧାରଯୁକ୍ତ ଅଟେ, ଏହା ବ୍ୟକ୍ତି କେନ୍ଦ୍ରିକ ନୁହେଁ ବରଂ ଅନେକ ଉପାସନା ପଦ୍ଧତିରେ ସଙ୍ଗମ ଅଟେ। ହିନ୍ଦୁ ଧର୍ମରେ ଦେଶ-କାଳକୁ ନେଇ ସୁଧାର ମଧ ସମ୍ଭବ। ସନାତନ ପରମ୍ପରାରେ ଇଷ୍ଟଦେବଙ୍କ ନାମ ଅନୁସାରେ ୫ଟି ମୁଖ୍ୟ ଉପାସକ ସମୁଦାୟ ରହିଛି। ଏସବୁ ହେଉଛି ସୌର, ଶୈବ, ଶାକ୍ତ, ବୈଷ୍ଣବ ଏବଂ ଗାଣପତ୍ୟ। ଦକ୍ଷିଣ ଭାରତରେ ଏହି ୫ଟି ଉପାସକଙ୍କ ସହ ସ୍କନ୍ଦ ପୂଜକ ମଧ ଦେଖିବାକୁ ମିଳନ୍ତି। ପ୍ରାଚୀନ କାଳରେ ଏହି ଉପାସକ ସମ୍ପ୍ରଦାୟ ମାନେ ପରସ୍ପରକୁ ବିରୋଧ କରୁଥିଲେ ଓ ସ୍ଥିତି ମଧ ଗମ୍ଭୀର ହେଉଥିଲା। କାଳାନ୍ତରରେ ଏସବୁ ଉପାସକ ସମ୍ପ୍ରଦାୟ ବା ଗୋଷ୍ଠୀ ପରସ୍ପର ମଧ୍ୟରେ ବୁଝାମଣା କରି ବା ସାମଞ୍ଜସ୍ୟ ସ୍ଥାପନ କରିଥିଲେ ଓ ଉପାସନା ପଦ୍ଧତିରେ ପାର୍ଥକ୍ୟ ଥିଲେ ମଧ ପରସ୍ପରର ଇଷ୍ଟଦେବଙ୍କୁ ସମ୍ମାନ କରିବା ଆରମ୍ଭ କରିଥିଲେ। କପିଳ ମୂନୀ ପ୍ରଣୀତ ନୀରିଶ୍ୱରବାଦ ମଧ ସନାତନର ଅଂଶ ବିଶେଷ। ଜୈନଧର୍ମ ଓ ବୌଦ୍ଧ ଧର୍ମର ଅଭ୍ୟୁଦୟ ହେବା ପରେ ପୁଣି ସାମଞ୍ଜସ୍ୟର ଆବଶ୍ୟକତା ପଡ଼ିଲା ଏଣୁ ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ବୋଲି ଗ୍ରହଣ କରାଗଲା। ଏପରିକି ତୀର୍ଥଙ୍କର ମହାବୀରଙ୍କୁ ମଧ ସମ୍ମାନ ପ୍ରଦର୍ଶନ କରାଗଲା। କିନ୍ତୁ ନୀରିଶ୍ୱରବାଦୀ ମାନେ ପ୍ରଭାବ ହୀନ ହୋଇପଡ଼ିଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁ ମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଜାତିର ଭ୍ରାନ୍ତ ବ୍ୟାଖ୍ୟା କାରଣରୁ ବିଭାଜିତ ସମାଜର ଲାଭ ବିଦେଶୀ ଆକ୍ରମଣକାରୀ ମାନେ ଉଠାଇଥିଲେ। ଇସଲାମୀ ଏବଂ ଇସାଇ(ଖ୍ରୀଷ୍ଟ) ଧର୍ମାବଲମ୍ବୀ ସାମ୍ରାଜ୍ୟବାଦୀ ମାନଙ୍କର ସ୍ୱପ୍ନ ଥିଲା ଭାରତ ଉପରେ ଶାସନ କରିବା। ଏହି କାରଣରୁ ମୁସଲମାନ ମାନେ ଅନବରତ ଆକ୍ରମଣ କରି ଭାରତ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରି ପାରିଥିଲେ। ନିଜର ଉଦେଶ୍ୟ ଚରିତାର୍ଥ କରିବା ପାଇଁ ସେମାନେ ହତ୍ୟା, ବଳାତ୍କାର, ଅପହରଣ ଏବଂ ବଳପୂର୍ବକ ଧର୍ମନ୍ତରଣ ଆରମ୍ଭ କରିଦେଇଥିଲେ। ଅତ୍ୟାଚାରିତ ହିନ୍ଦୁସମାଜ ପରିସ୍ଥିତିକୁ ଦେଖି ବୁଝାମଣା କରିବା ପାଇଁ ବାଧ ହୋଇଥିଲେ। ଏଭଳି ସମୟରେ ବିଭ୍ରାନ୍ତ ହିନ୍ଦୁଙ୍କ ମଧ୍ୟରେ ଆତ୍ମଗୌରବ, ନୈତିକତା, ଆଦର୍ଶ ଏବଂ ପରାକ୍ରମକୁ ପୁନଃଜୀବିତ କରିବା ପାଇଁ ଗୋସ୍ୱାମୀ ତୁଳସୀ ଦାସ ମର୍ଯ୍ୟଦା ପୁରୁଷୋତ୍ତମ ରାମଙ୍କୁ ଆଦର୍ଶ ଜନନାୟକ ଭାବେ ଚିତ୍ରଣ କରି ରାମଚରିତ ମାନସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ହିନ୍ଦୁ ସଂଗଠିତ ହୋଇଥିଲେ। ଆକବରି ନିୟମ ମୋଗଲ ଶାସନକୁ କିଛି ବର୍ଷ ପର୍ଯ୍ୟନ୍ତ କାଏମ ରଖିଥିଲା। ହିନ୍ଦୁମାନଙ୍କ ମଧ୍ୟରେ କ୍ରମେ କ୍ରମେ ଭେଦଭାବ କମିବାରେ ଲାଗିଲା। ଏହାର ଏକ ଉଦାହରଣ ହେଉଛି ବଙ୍ଗଳା(ବର୍ତ୍ତମାନର ପଶ୍ଚିମବଙ୍ଗ)ର ଜନୈକ ଜମିଦାର ସର୍ବଧର୍ମ ସମନ୍ୱୟ ପାଇଁ ୧୬୧୦ରେ ପ୍ରଥମ କରି ଏକାସାଥିରେ ମାଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣପତି ତଥା କାର୍ତ୍ତିକେୟଙ୍କ ପ୍ରତିମୂର୍ତ୍ତୀ ସହ ସେମାନଙ୍କ ବାହନର ମୂର୍ତ୍ତୀ କରାଇ ମହିଷାସୁରମର୍ଦ୍ଦିନୀ ରୂପରେ ଦୂର୍ଗା ପୂଜାର ଆରମ୍ଭ କରିଥିଲେ। ସେହି ଦୁର୍ଗାପୂଜା ଲୋକପ୍ରିୟ ହୋଇଥିଲା ଓ କ୍ରମେ କ୍ରମେ ଏହି ପୂଜା ସାରା ଭାରତରେ ଏପରିକି ବିଦେଶରେ ମଧ ଲୋକପ୍ରିୟ ହେଲା।

ମୋଗଲ ଶାସକ ମାନେ ଦୁର୍ବଳ ହେବାରେ ଭାରତ ଉପରେ ୟୁରୋପୀୟ ଦେଶମାନଙ୍କର ଦୃଷ୍ଟି ପଡ଼ିଲା। ଆର୍ମେନିଆ, ହଲାଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ତଥା ଇଂଲଣ୍ଡ ଭଳି ଦେଶମାନଙ୍କ ମଧ୍ୟରେ ଭାରତକୁ କବଜା କରିବା ପାଇଁ ପ୍ରତିଦ୍ୱନ୍ଦୀତା ବଢ଼ିଚାଲିଲା। କିନ୍ତୁ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଏ ଦିଗରେ ସଫଳ ହୋଇଥିଲେ। ସେହି ସମୟରେ ଅନେକ ହିନ୍ଦୁ ବ୍ରିଟିଶ ମାନଙ୍କୁ ମୁସଲିମ ଶାସକଙ୍କ ଅପେକ୍ଷା ଉତ୍ତମ ବୋଲି ବିଚାର କରିଥିଲେ। ପଲାସି ଯୁଦ୍ଧରେ ମୀରଜାଫର ଧୋକା ଦେଇଥିଲେ। ଏପରିକି କେତେକ ହିନ୍ଦୁରାଜା ଓ ଜମିଦାର ଇଂରେଜଙ୍କର ସହାୟତା କରିଥିଲେ। ୧୭୬୫ରେ ଦିବାନୀ ମିଳିବା ପରେ ଇଂରେଜ ମାନେ ପୂର୍ବ ଭାରତରେ ସମସ୍ତ ଉଦ୍ୟୋଗ-ଧନ୍ଦାକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ। ଅତ୍ୟଧିକ ଟିକସ ଆଦାୟ କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା, ୧୭୭୧ରେ ଭୟଙ୍କର ମରୁଡ଼ି ପଡ଼ିଥିଲା ଓ ପାଖାପାଖି କୋଟିଏ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ ହିନ୍ଦୁ ସନ୍ୟାସୀ ମାନେ ଭବାନୀ ଚରଣ ପାଠକଙ୍କ ନେତୃତ୍ୱରେ ଇଂରେଜ ମାନଙ୍କୁ ବିରୋଧ ଆରମ୍ଭ କରିଥିଲେ। ସେ ସମୟ ଭାରତ ପାଇଁ ଦୁର୍ଦ୍ଦିନ ଥିଲା। ମୁସଲମାନ ଏକପ୍ରକାର ପରାଜିତ ହୋଇଥିଲେ ଏବଂ ହିନ୍ଦୁମାନେ ଜାତିଆଣ ଭାବ ଓ ଅନେକ କୁରୀତିକୁ ନେଇ ବିବାଦ କରୁଥିଲେ। ଏଭଳି ପରିସ୍ଥିତିର ଲାଭ ଉଠାଇ ଇଂରେଜ ନିଜର ଶ୍ରେଷ୍ଠତା ସ୍ଥାପନ କରିବା ଆରମ୍ଭ କରିଦେଇଥିଲେ ଏବଂ ଧର୍ମାନ୍ତରଣକୁ ମଧ ପ୍ରୋତ୍ସାହିତ କରିଥିଲେ। ଏଭଳି ସମୟରେ ଜନ୍ମ ନେଇଥିଲେ ରାମ ମୋହନ ରାୟ। ସେ ସଂସ୍କୃତ, ଅରବି, ଫରାସୀ, ଗ୍ରୀକ୍, ଲାଟିନ୍ ଓ ଇଂରାଜୀ ଆଦି ଭାଷାରେ ପାରଙ୍ଗମ ଥିଲେ ଏବଂ ସବୁ ଭାଷାର ଧର୍ମଗ୍ରନ୍ଥକୁ ଅଧ୍ୟୟନ କରିଥିଲେ। ବାଲ୍ୟବିବାହ, ବହୁ-ବିବାହ ଏବଂ ସତୀଦାହ ଆଦି ପ୍ରଥାକୁ ବିରୋଧ କଲେ ଏବଂ ବ୍ରହ୍ମସମାଜର ସ୍ଥାପନା କରିଥିଲେ। ପ୍ରଗତିଶୀଳ ହିନ୍ଦୁମାନେ ତାଙ୍କୁ ମଧ ସମର୍ଥନ କରିଥିଲେ। ଶହାଆଲମଙ୍କ ପୁତ୍ର ଆକବର ଦ୍ୱିତୀୟ ତାଙ୍କୁ ରାଜା ଉପାଧି ଦେବା ସହ ଲଣ୍ଡନରେ ମୋଗଲ ସମ୍ରାଟଙ୍କ ପ୍ରତିନିଧି ଭାବେ ନିଯୁକ୍ତ ଦେଇଥିଲେ। ରାଜା ରାମମୋହନ ରାୟ ଇଂରେଜୀ ଶିକ୍ଷା ତଥା ସ୍ତ୍ରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ୧୮୩୩ରେ ତାଙ୍କର ଦେହାନ୍ତ ହୋଇଥିଲା କିନ୍ତୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ଅନେକ ପ୍ରଗତିଶୀଳ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ସମ୍ଭାଳିଥିଲେ। ହିନ୍ଦୁ ଇଂରେଜୀ ଶିକ୍ଷାକୁ ଆପଣେଇନେଲେ। ଇଂରେଜଙ୍କୁ ବିରୋଧ ଜାରି ରହିଲା ଓ ୧୮୫୭ରେ ଏହା ରୂପ ନେଇଥିଲା। ଇଂରେଜଙ୍କ ବିରୁଦ୍ଧରେ ରାଣୀ ଲକ୍ଷ୍ମୀବାଇ, ନାନାସାହେବ, ତାନ୍ତିଆ ଟୋପି, କୁଅଁର ସିଂହ ଏବଂ ବେଗମ ହଜରତ ମହଲ ବିଦ୍ରୋହ କରିଥିଲେ। କିନ୍ତୁ ପଞ୍ଜାବ, କାଶ୍ମୀର, ହାଇଦ୍ରାବାଦ, ଟ୍ରାଭାଙ୍କୁର ଏବଂ ମହୀଶୁରର ଶାସକମାନେ ନୀରବ ରହିଥିଲେ ଅଥବା ଇଂରେଜଙ୍କ ସହାୟତା କରିଥିଲେ। ଏହି ଯୁଦ୍ଧରେ କେହି ନିଜକୁ ହିନ୍ଦୁ ବା ମୁସଲମାନ କହିନଥିଲେ ବରଂ ପରିଚୟଥିଲା ସ୍ୱତନ୍ତ୍ରତା ସେନାନୀ। ହିନ୍ଦୁ ବହୁ ସଂଖ୍ୟକ ଥିଲେ ମଧ ଉଭୟ ଧର୍ମର ସୈନିକମାନେ ଅନ୍ତିମ ମୋଗଲ ବାଦଶାହ ବାହାଦୁର ଶାହଜାଫରଙ୍କୁ ସେମାନଙ୍କ ନେତା ବୋଲି ମାନି ନେଇଥିଲେ। ଏହି ବିଦ୍ରୋହ ଯାହାକୁ ସିପାହି ବିଦ୍ରୋହ କୁହାଯାଇଥିଲା ତାହା ବିଫଳ ହୋଇଥିଲା। ଏହାପରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଭାରତର ଶାସନ ଭାର ହାତକୁ ନେଲେ।

ହିନ୍ଦୁ ସମାଜକୁ ସୁଧାରିବାର ଉଦ୍ୟମ ଜାରି ରହିଥିଲା କିନ୍ତୁ କଟ୍ଟର ପନ୍ଥୀ ଇସଲାମ ସମାଜରେ ସୁଧାର ସମ୍ଭବ ହୋଇନଥିଲା। ଏହି ସମୟରେ ପଣ୍ଡିତ ଦୟାନନ୍ଦ ସରସ୍ୱତୀଙ୍କର ଆବିର୍ଭାବ ହୋଇଥିଲା। ଦୟାନନ୍ଦଙ୍କ ମତରେ ପୁରାଣ, ଉପନିଷଦ ଏପରିକି ବୌଦ୍ଧ, ଜୈନ, ସିଖ, ଖ୍ରିଷ୍ଟିଆନ, ଇସଲାମ ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେ ସତ୍ୟାର୍ଥ ପ୍ରକାଶ ନାମକ ଏକ ପୁସ୍ତକ ରଚନା କରିଥିଲେ ଓ ୧୮୭୫ରେ ଆର୍ଯ୍ୟସମାଜର ସ୍ଥାପନା କରିଥିଲେ। ତାଙ୍କ ମତ ଓ କାର୍ଯ୍ୟକୁ ସବୁସ୍ତରରେ ବିରୋଧ କରାଯାଇଥିଲା ଓ ୧୮୮୩ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଏକ ହତ୍ୟାକାଣ୍ଡ ବୋଲି ସେତେବେଳେ ଜଣାପଡ଼ିଥିଲା। ୧୮୭୮ରେ ମାଡ୍ରାସ ( ବର୍ତ୍ତମାନ ଚେନ୍ନାଇ)ରୁ 'ଦି ହିନ୍ଦୁ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା ଓ ୧୮୮୯ରେ ଏହା ଦୈନିକ ସମ୍ବାଦ ପତ୍ରରେ ପରିଣତ ହୋଇଥିଲା। ଏହି ପତ୍ରିକା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉଠାଉଥିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୭୭୧ର ସନ୍ୟାସୀ ମାନଙ୍କ ଆନ୍ଦୋଳନର ପୃଷ୍ଠଭୂମିକୁ ନେଇ 'ଆନନ୍ଦମଠ' ଓ 'ଦେବୀ ଚୌଧୁରାଣୀ' ନାମରେ ଦୁଇଟି ଉପନ୍ୟାସ ରଚନା କରିଥିଲେ। ଦେଶକୁ ଭାରତମାତା ରୂପରେ ବନ୍ଦନା କରି 'ବନ୍ଦେମାତରମ୍' ଗୀତ ବ୍ରିଟିଶ ସରକାର ବିରୁଦ୍ଧରେ ଆନ୍ଦୋଳନର ସ୍ଲୋଗାନ ପାଲଟି ଯାଇଥିଲା। ବଙ୍କିମଚନ୍ଦ୍ରଙ୍କ ଶିଷ୍ୟ ଚନ୍ଦ୍ରନାଥ ବସୁ ୧୮୯୨ରେ 'ହିନ୍ଦୁତ୍ୱ- ହିନ୍ଦୁର ପ୍ରକୃତ ଇତିହାସ' ନାମକ ପୁସ୍ତକ ରଚନା କରିଥିଲେ ଏବଂ ପ୍ରଥମଥର ହିନ୍ଦୁତ୍ୱ ଶବ୍ଦର ପ୍ରୟୋଗ କରିଥିଲେ। ପରବର୍ତ୍ତୀ ସମୟରେ ସାବରକର ପ୍ରମୁଖ ଅନେକ ହିନ୍ଦୁତ୍ୱବାଦୀ ନେତା ହିନ୍ଦୁତ୍ୱ ଶବ୍ଦର ବ୍ୟବହାର କରିଥିଲେ। ୧୮୯୩ ସେପ୍ଟେମ୍ବର ୧୧ ତାରିଖ ଚିକାଗୋ ଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ-ସଂସଦରେ ପହଞ୍ଚି ସ୍ୱାମୀ ବିବେକାନନ୍ଦ ଐତିହାସିକ ଭାଷଣ ଦେଇଥିଲେ ଓ ବିଶ୍ୱରେ ହିନ୍ଦୁତ୍ୱର ଜୟଘୋଷ କରିଥିଲେ। ବିବେକାନନ୍ଦ କହିଥିଲେ "ମୁଁ ମୋର ଧର୍ମ ପାଇଁ ଗର୍ବ ଅନୁଭବ କରୁଛି ଏହି ଧର୍ମ ସାରା ବିଶ୍ୱକୁ ସହିଷ୍ଣୁତା ଏବଂ ବିଶ୍ୱବନ୍ଧୁତ୍ୱର ପାଠ ପଢ଼ାଉଛି।

ହିନ୍ଦୁତ୍ୱ ଏବଂ ପନ୍ଥନିରପେକ୍ଷତା ଏକାକାର ହୋଇଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ହିନ୍ଦୁଙ୍କ ଆତ୍ମଗୌରବ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରେରଣା ଯୋଗାଇଥିଲା। ଭାରତ ଫେରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ ଏବଂ ଲୋକଙ୍କ ସେବାରେ ଜୁଟିଯାଇଥିଲେ। ଏସବୁ ଘଟଣାର ପ୍ରଭାବ କାରଣରୁ ୧୯୦୨ରେ କ୍ରାନ୍ତିକାରୀ ସଂଗଠନ ଅନୁଶୀଳନ ସମିତିର ଗଠନ ହୋଇଥିଲା ଓ ଅରବିନ୍ଦ ଘୋଷ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସାବରକର ୧୯୦୪ରେ ଅଭିନବ ଭାରତ ନାମକ କ୍ରାନ୍ତିକାରୀ ସଂଗଠନ ସ୍ଥାପନ କରିଥିଲେ ଓ ହିନ୍ଦୁତ୍ୱ ଶବ୍ଦକୁ ଅଧିକ ଲୋକପ୍ରିୟ କରାଇଥିଲେ। ଏନିବସାନ୍ତ ସେଣ୍ଟ୍ରାଲ ହିନ୍ଦୁ ସ୍କୁଲ ସ୍ଥାପନ କରିଥିବା ବେଳେ ମଦନ ମୋହନ ମାଳବ୍ୟ କାଶି ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା କରିଥିଲେ। ଏକଥାକୁ ଦେଖି ସେତେବେଳେ କିଛି ମୁସଲମାନ କଂଗ୍ରସକୁ ହିନ୍ଦୁଙ୍କ ଦଳ ବୋଲି ମଧ କହିଥିଲେ। ୧୯୨୦ରେ ସୈୟଦ ଅହମଦ ଅଲିଗଡ଼ରେ ଥିବା କଲେଜର ନାମ ପରିବର୍ତ୍ତନ କରି ଆଲିଗଡ଼ ମୁସଲିମ ବିଶ୍ୱ ବିଦ୍ୟାଳୟରେ ପରିବର୍ତ୍ତନ କରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନା ଯିଏ ଏକଦା ହିନ୍ଦୁ- ମୁସଲିମ ଏକତାର ସମର୍ଥକ ଥିଲେ ଆଗାଖାଁ ଓ ଅନ୍ୟ କେତେକ ମୁସଲିମ ନେତାଙ୍କ ଅନୁରୋଧ କ୍ରମେ ମୁସଲମାନ ମାନଙ୍କ ନେତୃତ୍ୱ ନେଇଥିଲେ। ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଦୁରତା ବଢ଼ିବାରେ ଲାଗିଲା। ଗାନ୍ଧୀ ଯେ ଏକଥା ଜାଣିପାରିନଥିଲେ ତା ନୁହେଁ। ସେଇଥିପାଇଁ ଗାନ୍ଧୀ ଖିଲାପତ ଆନ୍ଦୋଳନକୁ ସମର୍ଥନ କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଉଦେଶ୍ୟ ଥିଲା ଏହି ଆନ୍ଦୋଳନ ମାଧ୍ୟମରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା। କିନ୍ତୁ ଦକ୍ଷିଣ ଭାରତରେ ମୋପଲା-ବିଦ୍ରୋହ ହିନ୍ଦୁ-ମୁସଲିମ ଦୁରତାକୁ ଅଧିକ ବଢ଼ାଇ ଦେଇଥିଲା। କାରଣ ଏହି ମୋପାଲା ବିଦ୍ରୋହ ବ୍ରିଟିଶ ଶାସକଙ୍କ ସହିତ ହିନ୍ଦୁ ଜମିଦାରଙ୍କ ବିରୋଧରେ ହୋଇଥିଲା।

କେଶବ ବଳିରାମ ହେଡ଼ଗେୱାର ଯିଏ ଅନୁଶୀଳନ କମିଟିର ସଦସ୍ୟଥିଲେ ସେ ଶସସ୍ତ୍ରକ୍ରାନ୍ତିର କଠିନତାକୁ ଦେଖି କମିଟିରୁ ଇସ୍ତଫା ଦେଇ କଂଗ୍ରେସର ସଦସ୍ୟ ହୋଇଥିଲେ। ୧୯୨୧ରେ ଆପତ୍ତିଜନକ ଭାଷଣ ପାଇଁ ତାଙ୍କୁ ଏକ ବର୍ଷ କାରାଦଣ୍ଡ ମିଳିଥିଲା। ମୋପଲା ବିଦ୍ରୋହ ଓ ଖିଲାପତ ଆନ୍ଦୋଳନର ବିଫଳତା ଯୋଗୁଁ ନିରାଶ ହୋଇ ସେ କଂଗ୍ରେସ ଛାଡି ୧୯୨୫ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ କରିଥିଲେ। ଏହି ସଂଘ ହିନ୍ଦୁତ୍ୱର ବିକାଶ ପାଇଁ ଉଦିଷ୍ଟ ବୋଲି କୁହାଗଲେ ମଧ ସ୍ୱାଧିନତା ଆନ୍ଦୋଳନରୁ ସଂଘ ନିଜକୁ ଦୁରେଇ ରଖିଥିଲା। ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ହିନ୍ଦୁ ମହାସଭାର ସ୍ଥାପନା କରିଥିଲେ କିନ୍ତୁ କଂଗ୍ରେସକୁ ସମର୍ଥନ କରିନଥିଲେ। ୧୯୪୮ ମସିହାରେ ଅତିହିନ୍ଦୁବାଦୀ (ନାଥୁରାମ ଗଡ଼ସେ) ଦ୍ୱାରା ଗାନ୍ଧୀଙ୍କ ହତ୍ୟାରେ ବ୍ୟଥିତ ହୋଇ ଶ୍ୟାମାପ୍ରସାଦ ହିନ୍ଦୁ ମହାସଭାକୁ ଭାଙ୍ଗି ଜନସଂଘ ନାମକ ରାଜନୈତିକ ଦଳର ସ୍ଥାପନା କରିଥିଲେ ଯାହା ଏବେ ଭାରତୀୟ ଜନତା ପାର୍ଟି ଭାବେ ପରିଚିତ। ସ୍ୱାଧିନ ଭାରତର ହିନ୍ଦୁତ୍ୱ ପୁନଃ ପ୍ରାସଙ୍ଗିକ ହୋଇଛି କିନ୍ତୁ ଏହାର ସମର୍ଥନ, ବିରୋଧ ଏବଂ ରୀତି ସମନ୍ୱୟ ପାଇଁ ନହୋଇ ଶାସନଗାଦି ପ୍ରାପ୍ତିର ସାଧନ ପାଲଟି ଯାଇଛି।


ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪


# ଖାଦ୍ୟ ହିଁ ପ୍ରାଣ, ପୁଣି ପ୍ରାଣଘାତକ




ଡାକ୍ତର ପ୍ରଫୁଲ୍ଲ କୁମାର ଦାସ


ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରୀ। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ ତେବେ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁଁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁଁ ଟାଇଫଏଡ଼ ଜ୍ୱର, ଜିଆଡ଼ିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇ.କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ।

ତିନିକାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଦ୍ୟରେ ମିଶିବା ଫଳରେ ହେଉଥିବା ସଂକ୍ରମଣ। ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତିକି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ ଓ ଫଙ୍ଗସ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁଁ ପେଟ କାଟିବା, ହଜମରେ ସମସ୍ୟା ଆଦି ସମସ୍ୟା ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଲୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁଁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରସାୟନ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇଁ ବ୍ଲିଚିଂ କରାଯାଉଥିବା ବେଳେ ଏହା ମଧ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଫଳରେ ପେଟ ଜଳିବା, ସ୍ନାୟୁ ସମ୍ବେଦନଶୀଳ ହୋଇଯିବା, ବାରମ୍ବାର ଚେତା ହରାଇବା ସହ କିଛି ଦୀର୍ଘସ୍ଥାୟୀ ସମସ୍ୟା ମଧ ଦେଖାଯାଇଥାଏ। ସେହିଭଳି ଖାଦ୍ୟରେ କାଠଗୁଣ୍ଡ, କାଚ, ଧାତୁ, ପଥର ବା ହାଡ଼ଖଣ୍ଡ ଆଦି ମିଶି ଶରୀର ମଧକୁ ଗଲେ, ତାହା ମଧ ସଂକ୍ରମଣ ସୃଷ୍ଟିକରେ।



ହଇଜା, ହେପାଟାଇଟିସ-ଏ ଓ ଇ ତଥା ଆର୍ଥରାଇଟିସ ଓଡ଼ିଶାରେ ଅଧିକ : ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ-ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ହଇଜା, ଟାଇଫଏଡ଼, ଡିସେଣ୍ଟ୍ରି ଆଦି ଜଳ ସଂକ୍ରମଣରୁ ଓଡ଼ିଶାରେ ଦେଖାଯାଉଥିବା ସାଧାରଣ ରୋଗ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ ହେପାଟାଇଟିସ-ଏରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଏହି ୩ଟି ରୋଗ ଛଡ଼ା ଖାଦ୍ୟ ସଂକ୍ରମଣ ଯୋଗୁଁ ପେଟ, ଯକୃତ, ସ୍ନାୟୁ, ମାଂସପେଶୀ ଆଦି ସମ୍ବନ୍ଧିତ ବହୁ ରୋଗ ହୋଇଥାଏ। ଓଡ଼ିଶାରେ ବିଶେଷ କରି ଖରା ଓ ବର୍ଷା ଦିନେ ଖାଦ୍ୟ ଓ ଜଳ ସଂକ୍ରମଣଜନିତ ରୋଗ ଅଧିକ ଦେଖାଯାଇଥାଏ।

ବାସି ଓ ଶସ୍ତା ଖାଦ୍ୟ ଖାଆନ୍ତୁ ନାହିଁ : ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁଁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ମୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି। ଯେଉଁଥିରେ ସୀସା ଓ ଆର୍ସେନେଡ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ବାସି ଖାଦ୍ୟରୁ ଦୂରେଇ ରହି, ଯେତିକି ଆବଶ୍ୟକ ସେତିକି ରୋଷେଇ କରି ଖାଆନ୍ତୁ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ଼ ପଏଜନିଂ କରାଇଥାଏ। ଏହି ଜୀବାଣୁମାନେ ଫୁଡ ପଏଜନିଂ କରି ଦୀର୍ଘକାଳରେ ବାତ ରୋଗ ରିଆକ୍ଟିଭ ଆର୍ଥରାଇଟିସ କରାଇଥାଏ।


କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ


# ଓଡ଼ିଆ ଭାଷା ସାହିତ୍ୟରେ ଆଧୁନିକତାର ସଂଗ୍ରାମ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା। ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍‌ବର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍‌ବୀକାର୍ଯ୍ୟ। କାଳୀଚରଣଙ୍କର 'ଭାତ', ''ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର ' ଭାଇ ଭାଉଜ'', 'ଘର ସଂସାର', ଭ'ଜକିଶୋରଙ୍କର 'ମାଣିକଯୋଡ଼ି', 'ଜୟ ମାଲ୍ୟ', ଗୋପାଳ ଛୋଟରାୟଙ୍କର ' ଭରସା', ' ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା। ମନୋର''ଜନ ଦାସଙ୍କର ' ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ। ପରେ ମନୋରଞ୍ଜନ ରଚନା କଲେ 'ଆରଣ୍ୟ ଫସଲ',' ବନହଂସୀ', 'ଶବ୍ଦ ଲିପି', 'କାଠଘୋଡା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ। ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍‌ବଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ ନୂତନ ନୂତନ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ ବିକାଶ ହୋଇଥିଲା। କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି। ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି। ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍‌ବପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି। ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ। ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ। ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି। ଏହି ସମୟରେ ମଧ ଶିଶୁ ସାହିତ୍ୟର ହୋଇଛି ବିକାଶ। ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି। ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍‌ବାତନ୍ତ୍ର୍ୟ, ଆତ୍ମଅନ୍‌ବେଷୋ ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍‌ବ ନେଇଅଛି। ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ। ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ। ପରଂପରାନୁସନ୍ଧାନ ଓ ତାର ପୁନଃ ସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ୍ତ ଚିନ୍ତାଧାରା ଗୁରୁତ୍ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି। ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି। ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି। ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି। ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ପଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧି କରିଅଛନ୍ତି।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ: ୯୯୩୮୯୦୬୦୭୦

## ଶୁଣାଣିବେଳେ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ଫାଇଲ ଫିଙ୍ଗିଦିଅ



**ନୂଆଦିଲ୍ଲୀ,୨୮।୨:** ଶୁଣାଣି ସମୟରେ ରାଗିଗଲେ ସୁପ୍ରିମକୋର୍ଟ ବିଚାରପତି। ରାଗିକରି ଓକିଲଙ୍କୁ କହିଲେ ସବୁ ଫାଇଲ ଫିଙ୍ଗି ଦିଅ। ଏପରି ଘଟଣା ଆଜି ଦେଖିବାକୁ ମିଳିଛି ସୁପ୍ରିମକୋର୍ଟରେ। ଶୁଣାଣି ସମୟରେ ସୁପ୍ରିମକୋର୍ଟର ବିଚାରପତି ଅଭୟ ଏସ ଓକା କୋର୍ଟ ରୁମ ଭିତରେ ଓକିଲଙ୍କ ଉପରେ ରାଗି ଯାଇଥିଲେ। ଏହା ସେତେବେଳେ ଘଟିଥିଲା ଯେତେବେଳେ ଅନେକ ଓକିଲ ଏକକାଳୀନ କହିବା ଆରମ୍ଭ କରିଥିଲେ ଏବଂ ସେମାନଙ୍କର ଯୁକ୍ତି ଦେବା ଆରମ୍ଭ କରିଥିଲେ। କୋର୍ଟର ପରିବେଶ ଦେଖି ଜଷ୍ଟିସ ଓକା ସମସ୍ତ ଓକିଲଙ୍କୁ ଶାନ୍ତ ରହିବାକୁ ଏବଂ ଗୋଟିଏ ଗୋଟିଏ କରି ସେମାନଙ୍କର ଯୁକ୍ତି ଉପସ୍ଥାପନ କରିବାକୁ କହିଥିଲେ, କିନ୍ତୁ ତା'ପରେ ମଧ୍ୟ ଓକିଲମାନେ ଶାନ୍ତ ହୋଇନଥିଲେ, ଯାହା ଫଳରେ ଜଷ୍ଟିସ ରାଗି ଯାଇଥିଲେ। ଜଷ୍ଟିସ ଅଭୟ ଏସ ଓକା କହିଛନ୍ତି ଯେ, ଏପରି ଅନୁଶାସନହୀନତା ଦେଖି ସେ ବିରକ୍ତ ହୋଇଗଲେଣି। କୋର୍ଟ ଭିତରେ ପ୍ରତିଦିନ ଅନୁଶାସନହୀନତା ଦେଖାଯାଉଛି। ଆମେ ଓକିଲମାନଙ୍କୁ ପଚାରୁଛୁ ଯେ ସେମାନେ କାହା ପାଇଁ ହାଜର ହେଉଛନ୍ତି, କିନ୍ତୁ ଓକିଲମାନେ କୌଣସି ଉତ୍ତର ଦେଉନାହାଁନ୍ତି। ଯଦି କୋର୍ଟ ଭିତରେ ଏପରି ପରିବେଶ ରହେ, ତେବେ ମୁଁ ସମସ୍ତ ଫାଇଲ ଫିଙ୍ଗି ଦେବି। ଏବେ ଏକ ନିୟମ ଲାଗୁ କରାଯିବା ଉଚିତ ଯେ ଯଦି ଓକିଲମାନେ ଏକା ସମୟରେ ଲଗାତାର ଯୁକ୍ତି କରନ୍ତି, ତେବେ ସେମାନଙ୍କର ଫାଇଲ ଫିଙ୍ଗି ଦିଆଯିବ। ବାର ଏବଂ ବେଞ୍ଚ ରିପୋର୍ଟ ଅନୁଯାୟୀ, ଜଷ୍ଟିସ ଏସ ଓକା କହିଛନ୍ତି, ଏହି ପ୍ରକାରର ଅନୁଶାସନହୀନତା କେବଳ ସୁପ୍ରିମକୋର୍ଟରେ ଦେଖାଯାଏ। ମୁଁ କର୍ଣ୍ଣାଟକ ଏବଂ ବମ୍ବେ ହାଇକୋର୍ଟରେ ମଧ୍ୟ କାର୍ଯ୍ୟ କରିଛି, କିନ୍ତୁ ସେଠାରେ ଏପରି ଅଭଦ୍ରାମି ଦେଖିନାହିଁ। ଏହା ପ୍ରଥମ ଥର ନୁହେଁ ଯେ ଜଷ୍ଟିସ ଏସ ଓକା ଓକିଲମାନଙ୍କ ଉପରେ ରାଗିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଅନେକ ମାମଲାରେ ଓକିଲମାନଙ୍କ ଦ୍ୱାରା ଦିଆଯାଇଥିବା ମିଥ୍ୟା ବୟାନ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୨୦୨୪ରେ, ବିଚାରପତି ଏସ ଓକା ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ କହିଥିଲେ ଯେ ଏପରି ଅନେକ ମାମଲା ସେମାନଙ୍କ ସାମ୍ନାକୁ ଆସିଛି ଯେଉଁଥିରେ ମିଥ୍ୟା ଯୁକ୍ତି ଦିଆଯାଇଥିଲା।

### ଉତ୍ତରାଖଣ୍ଡରେ ହିମସ୍ଖଳନ

## ବରଫ ଅତଡ଼ା ତଳେ ଫସିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ

● ଉଦ୍ଧାର କାର୍ଯ୍ୟ ଜାରି

**ନୂଆଦିଲ୍ଲୀ,୨୮।୨:** ପାର୍ବତ୍ୟ ଅଞ୍ଚଳରେ ଜାରି ରହିଛି ବର୍ଷା ଓ ହିମପାତ। ହିମାଚଳ ପ୍ରଦେଶରୁ ନେଇ ଉତ୍ତରାଖଣ୍ଡ ପର୍ଯ୍ୟନ୍ତ ସବୁଠି ପ୍ରକୃତିର ତାଣ୍ଡବ। ଶୁକ୍ରବାର ଉତ୍ତରାଖଣ୍ଡ ବଦ୍ରିନାଥରେ ବଡ ଧରଣର ହିମସ୍ଖଳନ ହୋଇଥିବା ନେଇ ଖବର ମିଳିଛି । ଚମୋଲିର ମାଣା ଗାଁରେ ରାସ୍ତା ନିର୍ମାଣ ବେଳେ ଏହି ହିମସ୍ଖଳନ ଘଟିଛି। ବରଫ ତଳେ ପ୍ରାୟ ୫୭ ଜଣ ଶ୍ରମିକ ଫସି ଯାଇଥିଲେ। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ବରଫ ଅତଡା ଧସି ଯିବା କାରଣରୁ ବର୍ଡର ରୋଡସ୍ ଅର୍ଗାନାଇଜେସନ୍ (ବିଆରଓ)ର ୫୭ ଶ୍ରମିକ ପୋତି ହୋଇଯାଇଥିଲେ। ଏସଡିଆରଏଫ୍, ଏନ୍‌ଡିଆରଏଫ୍, ଜିଲ୍ଲା ପ୍ରଶାସନ, ଆଇଟିବିପି ଓ ବିଆରଓର ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଗକୁ ଜାରି ରହିଛି ରେସକ୍ୟୁ ଅପରେସନ୍। ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଚୀନ୍ ସୀମାର ଖୁବ୍ ନିକଟରେ ଭାରତର ପ୍ରଥମ ଗାଁ ଭାଗରେ ମିଣାକୁ ଜଣାଯାଏ। ଗ୍ଲାସିୟର ଭାଙ୍ଗିବା କାରଣରୁ ଏଭଳି ଅଘଟଣ ଘଟିଛି। ମାଣା ନିକଟରେ ଥିବା ପୋଷ୍ଟ ତଳେ ଗ୍ରିଫ କ୍ୟାମ୍ପର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିଛି। ଦୁଇ ଦିନ ହେବ ପାହାଡିଆ ଅଞ୍ଚଳରେ ପାଗ ବହୁତ ଖରାପ ଥିଲା। ଉତ୍ତରାଖଣ୍ଡ ସହ ହିମାଚଳ, ପ୍ରଦେଶର କିଛି ଅଞ୍ଚଳରେ ଖୁବ୍ ଜୋରରେ ବର୍ଷା ଲାଗି ରହିଛି । କିଛି ନଦୀ ମାନଙ୍କରେ ପାଣି ଫୁଲିକି ରହିଛି। କେବଳ ସେତିକି ନୁହେଁ ପ୍ରବଳ ତୁଷାରପାତ ପରେ ଭୟଙ୍କର ହିମସ୍ଖଳନ ଏବେ ଆହୁରି ବିପଦ ପାଲଟିଛି।

## ସମୁଦ୍ର ମଝିରେ ଲାଗିଲା ନିଆଁ ଦେବଦୂତ ଭାବେ ପହଞ୍ଚିଲା ନୌସେନା




**ରାୟଗଡ଼,୨୮।୨:** ମହାରାଷ୍ଟ୍ରର ରାୟଗଡ଼ ଜିଲାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଅକ୍ଷୟ ଆଲିବାଗରେ, ରାକେଶ ଗାନଙ୍କ ଏକ ମାଛ ଧରିବା ଡଙ୍ଗାରେ ଭୋର ପ୍ରାୟ ୩-୪ଟା ସମୟରେ, ଉପକୂଳରୁ ୬-୭ ନଟିକାଲ ମାଇଲ ଦୂରରେ ନିଆଁ ଲାଗିଯାଇଥିଲା। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଭାରତୀୟ ନୌସେନା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କୁହାଯାଉଛି ଯେ ଦେବଦୂତ ପରି, ଏହି ଉଦ୍ଧାରକାରୀ ଦଳ ଡଙ୍ଗାରେ ଥିବା ସମସ୍ତ ୧୮ ଜଣଙ୍କୁ ସୁରକ୍ଷିତ ଭାବରେ ରକ୍ଷା କରିଥିଲେ। ଏହି ଘଟଣା ସମ୍ପର୍କରେ ରାୟଗଡ଼ର ଏସପି କହିଛନ୍ତି ଯେ ଭୋର ୩-୪ଟାରେ ହଠାତ ଡଙ୍ଗାଟିରେ ନିଆଁ ଲାଗିଯାଇଥିଲା। ସୂଚନା ମିଳିବା ମାତ୍ରେ, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଭାରତୀୟ ନୌସେନା ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୧୮ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଏହା ବ୍ୟତୀତ ଏହି ଦୁର୍ଘଟଣା ସହିତ ଜଡିତ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଏକ ଡଙ୍ଗା ସମ୍ପୂର୍ଣ୍ଣ ନିଆଁରେ ପୋଡ଼ି ଯାଇଛି। ଡଙ୍ଗାରୁ କଳା ଧୂଆଁ ମଧ୍ୟ ବାହାରୁଥିଲା। ଯଦିଓ ନାବିକମାନଙ୍କୁ ଉଦ୍ଧାର କରାଯାଇଛି କିନ୍ତୁ ଡଙ୍ଗାଟି ଜଳି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ସମୁଦ୍ରରେ ଦୁର୍ଘଟଣା ଘଟିଛି। ଗତ ମାସରେ, ଆଲିବାଗ ନିକଟରେ ଏକ ମତ୍ସ୍ୟଜୀବୀଙ୍କ ଡଙ୍ଗା ବୁଡ଼ି ଯାଇଥିଲା। ତଥାପି, ଡଙ୍ଗାରେ ଥିବା ସମସ୍ତ ୧୫ଜଣ ନାବିକଙ୍କୁ ଉଦ୍ଧାର କରାଯାଇଥିଲା। ଗତ ଡିସେମ୍ବରରେ, ଗେଟୱେ ଅଫ ଇଣ୍ଡିଆରୁ ଏଲିଫାଣ୍ଟା ଯାଉଥିବା ଏକ ଫେରି ନୌସେନା ଡଙ୍ଗା ସହିତ ଧକ୍କା ହେବା ପରେ ବୁଡ଼ି ଯାଇଥିଲା। ଏହି ଦୁର୍ଘଟଣାରେ ୧୩ ଜଣ ପ୍ରାଣ ହରାଇଛନ୍ତି।

## ଭୂକମ୍ପରେ ଥରିଲା ନେପାଳ

**କାଠମାଣ୍ଡୁ,୨୮।୨:** ନେପାଳରେ ଶୁକ୍ରବାର ସକାଳୁ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ରହିଛି। ସମଗ୍ର ହିମାଳୟ ଅଞ୍ଚଳରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି। ଦୁଇଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ପ୍ରଥମ ଥର ପାଇଁ କାଠମାଣ୍ଡୁ ନିକଟରେ ଏବଂ ଦ୍ୱିତୀୟ ଥର ପାଇଁ ବିହାର ସୀମା ନିକଟରେ ଭୂମିକମ୍ପ ହୋଇଥିଲା। ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ନେପାଳ ଥିଲା। ଏହି ଭୂମିକମ୍ପରେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ନାହିଁ। ନେପାଳର ସିନ୍ଧୁପାଲଚୌକ ଜିଲାର ଭୈରବ କୁଣ୍ଡ ନିକଟରେ ଭୋର ପ୍ରାୟ ୨.୩୫ ସମୟରେ ଭୂମିକମ୍ପ ହୋଇଥିଲା। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ଭୂମିକମ୍ପର ତୀବ୍ରତା ୬.୧୧ ମାପ କରିଥିଲା।ଳ ଭାରତର ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏହାର ତୀବ୍ରତା ୫.୫ ବୋଲି କହିଛି। ୬.୧ ତୀବ୍ରତାର ଭୂମିକମ୍ପକୁ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ ଏବଂ ଏହା ବହୁତ କ୍ଷତି କରିପାରେ।

# ଆତଙ୍କ ଖେଳାଉଛି ରହସ୍ୟମୟ 'କାନ୍ଦିବା ରୋଗ'




**ନୂଆଦିଲ୍ଲୀ,୨୮।୨:** କଙ୍ଗୋରେ ବ୍ୟାପିଛି ରହସ୍ୟମୟ 'କାନ୍ଦିବା ରୋଗ' । ଏଯାଏ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଖବର ସାମନାକୁ ଆସିଲାଣି । ଅସୁସ୍ଥ ହେବାର ମାତ୍ର, କିଛି ଘଣ୍ଟା ମଧ୍ୟରେ ଲୋକେ ପ୍ରାଣ ହରାଉଥିବା ଦେଖାଯାଉଛି। ଜାନୁଆରୀ ୨୧ ପରଠୁ ଦେଖାଗଲାଣି ୪୧୯ ମାମଲା । କିପରି ବ୍ୟାପୁଛି ଏହି ରୋଗ ? ପଶୁଠୁ ବ୍ୟାପୁଛି ନା ମଣିଷଠୁ ମଣିଷକୁ ବ୍ୟାପୁଛି? କଙ୍ଗୋର ଇକ୍ୱାଟୁର ଅଞ୍ଚଳରେ ଏକ ଅଜଣା ରୋଗ ଆତଙ୍କ ଖେଳାଇଛି । ଗତ ୫ ସପ୍ତାହ ମଧ୍ୟରେ ୫୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାୟ ଅଧା ଲୋକ ଅସୁସ୍ଥ ହେବାର କିଛି ଘଣ୍ଟା ମଧ୍ୟରେ ପ୍ରାଣ ହରାଉଛନ୍ତି । କାନ୍ଦିବା ଏହି ରୋଗର ଏକ ଲକ୍ଷଣ । ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଜାନୁଆରୀ ୨୧ ପରଠାରୁ, ୪୧୯ ଜଣ ମାମଲା ଏବଂ ୫୦ରୁ ଅଧିକ ଜଣଙ୍କର ମୃତ୍ୟୁ ଘଟିଛି । ବୋଲୋକୋ ଏବଂ ବୋମେଟେ ନାମକ ଦୁଇଟି ଦୂରବର୍ତ୍ତୀ ଗାଁରେ ଏହି ରୋଗର ପ୍ରାଦୁର୍ଭାବ ଆରମ୍ଭ ହୋଇଥିଲା । ଦୁଇଟି ଗାଁ ମଧ୍ୟରେ ୧୨୦ ମାଇଲରୁ ଅଧିକ ଦୂରତା ଅଛି । ଅଧିକାରୀମାନେ ଏବେ ବି ରୋଗର କାରଣ ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି। ଉଭୟ ଗାଁର ମାମଲାଗୁଡ଼ିକ ପରସ୍ପର ସହିତ ଜଡ଼ିତ କି ନାହିଁ ? ଏହି ରୋଗ କିପରି ବ୍ୟାପୁଛି ? ଏବଂ ଏହା ମଣିଷଠାରୁ ମଣିଷକୁ ବ୍ୟାପିଛି କି ନାହିଁ ? ଏନେଇ ଜାଣିବାକୁ ଚେଷ୍ଟା ଜାରି ରଖିଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଏହି ରୋଗର ପ୍ରାଦୁର୍ଭାବ ପ୍ରଥମେ ବୋଲୋକୋ ଗାଁରେ ଦେଖାଯାଇଥିଲା । ସେଠାରେ, ବାଦୁଡ଼ି ଖାଇବା ପରେ ୪୮ ଘଣ୍ଟା ମଧ୍ୟରେ ୩ ଜଣ ପିଲାଙ୍କର ମୃତ୍ୟୁ ହୋଇଥିଲା । ବୋମେଟେ ଗାଁରେ ୪୦୦ ରୁ ଅଧିକ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି । ଏହି ଲୋକଙ୍କ ମଧ୍ୟରୁ କିଛି ଲୋକଙ୍କଠାରେ ମ୍ୟାଲେରିଆ ଚିହ୍ନଟ ହୋଇଛି । ବିକୋରୋ ହସ୍ପିଟାଲର ଚିକିତ୍ସା ନିର୍ଦ୍ଦେଶକ ଏବଂ ସରକାରୀ ପ୍ରତିକ୍ରିୟା ଦଳର ସଦସ୍ୟ ଡକ୍ଟର ସର୍ଜ ଙ୍ଗାଲେବାଟୋ ଏହି ରୋଗର ଦୁଇଟି ପ୍ରକୋପ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଥିଲେ । "ପ୍ରଥମ ପ୍ରକୋପ, ଯାହା ଅଧିକାଂଶ ଲୋକଙ୍କର ମୃତ୍ୟୁ ହୋଇଥିଲା । ଦ୍ୱିତୀୟରେ, ମ୍ୟାଲେରିଆର ବହୁତ ମାମଲା ଦେଖାଯାଇଥିବା," ସେ କହିଛନ୍ତି । କହିରଖୁ କି, ପ୍ରାୟ ୮୦% ରୋଗୀଙ୍କଠାରେ ଜ୍ୱର, ଥଣ୍ଡା, ଶରୀର ଯନ୍ତ୍ରଣା ଏବଂ ଝାଡ଼ା ଭଳି ଲକ୍ଷଣ ଦେଖାଯାଏ। କିଛି ରୋଗୀ ବେକ ଏବଂ ସନ୍ଧି ଯନ୍ତ୍ରଣା, ଝାଳ ବୋହିବା ଏବଂ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ।

## ରାଜଧାନୀର ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀ ପୁଲିସଙ୍କୁ ବଡ଼ ବାର୍ତ୍ତା ଦେଲେ ଶାହା




**ନୂଆଦିଲ୍ଲୀ,୨୮।୨:** ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ଦିଲ୍ଲୀର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ରାଜ୍ୟ ଗୃହମନ୍ତ୍ରୀ ଆଶିଷ ସୁଦ, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା ଏବଂ ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଦିଲ୍ଲୀ ପୋଲିସ ଏବଂ ନୂଆ ସରକାରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୈଠକ ସମୟରେ, ଜାତୀୟ ରାଜଧାନୀରେ ବଢ଼ୁଥିବା ଅପରାଧ ଏବଂ ସୁରକ୍ଷା ବିପଦ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅମିତ ଶାହା ରାଜଧାନୀର ସୁରକ୍ଷା ସମ୍ପର୍କରେ କଠୋର ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀର ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପ୍ରାଥମିକତା ହେବା ଉଚିତ। ସେହି ସମୟରେ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।

## ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ବୋମାମାଡ଼ ଧମକ

● ପାକିସ୍ତାନୀ ନମ୍ବରରୁ ଆସିଛି ଧମକପୂର୍ଣ୍ଣ ମେସେଜ୍



**ନୂଆଦିଲ୍ଲୀ,୨୮।୨:** ପାକିସ୍ତାନ ଏହାର ଘୃଣ୍ୟ କାର୍ଯ୍ୟକଳାପରୁ ବିରତି ନେଉନାହିଁ। ଦେଶର ଜନତା ଦୁଇ ଓଳି ଖାଇବା ପାଇଁ ସଂଘର୍ଷ କରୁଥିବା ବେଳେ ଏହା କ୍ରମାଗତ ଭାବରେ ଅପରାଧ ବୃଦ୍ଧାଇବାରେ ଲାଗିଛି। ଭାରତର ବର୍ଦ୍ଧିତ ଶକ୍ତି ଦେଖି ପଡ଼ୋଶୀ ଦେଶ ଗୁଡ଼ିକ ଏବେ ବିଚଳିତ ହୋଇ ପଡିଛନ୍ତି। ଏବେ ମୁମ୍ବାଇ ଟ୍ରାଫିକ୍ ପୋଲିସର ହ୍ୱାଟସଆପ୍ ହେଲ୍ପଲାଇନ୍‌ରେ ଏକ ପାକିସ୍ତାନୀ ନମ୍ବରରୁ ଏକ ମେସେଜ ଆସିଛି, ଯେଉଁଥିରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କ କାର୍ଯ୍ୟାଳୟକୁ ବୋମା ମାଡ଼ କରିବାକୁ ଧମକ ଦିଆଯାଇଛି। ଯାହା ପରେ ପୋଲିସ ଟିମ୍ ଏବେ ଆଲର୍ଟ ହୋଇଛି । ଗୁରୁବାର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଅଧିକାରୀ ଜଣକ କହିଛନ୍ତି ଯେ ନିଜକୁ ମାଲିକ ଶାହବାଜ ରଜା ବୋଲି ଦର୍ଶାଇ ଜଣେ ବ୍ୟକ୍ତି ଗୁରୁବାର ଏହି ଧମକପୂର୍ଣ୍ଣ ମେସେଜ୍ ପଠାଇଥିଲେ, ଯାହା ପରେ ୱର୍ଲି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଥିଲା। 'ଧମକପୂର୍ଣ୍ଣ ମେସେଜଟି ଇଂରାଜୀରେ ଅଛି, ଅଧିକାରୀ ଜଣକ କହିଛନ୍ତି। ଆଉ ଏହା ପରେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଛି ପୋଲିସ । ପୂର୍ବରୁ ମୁମ୍ବାଇ ଟ୍ରାଫିକ୍ ପୋଲିସ ହେଲ୍ପଲାଇନ୍‌ରେ ମଧ ସମାନ ମେସେଜ୍ ପଠାଯାଇଛି। ଗତ ବର୍ଷ ନଭେମ୍ବରରେ ଅଭିନେତା ସଲମାନ ଖାନଙ୍କୁ କ୍ଷତି ପହଞ୍ଚାଇବାକୁ ଧମକ ଦିଆଯାଇଥିଲା ଏବଂ ବଦଳରେ ୫ କୋଟି ଟଙ୍କା ଦାବି କରାଯାଇଥିଲା । ଗତ ବର୍ଷ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଏକ ଧମକପୂର୍ଣ୍ଣ ମେସେଜ ମଧ ପଠାଯାଇଥିଲା, ଯାହା ପରେ ଝାଡ଼ଖଣ୍ଡର ଜଣେ ୩୭ ବର୍ଷୀୟ ବ୍ୟକ୍ତିଙ୍କୁ ରାଜସ୍ଥାନରୁ ଗିରଫ କରାଯାଇଥିଲା। ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ କାରକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଏକ ମେସେଜ ପଠାଯାଇଥିଲା, ଯାହା ପରେ ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା।

## ପୋସ୍କୋ ମାମଲାରେ ଆସିଲା ରାୟ; ୟେଦ୍ଦୁରପ୍ପାଙ୍କୁ ସ୍ପେଶାଲ କୋର୍ଟର ସମନ



**ନୂଆଦିଲ୍ଲୀ,୨୮।୨:** ଅସଦାଚରଣ ମାମଲାରେ ଫଶିଥିବା ଭେଟରାନ ବିଜେପି ନେତା ବିଏସ ୟେଦ୍ଦୁରପ୍ପାଙ୍କୁନେଇ ଏକ ସ୍ପେଶାଲ କୋର୍ଟ ନୂଆ ରାୟ ପ୍ରଦାନ କରିଛନ୍ତି। କର୍ଣ୍ଣାଟକ ସିଆଇଡି ପୋଲିସ ତାଙ୍କ ଉପରେ କରିଥିବା ଯୌନ ଅପରାଧରୁ ଶିଶୁ ସୁରକ୍ଷା(ପୋକ୍ସୋ) ଆକ୍ଟ ଅଧିନରେ ହୋଇଥିବା ଏହି ମାମଲାର କୋର୍ଟ ଶୁଣାଣି କରିଥିଲେ। କୋର୍ଟରୁ ଆସିଥିବା ନୂତନ ରାୟ ମୁତାବକ ୟେଦ୍ଦୁରପ୍ପାଙ୍କୁ ମାର୍ଚ୍ଚ ୧୫ ପୂର୍ବରୁ କୋର୍ଟରେ ହାଜର ହବାକୁ ଆଦେଶ ଦିଆଯାଇଛି। ଗତ ଫେବୃଆରୀ ୭ ତାରିଖରେ କର୍ଣ୍ଣାଟକ ହାଇକୋର୍ଟ ୟେଦ୍ଦୁରପ୍ପାଙ୍କ ପୋସ୍କୋ ମାମଲାର ବିଚାର କରିବେ ନାହିଁ ବୋଲି ଆଦେଶ ଦେଇଥିଲେ। ତେବେ ସେ ଆବେଦନ କରିଥିବା ଅଗ୍ରିମ ଜାମିନକୁ ମଞ୍ଜୁରି ପ୍ରଦାନ କରିଥିଲେ। ଅଦାଲତ ଏହି ଆବେଦନକୁ ଆଂଶିକ ଅନୁମତି ପ୍ରଦାନ କରିଛନ୍ତି। ଏହା ସହ ଏହି ମାମଲାର ବିଚାର ପୋସ୍କୋ ଅଧିନିୟମାନୁଯାୟି ଏକ ସ୍ପେଶାଲ କୋର୍ଟରେ କରାଯିବ ବୋଲି ଆଦେଶ ଦେଇଥିଲେ। ପ୍ରରମ୍ଭିକ ପର୍ଯ୍ୟାୟରେ ଜଷ୍ଟିସ ଏମ ନାଗପ୍ରସନ୍ନ ୟେଦ୍ଦୁରପ୍ପାଙ୍କୁ ଗିରଫ ନହେବା ପାଇଁ ଆନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ସେ ହିଁ ଉଭୟ ପକ୍ଷର କଥା ଶୁଣି ଏହି ରାୟ ପ୍ରଦାନ କରିଥିଲେ। ସୂଚନା ମୁତାବକ, ଜଣେ ମହିଳାଙ୍କ ଦ୍ୱାରା ଗତବର୍ଷ ମାର୍ଚ୍ଚ ୧୪ ତାରିଖରେ ୟେଦ୍ଦୁରପ୍ପାଙ୍କ ଉପରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ମହିଳା ଜଣଙ୍କ ତାଙ୍କ ୧୭ ବର୍ଷିୟ ନାବାଳିକା ଝିଅ ୟେଦ୍ଦୁରପ୍ପାଙ୍କ ଦ୍ୱାରା ଅସଦାଚରଣର ଶିକାର ହୋଇଛି ବୋଲି ଅଭିଯୋଗ କରିଥିଲେ।

## ନେପାଳ ବିଦେଶ ମନ୍ତ୍ରୀଙ୍କ ବିମାନକୁ କୋଲକାତା ଡାଇଭର୍ଟ

**ନୂଆଦିଲ୍ଲୀ,୨୮।୨:** ନେପାଳ ବିଦେଶ ମନ୍ତ୍ରୀ ଆରଜୁ ରାଣା ଦେଉବାଙ୍କୁ ନେଇ କାଠମାଣ୍ଡୁ ଯାଉଥିବା କତାର ଏୟାରୱେଜର ବିମାନକୁ ଶୁକ୍ରବାର କୋଲକାତା ଆଡକୁ ଡାଇଭର୍ଟ କରାଯାଇଛି। ସୂଚନା ମୁତାବକ, ଖରାପ ପାଣିପାଗ କାରଣରୁ ତ୍ରିଭୂବନ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ବିମାନଟି ଅବତରଣ କରିବା ପାଇଁ ଅନୁମତି ମିଳି ନଥିଲା। ଅବତରଣ କରିବା ପ୍ରୟାସ ବିଫଳ ହେବାପରେ ବାଧ ହୋଇ ବିମାନ ବନ୍ଦର କର୍ତ୍ତୃପକ୍ଷ ବିମାନଟିକୁ କୋଲକାତାକୁ ଡାଇଭର୍ଟ କରିଦେଇଥିଲେ। ତେବେ ୬୩ ବର୍ଷିୟ ଦେଉବା ଜେନେଭାଠାରେ ହେଉଥିବା ସଂଯୁକ୍ତ ରାଷ୍ଟ୍ରର ବୈଠକରେ ଭାଗନେବା ପରେ ବିମାନ ଯୋଗେ ନେପାଳ ଫେରୁଥିଲେ।

## ରମଜାନ ପୂର୍ବରୁ ଦୋହଲିଲା ପାକିସ୍ତାନ ମସଜିଦରେ ବିସ୍ଫୋରଣ, ୫ ମୃତ

**ଇସଲାମାବାଦ,୨୮।୨:** ପାକିସ୍ତାନର ଜାମିଆ ହକ୍କାନିଆରେ ଏକ ବୋମା ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ପବିତ୍ର ରମଜାନ ମାସ ପୂର୍ବରୁ ଶୁକ୍ରବାର ଉତ୍ତର-ପଶ୍ଚିମ ପାକିସ୍ତାନର ଖୈବର ପଖତୁନଖୱା ପ୍ରଦେଶର ଏକ ତାଲିବାନ ସମର୍ଥକ ମସଜିଦରେ ବିସ୍ଫୋରଣ ଘଟିଛି। ରିପୋର୍ଟ ଅନୁଯାୟୀ, ଜିଲା ପୋଲିସ ମୁଖ୍ୟ ଅବଦୁଲ ରସିଦ କହିଛନ୍ତି ଯେ ଏହି ବିସ୍ଫୋରଣ ଖୈବର ପଖତୁନଖୱା ପ୍ରଦେଶର ଆକ୍କୋରା ଖଟ୍ଟକ ଜିଲାରେ ଘଟିଛି। ସେ କହିଛନ୍ତି ଅଧିକାରୀମାନେ ଏହି ଘଟଣାର ତଦନ୍ତ କରୁଛନ୍ତି ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି। ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣର ଦାୟିତ୍ୱ ନେଇନାହିଁ।

## ଦିଲ୍ଲୀରେ ବିରୋଧୀଦଳ ନେତା ଆତିଶୀଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ସ୍ତରର ସୁବିଧା



**ନୂଆଦିଲ୍ଲୀ,୨୮।୨:** ଦିଲ୍ଲୀର ଶାସନ କ୍ଷମତାରୁ ଆମ ଆଦମୀ ପାର୍ଟି ବିଦାୟ ନେବା ପରେ ଆତିଶୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ମଧ, ତାଙ୍କ ଦରମା, ଭତ୍ତା ଏବଂ ସୁବିଧାରେ କୌଣସି ହ୍ରାସ କରାଯିବ ନାହିଁ। ଏହାର କାରଣ ହେଉଛି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ସମାନ ଦରମା ଏବଂ ଭତ୍ତା ପାଆନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ଇସ୍ତଫା ପରେ ନିର୍ବାଚନ ପୂର୍ବରୁ ଆତିଶୀଙ୍କୁ ଦିଲ୍ଲୀର ମୁଖ୍ୟମନ୍ତ୍ରୀ କରାଯାଇଥିଲା। ହେଲେ ନିର୍ବାଚନ ପରେ ସେ ଏହି ପଦବୀ ଛାଡିବେ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଆମ ଆଦମୀ ପାର୍ଟି ନିର୍ବାଚନ ଜିତିଥାନ୍ତା, ତେବେ ଅରବିନ୍ଦ କେଜରିୱାଲ ପୁଣି ମୁଖ୍ୟମନ୍ତ୍ରୀ ଚୌକିକୁ ଫେରିଥାନ୍ତେ। କିନ୍ତୁ ଦଳ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ପରାଜୟ ପରେ, ଆପକୁ ଏବେ ବିରୋଧୀ ଦଳରେ ବସିବାକୁ ପଡୁଛି। ଏପରି ପରିସ୍ଥିତିରେ, ଦଳୀୟ ବିଧାୟକ ମାନେ ଆତିଶୀଙ୍କୁ ବିରୋଧୀ ଦଳ ନେତା ଭାବରେ ନିର୍ବାଚିତ କରିଛନ୍ତି। ତେବେ ବିରୋଧିଦଳ ନେତା ଆସନରେ ବସିଥିଲେ ମଧ, ସେ ପୂର୍ବ ପରି ଦରମା ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବେ। ଅର୍ଥାତ ବିରୋଧିଦଳ ନେତା ହେଲେ ବି ମୁଖ୍ୟମନ୍ତ୍ରୀଙ୍କ ଭଳି ସୁବିଧା ପାଇବେ ସେ ।

● ଉତ୍ତରପ୍ରଦେଶ ଚାନ୍ଦୋଲିରେ ମର୍ମନ୍ତୁଦ ଦୁର୍ଘଟଣା

## ବୋଲେରୋ-ଟ୍ରକ ଧକ୍କା, ୪ ମୃତ

**ଉତ୍ତରପ୍ରଦେଶର,୨୮।୨:** ଚାନ୍ଦୋଲିରେ ଭୟଙ୍କର ସଡ଼କ ଦୁର୍ଘଟଣା । ଏଥିରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୫ ଜଣ ଗୁରୁତର ରହିଛନ୍ତି । ଚନ୍ଦୋଲିର ନୋଗଢ ଥାନାର ଜୟମୋହିନୀ ନିକଟରେ ରାତିରେ ବୋଲେରୋ ଏବଂ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଛି । ଖବର ମୁତାବକ, ବୋଲେରୋରେ ସମସ୍ତେ ସୋନଭଦ୍ରର ରେଣୁକୁଟ ଯାଉଥିଲେ । ଏମାନେ ସେଠାରୁ ଟ୍ରେନ ଯୋଗେ ପଶ୍ଚିମବଙ୍ଗ ଯାଇଥାନ୍ତେ । ହେଲେ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ବୋଲେରୋକୁ ଧକ୍କା ଦେଇଥିଲା ଟ୍ରକ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ବୋଲେରୋରେ ଥିବା ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ରହିଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଆଡମିଟ୍ କରାଯାଇଛି । ମୃତକଙ୍କ ମଧ୍ୟରେ ଜଣେ ମହିଳା, ଜଣେ ୭ ବର୍ଷର ପିଲା ଏବଂ ଦୁଇଜଣ ପୁରୁଷ ରହିଛନ୍ତି । ମୃତଦେହକୁ ପୋଷ୍ଟମଟମ ପାଇଁ ପଠାଯାଇଛି । ଘଟଣା ପରେ ସ୍ଥାନୀୟ ଲୋକ ପହଞ୍ଚି ସମସ୍ତଙ୍କୁ ହସପିଟାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା।

## ଚନ୍ଦ୍ରର ସ୍ପଷ୍ଟ ଚିତ୍ର ପଠାଇଲା 'ବ୍ଲୁ ଘୋଷ୍ଟ'



**ୱାଶିଂଟନ୍,୨୮।୨:** ଆମେରିକୀୟ ଘରୋଇ ଏରୋସ୍ପେସ୍ କମ୍ପାନୀ 'ଫାୟାରଫ୍ଲାଏ ଏରୋସ୍ପେସ୍'ର 'ବ୍ଲୁ ଘୋଷ୍ଟ' ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ନିଜ ଲକ୍ଷ୍ୟର ନିକଟତର ହେବାରେ ଲାଗିଛି। ଅବତରଣ କରିବାର କିଛିଦିନ ପୂର୍ବରୁ ଏହା ଚନ୍ଦ୍ରର ବିସ୍ତୃତ ଭିଜୁଆଲ ପଠାଇଛି, ଯାହାକୁ ଫାୟାରଫ୍ଲାଏ ଏରୋସ୍ପେସ୍ ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ଚଳିତ ମାସରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିବା ଏହି ଲୁନାର ଲାଣ୍ଡର ୧୨୦ କି.ମି. ଉପରୁ ଉକ୍ତ ଫୁଟେଜକୁ ରେକର୍ଡ କରିଥିଲା। ଏହି ଫୁଟେଜ୍‌ରେ ଚନ୍ଦ୍ରର ବିସ୍ତୃତ ଦୃଶ୍ୟକୁ ଦେଖିବାକୁ ମିଳିଛି, ଯେଉଁଥିରେ ଏହାର ଦୁର୍ଗମ ଏବଂ ଅସମତଳ ଭୂମି ସହ ବିଭିନ୍ନ ଗର୍ତ୍ତ ଥିବା ସ୍ଥାନକୁ ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓରେ ଚନ୍ଦ୍ରର ଲୁକ୍କାୟିତ ପାର୍ଶ୍ୱକୁ ଦେଖିବାକୁ ମିଳିଛି, ଯାହାକୁ ପୂର୍ବରୁ କେବେ ମଧ ଦେଖିବାକୁ ମିଳି ନ ଥିଲା। ଚନ୍ଦ୍ରର ଏହି ଲୁକ୍କାୟିତ ପାର୍ଶ୍ୱ ପୃଥିବୀରୁ ଦୃଶ୍ୟମାନ ହୁଏନାହିଁ ବୋଲି ବୁଧବାର 'ବ୍ଲୁ ଘୋଷ୍ଟ'ର ଉପମୁଖ୍ୟ ଇଞ୍ଜିନିୟର ଯୋଶେଫ ମାର୍ଲିନ କହିଛନ୍ତି।

### ତେଲଙ୍ଗାନା ଟନେଲ ଟ୍ରାଜେଡି

## ୮ କର୍ମଚାରୀଙ୍କୁ ଉଦ୍ଧାର ପାଇଁ ଚାଲିଛି ଉଦ୍ୟମ




**ହାଇଦ୍ରାବାଦ,୨୮।୨:** ତେଲଙ୍ଗାନାର ନାଗରକୁର୍ଣ୍ଣୁଲରେ ନିର୍ମାଣାଧୀନ ଶ୍ରୀଶୈଲମ ଲେଫ୍ଟ ବ୍ୟାଙ୍କ କେନାଲ (ଏସ୍‌ଏଲ୍‌ବିସି) ସୁଡ଼ଙ୍ଗର ଏକ ଅଂଶ ଚଳିତମାସ ୨୨ ତାରିଖରେ ଭୁଶୁଡ଼ି ପଡ଼ିଥିଲା । ଏଥିରେ ସେବେଠାରୁ ୮ କର୍ମଚାରୀ ଫସିରହିଛନ୍ତି ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ଧାର ଅଭିଯାନ ଚାଲିଛି। ତାଜା ତଥ୍ୟ ମୁତାବକ, ଉଦ୍ଧାରକାରୀ ଟିମ୍‌ଗୁଡ଼ିକ ଫସିରହିଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଏବେ ସୁଡ଼ଙ୍ଗ ବୋରିଂ ମେସିନ୍ (ଟିବିଏମ୍) ର ଅଂଶ ଏବଂ ଅନ୍ୟ ପ୍ରତିବନ୍ଧକକୁ କାଟି ରାସ୍ତାରୁ ହଟାଉଛନ୍ତି । ସେହିଭଳି ସୁଡ଼ଙ୍ଗରେ କାମ କରୁଥିବା କିଛି ଶ୍ରମିକ ଭୟରେ କାମ ଛାଡ଼ି ପଳାୟନ କରୁଛନ୍ତି । ଏ ନେଇ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ଏସ୍‌ଏଲ୍‌ବିସି ପ୍ରକଳ୍ପରେ ୮୦୦ ଲୋକ କାମ କରୁଛନ୍ତି । ଏମାନଙ୍କ ମଧ୍ୟରୁ ୩୦୦ ସ୍ଥାନୀୟ ଅଞ୍ଚଳର ଓ ଅନ୍ୟମାନେ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଉତ୍ତର ପ୍ରଦେଶର। ତାଙ୍କ ମୁତାବକ, ଶ୍ରମିକଙ୍କୁ କାମ କରିବାକୁ ଡର ଲାଗିବା ସ୍ୱାଭାବିକ କଥା । ତେବେ କମ୍ପାନି ସେମାନଙ୍କ ପାଇଁ ଆବାସିକ ଶିବିର ନିର୍ମାଣ କରିଛି । କିଛି ଲୋକ ଫେରିଯିବାକୁ ଚାହିଁପାରନ୍ତି । କିନ୍ତୁ ସମସ୍ତେ ଏକସଙ୍ଗେ ଛାଡ଼ି ଯାଉଥିବା ନେଇ ରିପୋର୍ଟ ଆମ ପାଖରେ ନାହିଁ ।

## ରାଜନୀତିକୁ ଆସିବେ ନୀତିଶ ନନ୍ଦନ୍!

**ନୂଆଦିଲ୍ଲୀ,୨୮।୨:** ବିହାରରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ରହିଛି । ଏହା ମଧ୍ୟରେ ବିହାର ରାଜନୀତିରେ ସିଏମ୍ ନୀତିଶ କୁମାରଙ୍କ ପୁଅ ନିଶାନ୍ତଙ୍କୁ ନେଇ କେତେକ ପ୍ରକାରର ଚର୍ଚ୍ଚା ଜାରି ରହିଛି । ଗତ କିଛି ଦିନରେ ରାଜନୀତିରେ ନିଶାନ୍ତଙ୍କ ସକ୍ରିୟତା ବଢ଼ିବାରେ ଲାଗିଛି । ଯାହାପରେ ନିଶାନ୍ତଙ୍କୁ ନେଇ ରାଜନୀତି ଦ୍ରୁତ ହେବାରେ ଲାଗିଛି। ଏହା ମଧ୍ୟରେ ଏବେ ବିଶ୍ୱସ୍ତ ସୂତ୍ରରୁ ଖବର ଆସୁଛି କି ନୀତିଶ କୁମାରଙ୍କ ପୁଅ ନିଶାନ୍ତଙ୍କ ରାଜନୀତିରେ ଆସିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ନିଶାନ୍ତ ନାଳନ୍ଦା ଜିଲ୍ଲାର ହରନ୍ୟାତ ବିଧାନସଭା ସିଟରୁ ନିର୍ବାଚନ ଲଢ଼ିପାରନ୍ତି ।

## ଚାମ୍ପିଅନ୍ସ ଟ୍ରଫି: ସେମିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ହାତରେ ଆଫଗାନିସ୍ତାନ ଭାଗ୍ୟ

**ଲାହୋର,୨୮।୧:** ଚଳିତ ଚାମ୍ପିଅନ୍ସ ଟ୍ରଫିରେ ତୃତୀୟ ଦଳ ଭାବେ ଅଷ୍ଟ୍ରେଲିଆ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ଆଜି ତା'ର ଗ୍ରୁପ୍ ପର୍ଯ୍ୟାୟ ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଭେଟିଥିବାବେଳେ ଏଥିରେ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ଗୋଟିଏ ପଏଣ୍ଟ ପାଇଁ ମୋଟ ୩ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦଳର ସେମିଫାଇନାଲ୍ ଆଶା ଆସନ୍ତାକାଲି ଖେଳାଯିବାକୁ ଥିବା ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବ। ଏହି ମ୍ୟାଚ୍‌ରେ ଇଂଲଣ୍ଡ ଭଲ ପ୍ରଦର୍ଶନ କଲେ, ଆଫଗାନିସ୍ତାନ ରନ୍ ରେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଶୀର୍ଷ ୪ ଦଳରେ ସାମିଲ୍ ହୋଇପାରିବ। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୨୭୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାଦିକୁଲ୍ଲାହ ଅଟଲ ୮୫ ଓ ଅଜମତ୍‌ଉଲ୍ଲା ଓମରଜାଇ ୬୭ ରନ୍ କରିଥିବା ବେଳେ ପ୍ରତିପକ୍ଷ ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡ୍ୱାର୍‌ସୁଇସ୍ ୩ଟି, ସ୍ପେନ୍ସର୍ ଜନ୍‌ସନ୍ ଓ ଆଡାମ୍ ଜାମ୍ପା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଅଷ୍ଟ୍ରେଲିଆ ୧୨.୫ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୧୦୯ ରନ୍ କରିଥିବା ସମୟରେ ବର୍ଷା ଆରମ୍ଭ ହୋଇଥିଲା। ଏହାପରେ ଆଉ ଖେଳ ସମ୍ଭବପର ନ ହେବାରୁ ଅଷ୍ଟ୍ରେଲିଆକୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପଏଣ୍ଟ ଭାଗ କରିବାକୁ ପଡ଼ିଥିଲା। ଓପନର ଟ୍ରେଭିସ୍ ହେଡ୍ ୫୯ ଓ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୧୯ ରନ୍‌ରେ ଅପରାଜିତ ଥିବା ବେଳେ ଅନ୍ୟତମ ଓପନର ମାଥ୍ୟୁ ଶର୍ଟ ୨୦ ରନ୍ କରି ଆଉଟ୍ ହୋଇଥିଲେ।

## ବ୍ୟାଟିଂ ଅଭ୍ୟାସ କଲେନି ରୋହିତ

### ସ୍ପିନ୍ ଉପରେ ଅଧିକ ଧ୍ୟାନ ଦେଲେ କୋହଲି

**ଦୁବାଇ, ୨୮।୨:** ଚାମ୍ପିଅନ୍ସ ଟ୍ରଫିର ନିଜ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ରବିବାର ଦୁବାଇରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ ଭାରତ ସ୍ଥାନୀୟ ଆଇସିସି ଏକାଡେମି ଗ୍ରାଉଣ୍ଡରେ ହାଲକା ଅଭ୍ୟାସ ଆରମ୍ଭ କରିଦେଇଛି। ଅଧିନାୟକ ରୋହିତ ଶର୍ମା ଫିଟ୍‌ନେସ ଡ୍ରିଲ୍ କରିଥିଲେ। କିନ୍ତୁ ନେଟ୍ ବ୍ୟାଟିଂ ଅଭ୍ୟାସଠୁ ଦୂରେଇ ରହିଥିଲେ। ସେ ଷ୍ଟ୍ରେଙ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକଙ୍କ ସହ ସମୟ କଟାଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତଙ୍କ ମାଂସପେଶୀ ଟାଣି ହେବାରୁ ପ୍ରାୟ ୧୦ ଓଭର କ୍ଷେତ୍ରରକ୍ଷଣ କରି ନଥିଲେ। କିନ୍ତୁ ବ୍ୟାଟିଂକୁ ଆସି ୧୫ ବଲ୍‌ରୁ ୨୦ ରନ୍ କରିଥିଲେ।



ନେଟ୍ ଅଭ୍ୟାସ କରି ନଥିଲେ ମଧ ସେ କିନ୍ତୁ ପୂରା ଅଧିବେଶନ ବେଳେ ଉପସ୍ଥିତ ରହି ମୁଖ୍ୟ ପ୍ରଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ତାରକା ବ୍ୟାଟର୍ ବିରାଟ କୋହଲି ନେଟ୍‌ରେ ସ୍ପିନର ଓ ପେସର୍‌ଙ୍କ ବିପକ୍ଷରେ ଅତିରିକ୍ତ ଅଭ୍ୟାସ କରିଥିଲେ। ବିଶେଷ କରି ସେ ଟାକ୍‌ଲିଂ ସ୍ପିନ୍ ଉପରେ ଅଧିକ ଧ୍ୟାନ ଦେଇଥିଲେ। ସେ ଭାରତୀୟ ସ୍ପିନର୍‌ଙ୍କ ସହ ସ୍ଥାନୀୟ ବୋଲରଙ୍କୁ ସାମ୍ନା କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ରେ ଖେଳି ନଥିବା ଋଷଭ ପନ୍ତ ମଧ ୱିକେଟ୍‌କିପିଂ ସହ ବ୍ୟାଟିଂ ଅଭ୍ୟାସ ଉପରେ ଜୋର୍ ଦେଇଥିଲେ। ଅଲ୍‌ରାଉଣ୍ଡର ହାର୍ଦିକ ପାଣ୍ଡ୍ୟା ସଟ୍‌ପିଚ୍ ବଲ୍ ଉପରେ ଅଧିକ ଅଭ୍ୟାସ କରିଥିଲେ। ତିନି ଦ୍ରୁତ ବୋଲର ମହମ୍ମଦ ସାମି, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ସେମାନଙ୍କ ଲାଇନ୍ ଓ ଲେନ୍ଥକୁ ସଜାଡ଼ିବାରେ ଲାଗିଥିଲେ। ଏହି ଅଭ୍ୟାସ ଅଧିବେଶନରେ ଶୁବମନ ଗିଲ୍‌ଙ୍କୁ ଦେଖିବାକୁ ମିଳି ନଥିଲା। ଭାରତ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରି ସାରି ଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ନିଜ ବେଞ୍ଚ୍ ଷ୍ଟ୍ରେଙ୍ଥ୍ ପରୀକ୍ଷା କରିବାର ସମ୍ଭାବନା ରହିଛି।

## ପାକିସ୍ତାନର ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ କଲେ ଇମ୍ରାନ



**ନୂଆଦିଲ୍ଲୀ, ୨୮।୨:** ଚାମ୍ପିଅନ୍ସ ଟ୍ରଫି ୨୦୨୫ରୁ ପାକିସ୍ତାନ ଦଳ ବାଦ ପଡିବା ପରେ ସାରା ଦେଶରେ ଏକ ବିତର୍କ ଆରମ୍ଭ ହୋଇଛି। ନିଜ ଦଳକୁ ସମାଲୋଚନା କରିବାରେ ବ୍ୟସ୍ତ ଥିବା କିମ୍ବଦନ୍ତୀ କ୍ରିକେଟର ଏବଂ ପ୍ରଶଂସକଙ୍କ ତାଲିକା ଶେଷ ହେଉନାହିଁ। ଏବେ ପୂର୍ବତନ ପାକିସ୍ତାନ ଦଳର ଅଧିନାୟକ ଇମ୍ରାନ ଖାନ ଜେଲରୁ ପାକିସ୍ତାନ ଦଳର ପ୍ରଦର୍ଶନ ଉପରେ ଏକ ବୟାନ ଦେଇଛନ୍ତି। ଆପଣଙ୍କୁ କହିରଖୁଛୁ ଯେ ଆୟୋଜକ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଥିବା ପ୍ରଥମ ଦେଶ ଥିଲା। ଆପଣଙ୍କୁ କହି ରଖୁଛୁ ଯେ ଇମ୍ରାନ ବର୍ତ୍ତମାନ ଦୁର୍ନୀତି ଅଭିଯୋଗରେ ଜେଲରେ ସଜା କାଟୁଛନ୍ତି। ଏବେ ତାଙ୍କ ଭଉଣୀ ଅଲିମା ଖାନ କହିଛନ୍ତି ଯେ ଇମ୍ରାନ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ପ୍ରଦର୍ଶନରେ ଆଦୌ ଖୁସି ନାହାଁନ୍ତି। ଅଲିମା ଖାନ କହିଛନ୍ତି, "ଇମ୍ରାନ କହିଥିଲେ ଯେ ଯେପର୍ଯ୍ୟନ୍ତ ଅଧିକାରୀମାନେ ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ସୁଯୋଗ ଦେଇ ଚାଲିବେ, ସେପର୍ଯ୍ୟନ୍ତ କ୍ରିକେଟର ବିନାଶ ନିଶ୍ଚିତ।" ଗତ କିଛି ବର୍ଷ ମଧ୍ୟରେ, ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧକ୍ଷଙ୍କଠାରୁ ଆରମ୍ଭ କରି ଚୟନ କମିଟିର ସଦସ୍ୟ ଏବଂ ସମ୍ପ୍ରତି ଦଳର ଅଧିନାୟକ ମଧ ପରିବର୍ତ୍ତନ ହେଉଛନ୍ତି। ଏହା ସତ୍ତ୍ୱେ, ପାକ୍ ଦଳର ପ୍ରଦର୍ଶନରେ ଉନ୍ନତି ହୋଇନାହିଁ। ଇମ୍ରାନ ଖାନଙ୍କ ବିଷୟରେ କହିବାକୁ ଗଲେ, ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୧୯୯୨ ବିଶ୍ୱକପ୍ ଜିତିଥିଲା। କିଛି ସମୟ ପୂର୍ବରୁ, ପୂର୍ବତନ ପିସିବି ଅଧକ୍ଷ ନଜମ ସେଠି ପାକିସ୍ତାନ କ୍ରିକେଟର ଖରାପ ଅବସ୍ଥା ପାଇଁ ସିଧାସଳଖ ଇମ୍ରାନ ଖାନଙ୍କୁ ଦାୟୀ କରିଥିଲେ। ସେଠି ବିଶ୍ୱାସ କରନ୍ତି ଯେ ୨୦୧୯ରେ ପାକିସ୍ତାନରେ ନୂତନ ସରକାର ଆସିବା ପରେ ପାକିସ୍ତାନ କ୍ରିକେଟର ପତନ ଆରମ୍ଭ ହୋଇଥିଲା। ସେ କହିଛନ୍ତି ଯେ କ୍ରିକେଟରେ ରାଜନୀତିର ହସ୍ତକ୍ଷେପ ଯୋଗୁଁ ଆଜି ପାକିସ୍ତାନ କ୍ରିକେଟର ଏହି ଅବସ୍ଥା ହୋଇଛି।

## ଏସିଆ କପରେ ପୁଣି ମୁହାଁମୁହିଁ ହେବେ ଭାରତ-ପାକ୍

**ନୂଆଦିଲ୍ଲୀ, ୨୮।୨:** ଚାମ୍ପିୟନ୍ସ ଟ୍ରଫି୨୦୨୫ରେ ପାକିସ୍ତାନ ବିପକ୍ଷ ବିଜୟକୁ ଭାରତୀୟ ପ୍ରଶଂସକମାନେ ପାଳନ କରୁଥିବା ବେଳେ ଆଉ ଏକ ଖୁସି ଖବର ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଏସିଆ କପ୍ ରେ ଭାରତ ଓ ପାକିସ୍ତାନ ଥରେ ନୁହେଁ ତିନି ଥର ମୁହାଁମୁହିଁ ହୋଇପାରନ୍ତି। କ୍ରିକବଜ୍ ର ଏକ ରିପୋର୍ଟ ଅନୁଯାୟୀ, ୨୦୨୫ ଏସିଆ କପ୍ ପାଇଁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ଏହାକୁ ଏକ ନିରପେକ୍ଷ ଦେଶରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଶ୍ରୀଲଙ୍କା ଓ ୟୁଏଇ ସମ୍ଭାବ୍ୟ ଭେନ୍ୟୁ ମଧ୍ୟରୁ ଅନ୍ୟତମ। ତଥାପି ଅଫିସିଆଲ୍ ଆୟୋଜକ ଭାରତୀୟ କ୍ରିକେଟ୍ ବୋର୍ଡ ରହିବ। ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଆପଣଙ୍କୁ ମନେଥିବ ଯେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବାର ଥିଲା, କିନ୍ତୁ ସୁରକ୍ଷା କାରଣରୁ ଭାରତ ସେଠାରେ ଖେଳିବାକୁ ମନା କରିଦେଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳୁଛି।




# ଚାମ୍ପିଅନ୍ ଟ୍ରଫି: ପାକିସ୍ତାନ ଓ ବାଂଲାଦେଶର ବିଜୟହୀନ ବିଦାୟ

**ରାୱଲପିଣ୍ଡି, ୨୮।୨:** ପାକିସ୍ତାନ-ବାଂଲାଦେଶ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ବାତିଲ ହୋଇଯାଇଛି। ଲଗାଣ ବର୍ଷା ପାଇଁ ଚଳିତ ଚାମ୍ପିଅନ୍ସ ଟ୍ରଫିର କୌଣସି ମ୍ୟାଚ୍ ବାତିଲା ହେବା ଏହା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ ରାୱଲପିଣ୍ଡିର ଅଦିନିଆ ପାଗ ପାଇଁ ଏଠାରେ ଗତ ମଙ୍ଗଳବାର ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ମଧ ଗୋଟିଏ ବି ବଲ୍ ପଡ଼ିବା ପୂର୍ବରୁ ବାତିଲ ହୋଇଯାଇଥିଲା। ଗୁରୁବାର ଅପରାହ୍ଣରୁ ବର୍ଷା ଆରମ୍ଭ ହୋଇ ଆଉ ଛାଡ଼ିନଥିଲା। ଏହାର ମାତ୍ରା ଏତେ ଅଧିକ ଥିଲା ଯେ ଗ୍ରାଉଣ୍ଡ୍‌ସମ୍ୟାନ୍ ପିଚ୍‌ରେ ତମ୍ବୁ ଘୋଡ଼ାଇବାର ଟିକିଏ ହେଲେ ବି ସୁଯୋଗ ପାଇ ନଥିଲେ। ଏଣୁ ମ୍ୟାଚ୍ ଆରମ୍ଭ ହେବାର ନିର୍ଦ୍ଧାରିତ ସମୟର ମାତ୍ର ଦେଢ଼ ଘଣ୍ଟା ପରେ ଅର୍ଥାତ୍ ସ୍ଥାନୀୟ ସମୟ ଅପରାହ୍ଣ ୩ଟା ୨୭ରେ ଏହାକୁ ବାତିଲ କରିଦିଆଯାଇଥିଲା। ତା' ସହିତ ଚାମ୍ପିଅନ୍ସ ଟ୍ରଫିର ରାୱଲପିଣ୍ଡି ପର୍ଯ୍ୟାୟ ନୈରାଶ୍ୟର ସହ ଶେଷ ହୋଇଥିଲା। ଦୁଇଟି ବାତିଲ ମ୍ୟାଚ୍ ସହ ଏଠାରେ ଗତ ୨୪ ତାରିଖରେ ନ୍ୟୁଜିଲାଣ୍ଡ-ବାଂଲାଦେଶ ମ୍ୟାଚ୍ ଖେଳାଯାଇଥିଲା। ଯାହାକୁ ନ୍ୟୁଜିଲାଣ୍ଡ ୫ ୱିକେଟ୍‌ରେ ଜିତି ନେଇଥିଲା। ଏବେ ଗ୍ରୁପ୍-ଏ'ର ଆଉ ମାତ୍ର ଗୋଟିଏ ଲିଗ୍ ମ୍ୟାଚ୍ ବାକି ରହିଛି। ଯାହା ଆସନ୍ତା ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଦୁବାଇରେ ଖେଳାଯିବ। ଉଭୟ ଦଳ ସେମିଫାଇନାଲ୍ ଟିକେଟ ହାସଲ କରିସାରିଥିବାରୁ ଅପରାଜେୟ ରହି ଏହି ପର୍ଯ୍ୟାୟକୁ ଯିବାକୁ ଏଥିରେ ଚେଷ୍ଟା କରିବେ। ଗୁରୁବାର ବାତିଲ ମ୍ୟାଚ୍‌ରୁ କିନ୍ତୁ ଉଭୟ ବାଂଲାଦେଶ ଓ ପାକିସ୍ତାନ ନିଜନିଜର ପଏଣ୍ଟ ଖାତା ଖୋଲିଛନ୍ତି। ତେବେ ରନ୍ ରେଟ୍‌ରେ ପଛୁଆ ରହି ପାକିସ୍ତାନ ଆୟୋଜକ ହୋଇ ମଧ ଗ୍ରୁପ୍-ଏ'ର ସବାଶେଷ ସ୍ଥାନରେ ଅଭିଯାନ ଶେଷ କରିଛି।




### ଆୟୋଜକ ଅଭିଯାନ ଅକାଳରେ ଶେଷ

ଆୟୋଜକ ପାକିସ୍ତାନ ତାର ପ୍ରଥମ ଦୁଇଟି ମ୍ୟାଚ୍‌କୁ ହାରିଥିଲା। ଗୁରୁବାରର ବାଂଲାଦେଶ ବିପକ୍ଷ ମ୍ୟାଚ୍ ବାତିଲ ହେବା ପରେ ଏହି ଦଳ ବିନା ବିଜୟରେ ନିଜ ଚାମ୍ପିଅନ୍ସ ଟ୍ରଫି ଅଭିଯାନ ଶେଷ କରିଛି। ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଥିଲା ବେଳେ ଏହି ଦେଶକୁ କୌଣସି ଆଇସିସି ପ୍ରତିଯୋଗିତା ୨୯ବର୍ଷ ପରେ ଫେରିଥିଲା। ଏଣୁ ପାକିସ୍ତାନର ଏଭଳି ଦୁର୍ବଳ ଓ ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବିସ୍ମିତ କରିଛି। ପୁଣି ଆୟୋଜକ ଦଳର ଦୟନୀୟ ପ୍ରଦର୍ଶନ ପାଇଁ ଚାମ୍ପିଅନ୍ସ ଟ୍ରଫି ଏକପ୍ରକାର ତା'ର ଚମକ ହରାଇଛି। ପାକିସ୍ତାନୀ କ୍ରିକେଟ୍‌ପ୍ରେମୀ ଆଶାଜନକ ଭାବେ ଷ୍ଟାଡିୟମ୍ ଆସୁ ଥିଲା ବେଳେ ପାକିସ୍ତାନର ବିଦାୟ ସ୍ଥିତିକୁ ଆହୁରି ସଙ୍ଗିନ କରିବ ବୋଲି କ୍ରିକେଟ୍ ପଣ୍ଡିତମାନେ ଭବିଷ୍ୟବାଣୀ କରିଛନ୍ତି। ଏପରିକି ଏହି କାରଣରୁ ଆଇସିସି ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ ବହୁ କୋଟି ଟଙ୍କାର ରାଜସ୍ୱ ହରାଇବାର ମଧ ଯଥେଷ୍ଟ ଆଶଙ୍କା ରହିଛି। ସେହିଭଳି ବାଂଲାଦେଶ ମଧ ତାର ତିନିଟି ଲିଗ୍ ମ୍ୟାଚ୍‌ରୁ ଦୁଇଟିରେ ହାରିଥିଲା ବେଳେ ତା'ର ଗୋଟିଏ ମ୍ୟାଚ୍ ବାତିଲ ହୋଇଛି। ଏଣୁ ଏହି ଦଳ ମଧ ପାକିସ୍ତାନ ଭଳି ବିନା ବିଜୟରେ ଚାମ୍ପିଅନ୍ସ ଟ୍ରଫି ଅଭିଯାନ ଶେଷ କରିଛି। ତିନିଟି ମ୍ୟାଚ୍‌ରୁ ଦୁଇଟି ପରାଜୟ ଏବଂ ଗୋଟିଏ ବାତିଲ ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ସହ -୧.୦୮୭ ପାଇଁ ଏହା ମଧ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ସବୁଠାରୁ ଖରାପ ପ୍ରଦର୍ଶନ ହୋଇଛି।

### ପ୍ରଶଂସକ ହତାଶ, ସର୍ବନିମ୍ନସ୍ତରରେ ପାକିସ୍ତାନ କ୍ରିକେଟ୍

ପାକିସ୍ତାନ କ୍ରିକେଟ୍ ଦଳର ଶୋଚନୀୟ ପ୍ରଦର୍ଶନ ସହ ରାୱଲପିଣ୍ଡିରେ ଖେଳାଯିବାକୁ ଥିବା ଦୁଇଟି ମ୍ୟାଚ୍ କ୍ରମାଗତ ଭାବେ ବାତିଲ ହେବା ପରେ ପ୍ରଶଂସକମାନେ ରାଗି ନିଆଁବାଣ ହୋଇଛନ୍ତି। ସେମାନେ ମିଳିତ ଭାବେ ପାକିସ୍ତାନ କ୍ରିକେଟ୍ ଦଳ ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଭର୍ତ୍ସନା କରିଛନ୍ତି।

ନିଜ ଦେଶର କ୍ରିକେଟର୍‌ଙ୍କୁ ତାଚ୍ଛଲ୍ୟ କରି ସାମାଜିକ ଗଣମାଧମରେ ଲକ୍ଷାଧିକ ମିମ୍ ଛାଡ଼ିଛନ୍ତି। ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ପାକିସ୍ତାନ କ୍ରିକେଟ୍ ଦଳର ଅଧିନାୟକ ମହମ୍ମଦ ରିଜୱାନ୍ ପ୍ରଶଂସକଙ୍କଠାରୁ କ୍ଷମା ମାଗି ନେଇଛନ୍ତି। ସେହିଭଳି ତାଙ୍କ ଦଳ ଅତ୍ୟନ୍ତ ଖରାପ କ୍ରିକେଟ୍ ଖେଳିଲା ବୋଲି ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଗତ କିଛି ମ୍ୟାଚ୍‌ରେ ଆମେ କିଛି ଗୁରୁତର ତ୍ରୁଟି କରିଛୁ। ଆଶା କରୁଛି ଆମେ ଏଥିରୁ ଶିକ୍ଷାଲାଭ କରିବୁ। ନ୍ୟୁଜିଲାଣ୍ଡରେ ଆମେ ଭଲ କରିବୁ ବୋଲି ଭାବିଛୁ।

ସହକାରୀ ପ୍ରଶିକ୍ଷକ ଆଝାର ମେହମୁଦ ଖେଳାଳିଙ୍କ ଆଘାତ ଜନିତ ସମସ୍ୟାକୁ ପାକିସ୍ତାନର ଲଜ୍ଜାଜନକ ପ୍ରଦର୍ଶନ ପାଇଁ ଦାୟୀ କରିଛନ୍ତି। ଆମେ ଭାରତ ବିପକ୍ଷ ମ୍ୟାଚ୍‌ରେ ଅଯଥାରେ ଅତିରିକ୍ତ ଚାପରେ ରହିଲୁ। ଅତୀତରେ ଏକଦିବସୀୟ କ୍ରିକେଟ୍‌ରେ ଭଲ କରିଥିଲେ ମଧ ଚାମ୍ପିଅନ୍ସ ଟ୍ରଫିରେ ଏହାକୁ ଦୋହରାଇ ପାରିଲୁନି। ଏହାର ପ୍ରମୁଖ କାରଣ ହେଉଛି ଠିକଣା ସମୟରେ ଆମର କିଛି ଦକ୍ଷ ଖେଳାଳି ଆହତ ହେବା। ଏବେ ଆମେ ଭଲ ଭାବରେ ଜାଣିଛୁ, ଆମକୁ କେଉଁ କେଉଁ କ୍ଷେତ୍ରରେ ଉନ୍ନତି କରିବାକୁ ହେବ। ଏମିତି ଫଳାଫଳ ଆମକୁ ମଧ ବିସ୍ମିତ କରିଛି। ପ୍ରଶଂସକମାନେ ଆମ ଉପରେ ଆସ୍ଥା ପ୍ରକଟ କରିବେ ବୋଲି ଆଶା କରୁଛି। ସୂଚନାଯୋଗ୍ୟ ଯେ ଚାମ୍ପିଅନ୍ସ ଟ୍ରଫି ଅଭିଯାନ ଆରମ୍ଭ କରିବା ପରେ ପାକିସ୍ତାନର ପ୍ରମୁଖ ବ୍ୟାଟର୍ ଫକର ଜମାନ ଆହତ ହୋଇଥିଲେ। ସମାନ କାରଣ ପାଇଁ ସୈମ ଆୟୁବ ମଧ ଖେଳି ପାରି ନଥିଲେ।

### ପାକିସ୍ତାନ ପାଇବ ମାତ୍ର ୨.୩ କୋଟି

ପାଖାପାଖି ତିନି ଦଶନ୍ଧି ପରେ କୌଣସି ଆଇସିସି ପ୍ରତିଯୋଗିତା ଖେଳାଯାଉଥିବାରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଚାମ୍ପିଅନ୍ସ ଟ୍ରଫିରୁ ମୋଟା ଅଙ୍କ ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲା। ତେବେ ଷ୍ଟାଡିୟମ୍ ସହ ବିଭିନ୍ନ କ୍ରିକେଟ୍ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ବିଳମ୍ବ, ମ୍ୟାଚ୍ ଆୟୋଜନରେ ଘୋର ଅବ୍ୟବସ୍ଥା, ଘରୋଇ ଦର୍ଶକଙ୍କ ଅସହଯୋଗ, ସୁରକ୍ଷା ଚିନ୍ତା ତଥା ପାକିସ୍ତାନ କ୍ରିକେଟ୍ ଦଳର ଶୋଚନୀୟ ପ୍ରଦର୍ଶନ ପାଇଁ ପିସିବିର ଏହି ଆଶା ଆଶାରେ ରହିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଆଇସିସି ଆୟୋଜକଭାବେ ପିସିବିକୁ ଏକ ନିର୍ଦ୍ଧାରିତ ରାଶି ଦେବାକୁ ଚୁକ୍ତି କରିଛି, ତଥାପି ପିସିବି ଟିକେଟ୍ ବିକ୍ରି ସହ ଅନ୍ୟାନ୍ୟ ରାଜସ୍ୱ ଏବଂ ପୁରସ୍କାର ରାଶିରୁ ଯେତିକି ରୋଜଗାର କରିବା କଥା ସେତିକି କରିପାରିନି। ପାକିସ୍ତାନ କ୍ରିକେଟ୍ ଦଳ ବିନା ବିଜୟରେ ଅଭିଯାନ ଶେଷ କରିବା ଏହି ସ୍ଥିତିକୁ ଆହୁରି ଖରାପ କରି ଦେଇଛି। ହିସାବ ଅନୁସାରେ ପାକିସ୍ତାନ କ୍ରିକେଟ୍ ଦଳ ଗ୍ରୁପ୍-ଏ'ର ଶେଷ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବା ପରେ ଅଂଶଗ୍ରହଣ ପ୍ରାପ୍ୟ ଭାବେ ମାତ୍ର ୨.୩ କୋଟି ଟଙ୍କା ପାଇବ। ଯାହା ଏହି ଦଳର ଯାତାୟତ ଖର୍ଚ୍ଚ ଭରଣା କରିବା ଲାଗି ମଧ ସମ୍ଭବତଃ ପର୍ଯ୍ୟାପ୍ତ ହେବନି। ୮ବର୍ଷ ପରେ ଫେରିଥିବାରୁ ଆଇସିସି କିନ୍ତୁ ଏଥର ସଂସ୍କରଣର ପୁରସ୍କାର ରାଶିକୁ ୬.୯ ନିୟୁତ ଡଲାର ବା ପାଖାପାଖି ୬୧ କୋଟି ଟଙ୍କାକୁ ବଢ଼ାଇଛି। ଯାହା ଗତ ସଂସ୍କରଣରେ ଦିଆଯାଇଥିବା ପୁରସ୍କାର ରାଶିଠାରୁ ୫୩ ପ୍ରତିଶତ ଅଧିକ। ଏଥର ବିଜେତା ୧୯.୫ କୋଟି, ଉପବିଜେତା ୯.୭୫ କୋଟି ଏବଂ ସେମିଫାଇନାଲ୍‌ରେ ପରାଜିତ ଦଳ ୪.୮୭ କୋଟି ଟଙ୍କା ଲେଖାଏଁ ପାଇବେ। ସେହିଭଳି ସପ୍ତମ, ଅଷ୍ଟମ ସ୍ଥାନରେ ରହିବା ଦଳ ୧.୨୨ କୋଟି ଟଙ୍କା ଏବଂ ୧.୦୯ କୋଟି ଟଙ୍କା ପ୍ରତିଶ୍ରୁତି ରାଶି ଭାବେ ପାଇବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଞ୍ଚଭୂତରେ...

ଦୁନିଆର ପଥିକ ହୋଇଯାଇଛନ୍ତି, ଏହାକୁ କେହି ବି ବିଶ୍ୱାସ କରିନଥିଲେ। ତାଙ୍କୁ ବିଦାୟ ଦେବାକୁ ଏକାଠି ହୋଇଥିବା ଜନସମୁଦ୍ର ଏହା ପ୍ରମାଣିତ କରିଥିଲା ଯେ ବାସ୍ତବରେ ସେ ଥିଲେ ଉତ୍ତମ। ଏହା ପୂର୍ବରୁ ଆଜି ସକାଳେ ବିମାନ ଯୋଗେ ନୂଆଦିଲ୍ଲୀରୁ ତାଙ୍କ ମରଶରୀର ଆସି ସ୍ଥାନୀୟ ଜଗନ୍ନାଥ ବିହାର ବାସଭବନରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସମ୍ପର୍କୀୟ ଉତ୍ତମଙ୍କ ଅନ୍ତିମ ଦର୍ଶନ କରିଥିଲେ। ଉତ୍ତମ ୧୯୭୭ରେ ମୁକ୍ତିଲାଭ କରିଥିବା 'ଅଭିମାନ' ଚଳଚ୍ଚିତ୍ରରୁ ତାଙ୍କ ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ।

ପ୍ରଥମ ଫିଲ୍ମ ସୁପର୍‌ଡୁପର ହିଟ୍ ହୋଇଥିଲେ ହେଁ ତାଙ୍କର ଦ୍ୱିତୀୟ ଫିଲ୍ମ ପରଦାକୁ ଆସିବାକୁ ୩ ବର୍ଷ ସମୟ ଲାଗିଯାଇଥିଲା। କାରଣ ପଢ଼ାପଢ଼ି ସକାଶେ ସେ ବାରିପଦା ଫେରିଯାଇଥିଲେ। କିନ୍ତୁ ଦ୍ୱିତୀୟ ଫିଲ୍ମ 'ପତିପତ୍ନୀ' ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ ଫେରିଥିବା ଉତ୍ତମ ସେବେଠାରୁ ଆଉ ପଛକୁ ଫେରି ଚାହିଁନଥିଲେ।

ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଦେଇ ଓଡ଼ିଆ ସିନେପ୍ରେମୀଙ୍କ ହୃଦୟରେ ରାଜ୍ କରିବା ଆରମ୍ଭ କରିଦେଇଥିଲେ। ୨୦୦ରୁ ଅଧିକ ସିନେମାରେ ନାୟକ, ଚରିତ୍ର ଅଭିନେତା, ଭାଇ, ସ୍ୱାମୀ ଓ ଖଳନାୟକ ଭୂମିକାରେ ନଜର ଆସିଛନ୍ତି ସେ ଭେଟେରାନ୍ ଅଭିନେତା। 'ପତିପତ୍ନୀ' ପରେ ସେ ରାମାୟଣ, ତପସ୍ୟା, ରାମ ବଳରାମ, ଆରତୀ, ଶଙ୍ଖମହୁରୀ, ସରପଞ୍ଚ ବାବୁ, ଦଣ୍ଡା ବାଳୁଙ୍ଗା ଭଳି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କ ବେଶ୍ ନିକଟତର ହୋଇପାରିଥିଲେ। ଏଥିସହ ୮୦ ଦଶକରେ ଉତ୍ତମ ପାଲଟି ଯାଇଥିଲେ ଓଲିଉଡ୍‌ର ସବୁଠାରୁ ଲୋକପ୍ରିୟ ତଥା ରୋମାଣ୍ଟିକ୍ ହିରୋ।

ଅଭିଳାଷ, ରାମ ରହିମ, ଜାଇଫୁଲ, ଚକା ଭଉଁରୀ, ମମତା ମାଗେ ମୂଲ, ସମୟ ବଡ଼ ବଳବାନ, ପୂଜାଫୁଲ, ଶଙ୍ଖା ସିନ୍ଦୁର, ସହରୀ ବାଘ, ଜୋର ଯାର ମୂଲକ ତାର, ଭକ୍ତ ସାଲବେଗ, ପକା କମ୍ବଳ ପୋତ ଛତା, କପାଳ ଲିଖନ, ସୁନା ଚଢ଼େଇ, ତୁଣ୍ଡ ବାଇଦ, ଚକା ଆଖି ସବୁ ଦେଖୁଛି, ପରଦେଶୀ ଚଢ଼େଇ, ଦଇବ ଦଉଡ଼ି, ପଞ୍ଚୁ ପାଣ୍ଡବ, ଦାଦାଗିରି, ପାଚେରୀ ଉଠିଲା ମଝି ଦୁଆରୁ, ଉଦଣ୍ଡୀ ସୀତା ଆଦି ସିନେମା ଉତ୍ତମଙ୍କୁ ଓଲିଉଡର ରୋମାଣ୍ଟିକ ସୁପରଷ୍ଟାରର ମାନ୍ୟତା ଦେଇଥିଲା। ପରବର୍ତ୍ତୀ ସମୟରେ ସେ ଚରିତ୍ର ଅଭିନେତା ଭାବେ ଦର୍ଶକଙ୍କ ହୃଦୟରେ ରାଜ କରିଥିଲେ। ଏ ଯୁଗର କୃଷ୍ଣ ସୁଦାମା, ରୋମିଓ ଦି ଲଭର ବୟ, ପାଗଳ କରିଛି ପାଉଁଜି ତୋର ଆଦି ଫିଲ୍ମ ତାଙ୍କୁ ସଫଳତାର ଶୀର୍ଷ ସୋପାନରେ ପହଞ୍ଚାଇଥିଲା । ତେବେ ୨୦୨୨ରେ ରିଲିଜ୍ ହୋଇଥିବା 'ବିଦ୍ୟାରାଣ' ଚଳଚ୍ଚିତ୍ରରେ ଶେଷ ଥର ପାଇଁ ସେ ତାଙ୍କ ପୁଅ ତଥା ଓଲିଉଡ୍‌ର ସୁପରଷ୍ଟାର ବାବୁସାନଙ୍କ ସହ ବଡ଼ ପରଦାରେ ନଜର ଆସିଥିଲେ।

ଓଡ଼ିଆ ବ୍ୟତୀତ ଉତ୍ତମ ହିନ୍ଦୀ ଫିଲ୍ମ 'ନୟା ଜହର'ରେ ବି ଅଭିନୟ କରିଥିଲେ। ୧୯୯୧ ମସିହାରେ ଏହି ଫିଲ୍ମଟି ମୁକ୍ତିଲାଭ କରିଥିଲା, ଯାହାର ନିର୍ଦ୍ଦେଶକ ଜ୍ୟୋତି ସ୍ୱରୂପ। ଉତ୍ତମଙ୍କ ସହ ଏହି ଫିଲ୍ମରେ 'ମହାଭାରତ'ର ଅର୍ଜୁନ ଚରିତ୍ରରେ ଅଭିନୟ କରିଥିବା ଫିରୋଜ୍ ଓରଫ୍ ଅର୍ଜୁନ, ପ୍ରଖ୍ୟାତ ବଙ୍ଗଳା ଅଭିନେତ୍ରୀ ଶତାବ୍ଦୀ ରାୟ ଓ ବଲିଉଡ୍ ଅଭିନେତା ନବୀନ ନିଶ୍ଚଳ ନଜର ଆସିଥିଲେ। ବରିଷ୍ଠ ଅଭିନେତା ସ୍ୱର୍ଗତଃ ସାଧୁ ମେହେରଙ୍କ ପରେ ସେ ଏକମାତ୍ର ଓଡ଼ିଆ ଅଭିନେତା ଭାବେ ହିନ୍ଦୀ ଫିଲ୍ମରେ ଅଭିନୟ କରିଥିଲେ।

### ଯୋଗଜନ୍ମାଙ୍କୁ...

ବାସ୍ତବରେ କହିବାକୁ ଗଲେ, ଓଡ଼ିଶା ଜଣେ ଯୋଗଜନ୍ମାଙ୍କୁ ହରାଇଲା। ସେ ଦୀର୍ଘଦିନ ପାଇଁ ଓଡ଼ିଆଙ୍କ ମନରେ ରାଜ କରିବେ ବୋଲି ଶ୍ରୀ ପ୍ରଧାନ କହିବା ସହ ଉତ୍ତମଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ନିଆଁକୁ...

ବାହିନୀ କାହିଁକି ଆଖିବୁଜି ଦେଇଥିଲା, ତା' ବଡ଼ ପ୍ରଶ୍ନବାଚୀ। ତେବେ ଅଚ୍ୟୁତ କ୍ଷମତା ବଳୟରେ ରହିବା ଓ ବିଜେଡିରେ ସାମିଲ ହେବା ଯୋଗୁଁ ପିଲାଙ୍କ ସୁରକ୍ଷାକୁ ଫୁ' କରିଦେଇଥିବା କହିଛନ୍ତି ସୂଚନା ଅଧିକାର କର୍ମୀ। ଯଦି କୌଣସି କାରଣରୁ ଏଠାରେ ଅଗ୍ନିଜନିତ କୌଣସି ଦୁର୍ଘଟଣା ଘଟେ, ତେବେ ଶୀତତାପ ନିୟନ୍ତ୍ରିତ କୋଠରୀରେ ରହୁଥିବା ଅଚ୍ୟୁତ ସିନା ରକ୍ଷା ପାଇଯିବେ, ହେଲେ ପିଲାଙ୍କ ଅବସ୍ଥା କ'ଣ ହେବ ତାହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଉଛି।

### ବଦଳିଲେ...

ଉମାଶଙ୍କର ଦାସଙ୍କୁ ହୋମଗାର୍ଡ ଓ ଅଗ୍ନିଶମ ଡିଆଇଜି ଭାବେ, ଡିଆଇଜି ଅପରେସନ ଅଖିଳେଶ୍ୱର ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ, କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂହ ମୀନାଙ୍କୁ ଡିଆଇଜି ପ୍ରୋଭିଜନିଂ ଭାବେ ବଦଳି କରାଯାଇଛି। ଏଥିସହିତ ହେଡକ୍ୱାର୍ଟର ଡିଆଇଜି ଯୁଗଳ କିଶୋର ବାନୋଟଙ୍କୁ ଡିଆଇଜି ପର୍ସୋନେଲ ଭାବେ, ଡିଆଇଜି ହେଡକ୍ୱାଟର ବାତୁଲା ଗଙ୍ଗାଧରଙ୍କୁ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ, ଅତିରିକ୍ତ ଆଇଜି ବିବେକାନନ୍ଦ ଶର୍ମାଙ୍କୁ କଟକ ରେଳବାଇ ଏସପି ଭାବେ ବଦଳି କରାଯାଇଛି। କଳାହାଣ୍ଡି ଏସପି ଜି.ଅଭିଳାଷଙ୍କୁ ବଲାଙ୍ଗୀର ଏସପି ଭାବେ ଏବଂ ବୌଦ୍ଧ ଏସପି ଡି. ନାଗରାଜଙ୍କୁ କଳାହାଣ୍ଡି ଏସପି ଭାବେ ବଦଳି କରାଯାଇଛି। କଟକ ରେଳବାଇ ଏସପି ରାହୁଲ ଗୋଏଲଙ୍କୁ ବୌଦ୍ଧ ଏସପି ଭାବେ ଏବଂ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମାଙ୍କୁ ଭୁବନେଶ୍ୱରର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି। ସେହିଭଳି ଆଇପିଏସ ପ୍ରୋବେସନ ସାରି ଜୟପୁର ଏସଡିପିଓ ଭାବେ ଦାୟିତ୍ୱ ନେବେ କାଶ୍ୟପ ପାର୍ଥ ଜଗଦୀଶ। ନୂଆପଡା ଏସଡିପିଓ ଅମ୍ରିତପାଲ ସିଂହଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଏସପି ଭାବେ ପଦମପୁର ଏସଡିପିଓ ଅମ୍ରିତପାଲ କୌରଙ୍କୁ ଭୁବନେଶ୍ୱରର ଅତିରିକ୍ତ ଡିସିପି ଭାବେ ଏବଂ ବଣେଇ ଏସଡିପିଓ ସୋନାଲି ସିଂହ ପାରମେରଙ୍କୁ ଭୁବନେଶ୍ୱରର ସହକାରୀ କମିଶନର ଭାବେ ବଦଳି କରାଯାଇଛି।

### ଗ୍ରାମାଞ୍ଚଳ...

ବିଭିନ୍ନ ରୋଗ ବିଷୟରେ ସଚେତନ ହେଲେଣି, ଯାହାକି ସେମାନଙ୍କୁ ଫାଇଦା ଦେଉଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆମ ଦେଶରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇପାରିଛି, ଯେଉଁଥିପାଇଁ ଆମକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ପ୍ରଶଂସା କରିଛି। ପୂର୍ବରୁ ଓଡ଼ିଶା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ବେଶ୍ ବଦନାମ ଥିଲା। କିନ୍ତୁ ସରକାରଙ୍କ ନିଷ୍ଠାପର ଉଦ୍ୟମ ଓ ଫଳପ୍ରସୂ ଯୋଜନା ଯୋଗୁଁ ଓଡ଼ିଶା ଏବେ ସ୍ୱାସ୍ଥ୍ୟସେବାରେ ବେଶ୍ ଆଗେଇ ଚାଲିଛି, ଯାହାକି ପ୍ରଶଂସାଯୋଗ୍ୟ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

ସେହିପରି ଦେଶରେ ଟିବି ରୋଗ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଦେଶ ଟିବିମୁକ୍ତ ହେବା ନେଇ ଆଶା ରହିଛି। ଏହା ଉପରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ତୃଣମୂଳ ସ୍ତରରେ ଉନ୍ନତ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ଲୋକପ୍ରତିନିଧିଙ୍କ ସହଯୋଗ ଜରୁରୀ। କାରଣ ଗ୍ରାମର ସରପଞ୍ଚ, ୱାର୍ଡମେମ୍ବର ହିଁ ପ୍ରତ୍ୟେକ ଲୋକଙ୍କ ସମ୍ପର୍କରେ ଥାଆନ୍ତି। ତେଣୁ ପ୍ରତ୍ୟେକ ରାଜ୍ୟରେ ଏନ୍‌ଏଚ୍‌ଏମ୍‌ରେ କାର୍ଯ୍ୟ କରୁଥିବା ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନାକୁ ଆହୁରି ଭଲ ଭାବେ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ରହିଛି ସୁସ୍ଥ ଓଡ଼ିଶା ସମୃଦ୍ଧ ଓଡ଼ିଶା। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ଏବେ ସ୍ୱାସ୍ଥ୍ୟ ସେବା ବେଶ୍ ଆଗକୁ ଯାଇଛି। କିନ୍ତୁ ଆମକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଆଗକୁ ନେବାକୁ ହେବ।

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମ ସରକାର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ପାଇଁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଓଡ଼ିଶା ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଆଗାମୀ ଦିନରେ ଆମ ରାଜ୍ୟରେ ଥିବା ସବୁ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆମ ସରକାର ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଉନ୍ନତ ସ୍ୱାସ୍ଥ୍ୟସେବା ସବୁ ଲୋକଙ୍କ ନିକଟରେ ପହଞ୍ଚିପାରିବ। ସେହିପରି ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲିବା ନେଇ ସରକାର ଯୋଜନା କରିଛନ୍ତି। ଏହା ଦ୍ୱାରା ଓଡ଼ିଶାବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ କରୁଛି। ଜିଲା ହସ୍ପିଟାଲଗୁଡିକରେ କ୍ୟାନ୍ସର ଚିକିତ୍ସା ଓ କେମୋ ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ଏହା ଯେଭଳି ସଫଳତା ସହିତ କାର୍ଯ୍ୟ କରିବ ସେ ନେଇ ସରକାର ବଜେଟ୍‌ରେ ବ୍ୟବସ୍ଥା କରିବେ। ରାଜ୍ୟର ସାଢ଼େ ତିନି କୋଟି ଲୋକଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ବୀମା କାର୍ଡ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ।

ଆଗାମୀ ୨ ବର୍ଷରେ ମେଡିକାଲରେ ଡାକ୍ତର, ଅନ୍ୟାନ୍ୟ କର୍ମଚାରୀ ପଦବୀ ପୂରଣ କରାଯିବ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବମାନେ ଯୋଗଦେଇଥିବା ବେଳେ ଗୋଟିଏ ରାଜ୍ୟର ସଫଳତାକୁ ଅନ୍ୟ ରାଜ୍ୟରେ ଲାଗୁ କରାଯାଇ କିଭଳି ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ଅଧିକ ସଫଳ କରିହେବ, ତାହା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ଉପସ୍ଥିତ ଥିଲେ।

### ସୁରକ୍ଷା...

ଆରମ୍ଭ ହୋଇଛି। ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଯଦିଓ ରାଜ୍ୟରେ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉନାହିଁ, ଅଚ୍ୟୁତଙ୍କ କ୍ଷେତ୍ରରେ କ'ଣ ହେବ ତାହା ଭବିଷ୍ୟତ କହିବ।

### ଜିଲ୍ଲା ପରିଷଦ ନବମ ସାଧାରଣ ଅଧିବେଶନ

# କର୍ମଚାରୀ ଓ ଅଧିକାରୀଙ୍କୁ ବାଚସ୍ପତିଙ୍କ କଡ଼ା ତାଗିଦ୍

**ନୟାଗଡ଼, ୨୮।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ପରିଷଦ ନବମ ସାଧାରଣ ଅଧିବେଶନ ସୃଜନ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।

ନୟାଗଡ଼ ବିଧାୟକ ତାଙ୍କ ବକ୍ତବ୍ୟରେ ଜିଲ୍ଲାକୁ ଆଗକୁ ନେବାକୁ ହେଲେ ସମ୍ମିଳିତ ଉଦ୍ୟମ କରିବାକୁ ପଡ଼ିବ ବୋଲି କହିଥିଲେ । ଜିଲ୍ଲାରେ ବିକାଶ ମୂଳକ କାର୍ଯ୍ୟ ହେଉନଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । କାମ କରିବା ପାଇଁ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବାଚସ୍ପତି ସରକାରୀ ଅଧିକାରୀଙ୍କୁ ଆଜି ବୈଠକରେ କଡ଼ା ଚେତାବନୀ ଦେଇଛନ୍ତି । କାମ ନକରିବାକୁ ଅସମର୍ଥ ଅଧିକାରୀ ନିଜ ଚେଷ୍ଟାରେ ଜିଲ୍ଲା ଛାଡ଼ନ୍ତୁ କିମ୍ବା ଘରେ




**ଉନ୍ନତିମୂଳକ କାମ କର ନଚେତ କାମ ଛାଡ଼ି ଦିଅ**

**ବିକାଶ କାର୍ଯ୍ୟ କାର୍ଯ୍ୟକାରୀ ହେଉନଥିବାରୁ ଅରୁଣଙ୍କ କ୍ଷୋଭ**

**ଗୃହରୁ ତଡ଼ା ଖାଇଲେ ଖୋର୍ଦ୍ଧା ଏସିଏଫ**

ବସନ୍ତୁ ବୋଲି କହିଥିଲେ । ବୈଠକରେ ବନବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । ବନବିଭାଗକୁ ନେଇ ରହିଥିବା ଅନେକ କ୍ଷୋଭ ସଦସ୍ୟଙ୍କଠାରେ ପରିଲକ୍ଷିତ ହୋଇଥିଲେ । ଖୋର୍ଦ୍ଧା ଡିଏଫ୍‌ଓ ବୈଠକକୁ ନଆସି ଏସିଏଫଓଙ୍କୁ ପଠାଇବାକୁ ନେଇ ତୁମ୍ବି ତୋଫାନ ହୋଇଥିଲା । ଉତ୍ତର ନରଖି ପାରି ଏସିଏଫଓ ହଟହଟା ହୋଇଥିଲେ । ଏପରିକି ତଥ୍ୟ ନଆଣିଥିଲେ ବୈଠକରୁ ଫେରି ଯିବା ପାଇଁ ବାଚସ୍ପତ ତାଗିଦ କରିଥିଲେ । ଏହା ସହିତ ଜଳସେଚନ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟ ପରଖିବା ପାଇଁ କମିଟି ଗଠନ ହୋଇନଥିବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଜିଲ୍ଲାରେ ଶିକ୍ଷକ ପଦବୀ ଖାଲି ଥିବା ଏବଂ ବିଭିନ୍ନ ବିଦ୍ୟାଳୟରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରୀକ୍ଷା ଚାଲିଥିବା ବେଳେ ନୂଆଗାଁ ଉଚ୍ଚ ବିଦ୍ୟାଳୟ ଓ କଲେଜ ପଡ଼ିଆରେ ମହୋତ୍ସବ କରିବାକୁ କିଭଳି ଅନୁମତି ଦିଆଯାଇଛି ବୋଲି ଜିଲ୍ଲା ପରିଷଦ ସଦସ୍ୟ ପ୍ରଶ୍ନ କରିବା ସହ ଏହାକୁ ବାତିଲି କିମ୍ବା ସ୍ଥାନାନ୍ତରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ମଣ୍ଡିରେ ରହିଥିବା ସମସ୍ୟା ଓ ଅବ୍ୟବସ୍ଥା ସହ କଳାକାର ଭତ୍ତାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହା ସହିତ ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକର ବିଦ୍ୟୁତ୍, ସମବାୟ ଓ ବନବିଭାଗ ଖୋର୍ଦ୍ଧା ଅଧିନରେ ରହୁଥିବାରୁ ଏହାକୁ ନୟାଗଡ଼ ଜିଲ୍ଲା ଅଧିନକୁ ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଜି ବୈଠକରେ ପ୍ରସ୍ତାବ ପାରିତ ହୋଇଛି।

ବାଚସ୍ପତି ଏନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି । ଆଜିର ବୈଠକରେ ସାଂସଦ ପ୍ରତିନିଧି, ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।



## ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ବସି ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିବାଦ

- ବିଡିଓଙ୍କ ପାଇଁ କ୍ଷମା ମାଗିଲେ ମୁଖ୍ୟ ଉନ୍ନୟନ ଅଧିକାରୀ

**ନୟାଗଡ଼:** ଜିଲ୍ଲା ପରିଷଦର ନବମ ସାଧାରଣ ଅଧିବେଶନ ଆଲୋଚନା ପର୍ବ ଆରମ୍ଭରୁ ଜିଲ୍ଲା ପରିଷଦମାନେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକ ଆଲୋଚନା ପର୍ବ ଆରମ୍ଭରୁ ଜିଲ୍ଲା ପରିଷଦ ସଦସ୍ୟ ସଂଯୁକ୍ତା ପଢ଼ିଆରୀଙ୍କ ପ୍ରଶ୍ନରେ ଓଡ଼ଗାଁ ବିଡିଓ ବେପରୁଆ ଉତ୍ତର ରଖିବାକୁ ନେଇ ସଦସ୍ୟମାନେ ପ୍ରବଳ ଅସନ୍ତୋଷ ବ୍ୟକ୍ତି କରିଥିଲେ। ଏହାକୁ ନେଇ ବୈଠକ ପରିତ୍ୟାଗ କରି ଗାନ୍ଧୀ ପ୍ରତିମୂର୍ତ୍ତୀ ତଳେ ଧାରଣା ଦେଇଥିଲେ । ଅଧିବେଶନରେ ହେଉଥିବା ଆଲୋଚନାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଉନଥିବା। ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଧିକାରୀ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥିଙ୍କ ସମେତ ଅନେକ ସଦସ୍ୟ ଧାରଣା ଦେବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ଧାରଣା ସ୍ଥଳକୁ ଯାଇ ସଦସ୍ୟ/ସଦସ୍ୟାଙ୍କ ସହିତ ବୁଝାଶୁଝା କରିଥିଲେ। ବିଡିଓଙ୍କ ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ କ୍ଷମା ମାଗିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ମାନେ ଗୃହକୁ ପ୍ରବେଶ କରିଥିଲେ ଏବଂ ଗୃହ ସ୍ୱାଭାବିକ ଭାବେ ଚାଲିଥିଲା ।

## ପିକ୍‌ଅପ-ବାଇକ ମୁହାଁମୁହିଁ ଧକ୍କା, ବାଇକ ଚାଳକ ମୃତ

**ବୋରିଗୁମ୍ମା, ୨୮।୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ୬୩ ନମ୍ବର ଜାତୀୟ ରାଜପଥ ଶସାହାଣ୍ଡି ଗ୍ରାମ ନିକଟରେ ବାଇକ ପିକଅପ ମୁହାଁମୁହିଁ ଧକ୍କା। ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ। ଆଜି ସକାଳୁ କୁନ୍ଦ୍ରା ବ୍ଲକର କେନ୍ଦୁଗୁଡା ଗ୍ରାମର ସିନ୍ଧୁ ଖରା ନାମକ ଯୁବକ ନୂଆଗାଁ ହାଟକୁ ଆସିଥିଲେ। ହାଟରେ ପରିବା ଓ ଘରର କିଛି ସାମାନ କିଣି ଘରକୁ ଫେରିବା ବେଳକୁ ଶସାହାଣ୍ଡି ପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସିନ୍ଧୁଙ୍କୁ ଗଭୀର ଆଘାତ ଲାଗିଥିବା କାରଣରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ଖବର ପାଇ କୋଟପାଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।

## ବଳାତ୍କାରୀକୁ ୨୦ ବର୍ଷ ଜେଲ୍

**ବ୍ରହ୍ମପୁର, ୨୮।୨ (ସଂଚାର ବ୍ୟୁରୋ) :** ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ କରିଛନ୍ତି। ସେ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ଦୈତ୍ୟ ଓରଫ ଫକୀର ନାଇକ(୨୦)। ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ସାଢେ ୧୦ଲକ୍ଷ ଟଙ୍କା ସହାୟତା ଦେବାକୁ ଡିଏଲଏସଏଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଦୈତ୍ୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ।

## ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣଙ୍କ ବିୟୋଗରେ ଶୋକ ସଭା




**କୋଣାର୍କ, ୨୮।୨ (ସଂଚାର ବ୍ୟୁରୋ) :** କୋଣାର୍କ ପ୍ରେସ କ୍ଲବର ଉପଦେଷ୍ଟା ତଥା ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ୬୬ ବର୍ଷ ବୟସରେ ଅକାଳ ବିୟୋଗରେ କୋଣାର୍କ ସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟ ଠାରେ କୋଣାର୍କ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ଏକ ଶୋକ ସଭା ଓ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଖବରରୁ ପ୍ରକାଶ ଯେ ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଜଣେ ନିର୍ଭୀକ, ସ୍ୱାଧୀନ ଚେତା, ମିଷ୍ଟଭାଷୀ, ମେଳାପୀ, ପରୋପକାରୀ, ଛାତ୍ର ସଂଗଠକ, ସମାଜସେବୀ ଓ ଦରଦୀ ମଣିଷ ଭାବେ କୋଣାର୍କ ତଥା ସମଗ୍ର ଓଡ଼ିଶାର କୋଣ ଅନୁକୋଣରେ ପରିଚୟ ସୃଷ୍ଟି କରି ସୁଖ୍ୟାତି ଅର୍ଜନ କରିଥିଲେ। କୋଣାର୍କ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଓ ବିକାଶ ମୂଳକ କାର୍ଯ୍ୟଧାରାର ସେ ଥିଲେ ଜଣେ ବିନ୍ଧାଣୀ। ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ମହାପାତ୍ର ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି, କୋଣାର୍କ ସାହିତ୍ୟ ସଂସଦର ସଭାପତି, ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି, କୋଣାର୍କ କାଳୀ ମନ୍ଦିରର ବରିଷ୍ଠ ଉପଦେଷ୍ଟା, କୋଣାର୍କ ପ୍ରେସ କ୍ଲବର ମୁଖ୍ୟ ଉପଦେଷ୍ଟା, ବସନ୍ତ ମଂଜରୀ ପାଠାଗାରର ସଭାପତି, ଜାତୀୟ କଂଗ୍ରେସର ପ୍ରାକ୍ତନ ରାଜ୍ୟ ମୁଖପାତ୍ର ସମେତ ବିଭିନ୍ନ ସଂଗଠନର ପଦ ପଦବୀରେ ରହି ନିଷ୍ଠାପର ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁରେ କୋଣାର୍କ ତଥା ସମଗ୍ର ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ଅପୂରଣୀୟ କ୍ଷତି ଘଟାଇଛି।

## ସମୁଦ୍ରରେ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ ଗାର୍ଡ

**କୋଣାର୍କ, ୨୮।୨ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ସମୟରେ ଚନ୍ଦ୍ରଭାଗା ସମୁଦ୍ରରେ ଗାଧୋଉଥିବା ବେଳେ ବୁଡି ଯାଉଥିବା କର୍ଣ୍ଣାଟକର ଜଣେ ପର୍ଯ୍ୟଟକଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ଲାଇଫ ଗାର୍ଡମାନେ ଉଦ୍ଧାର କରିଥିବା ଜଣାପଡିଛି। କର୍ଣ୍ଣାଟକ ରାଜ୍ୟର ପର୍ଯ୍ୟଟକ ନିଖିଲ ଜମଦାର ସପରିବାର କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ପରିଭ୍ରମଣ ଯାଇ ସମୁଦ୍ରରେ ସ୍ନାନ କରିବା ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଭାସିଯାଇଥିଲେ। ଚନ୍ଦ୍ରଭାଗା ସମୁଦ୍ର କୂଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଯୁକ୍ତ ଲାଇଫ ଗାର୍ଡ ପବନ ବେହେରା, ପ୍ରକାଶ ବେହେରା ଓ ବାବୁ ବେହେରା ପ୍ରମୁଖ ମିଳିତ ଭାବେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପର୍ଯ୍ୟଟକ ନିଖିଲଙ୍କୁ ଚିକିତ୍ସା ନିମନ୍ତେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।



# ଖୁବ୍ ଶୀଘ୍ର ଦୂର ହେବ ଜଳକଷ୍ଟ

**ପାନୀୟ ଜଳ ସମସ୍ୟା ଦୂର କରିବାକୁ ସରକାରଙ୍କ ତତ୍ପରତା**

**ବ୍ଲକରେ ଥିବା ବିଭିନ୍ନ ବିଭାଗ ପଦବୀ ପୂରଣ ପାଇଁ ଦୃଷ୍ଟି ଦିଆଯିବ**

**ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଚାନକ ଗସ୍ତ**



**କାକଟପୁର/ଅସ୍ତରଙ୍ଗ, ୨୮।୨ (ସଂଚାର ବ୍ୟୁରୋ) :** ଦୂର ହେବ ଜଳ କଷ୍ଟ। ବସିବ ନୂଆ ନଳକୂପ। ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାନୀୟ ଜଳ ବ୍ୟବସ୍ଥାକୁ ଅଧିକ ସୁଦୃଢ ଏବଂ କ୍ରିୟାଶୀଳ କରାଯିବା ନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖରା ଦିନକୁ ଦୃଷ୍ଟିରେ ରଖି ଅତ୍ୟଧିକ ଜନସଂଖ୍ୟା ଥିବା ଗାଁରେ ନୂଆ ନଳକୂପ ସହ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ପଂଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାଏକ କହିଛନ୍ତି।

ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀକୁ ଶୁକ୍ରବାର ଅପରାହ୍ନରେ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଗ୍ରସ୍ତ କରି ଅପରାହ୍ନ ୫ଘଟିକାସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ପହଂଚିଥିଲେ। ବ୍ଲକ ପରିସରରେ ଉପସ୍ଥିତ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଡ଼ିଓଙ୍କ କାର୍ଯ୍ୟାଳୟରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରିବୁଝିଥିଲେ। ବ୍ଲକ ଅଧକ୍ଷା ଆରତୀ ନାଏକ ଉତ୍ତରରେ ଅସ୍ତରଙ୍ଗ ବ୍ଲକରେ ଦୀର୍ଘ ଦିନ ହେବ ଅତିରିକ୍ତ ବିଡ଼ିଓ, ଆଇପିଓ, ଡ଼ବ୍ଲୁଓ ସହ ମଣ୍ଡଳଶିକ୍ଷାଅଧିକାରୀ ପଦବୀ ଖାଲି ପଡ଼ିଥିବା ସମ୍ପର୍କରେ ଅବଗତ କରାଇବା ସହ ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପାନୀୟ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ୩୦ଫୁଟ ତଳକୁ ଲୁଣି ଓ ଖାରି ପାଣି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ। ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଜଳଜୀବନ ମିଶନ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। କାର୍ଯ୍ୟ ତଦାରଖ କରି ଖୁବ ଶୀଘ୍ର କାମ ଶେଷ କରିବାକୁ ବିଡ଼ିଓଙ୍କୁ ପରାମର୍ଶ ଦେଇଥିଲେ ମନ୍ତ୍ରୀ।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତର ରାସ୍ତାଘାଟ ସମ୍ପର୍କରେ ବୁଝିଥିଲେ ବିଭାଗୀୟ ମନ୍ତ୍ରୀ। ଏହାପରେ ମନ୍ତ୍ରୀ ଶ୍ରୀ ନାଏକ ଅସ୍ତରଙ୍ଗ ନିକଟସ୍ଥ ତାଳଦା ଦୀପାଞ୍ଚଳକୁ ସଂଯୋଗ କରିଥିବା ତାଳଦା ବିଜୁ ସେତୁ କାମ ଓ ମରାମତି ବୁଲି ଦେଖି ସମୀକ୍ଷା କରିବା ସହ ଉପସ୍ଥିତ କାକଟପୁର ଗ୍ରାମ୍ୟଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ଙ୍କ ସହ ଆଲୋଚନା କରି ଫେରିଯାଇଥିଲେ। ମନ୍ତ୍ରୀଙ୍କ ଏହି ଗ୍ରସ୍ତ ସମୟରେ ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଙ୍କ ସହ ଶତାଧିକ ବିଜେପି ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

## କିସ୍‌ରେ କେନ୍ଦ୍ରାଞ୍ଚଳ କୁଳପତି ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୨ (ସଂଚାର ବ୍ୟୁରୋ) :** କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ସହଯୋଗରେ ଭାରତର କେନ୍ଦ୍ରାଞ୍ଚଳ କୁଳପତି ସମ୍ମିଳନୀ କିସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଉଚ୍ଚତର ଶିକ୍ଷାର ଜଗତିକରଣ ନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ବହୁ ଚିନ୍ତାନାୟକ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକ ଯୋଗଦେଇ ଜଗତିକରଣ ଓ ଆନ୍ତର୍ଜାତିକରଣ ବିଷୟବସ୍ତୁ ଉପରେ ନିଜର ମତାମତ ରଖିଥିଲେ ।

କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇୟୁର ସଭାପତି ବିଜୟ କୁମାର ପାଠକ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ସମାନୁପାତିକ ଆନ୍ତର୍ଜାତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଆଇୟୁର ମହାସଚିବ ପଙ୍କଜ ମିତ୍ତଲ ଭାରତୀୟ ଉଚ୍ଚଶିକ୍ଷାକୁ ନୂଆ ରୂପ ଦେବାରେ ଏଆଇୟୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ସୂଚନା ଦେଇଥିଲେ। ୧୯ଟି ବିଦେଶୀ ଶିକ୍ଷାନୁଷ୍ଠାନ ସମେତ ୧୦୬୮ ବିଶ୍ୱବିଦ୍ୟାଳୟ ଏଆଇୟୁର ସଦସ୍ୟ ରହିଛନ୍ତି। ଏଆଇୟୁ ହେଉଛି ବିଶ୍ୱର ସର୍ବବୃହତ ବିଶ୍ୱବିଦ୍ୟାଳୟ ସଂଘ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୟୁନେସ୍କୋ ଚେୟାର ଅନ୍ ଇନ୍‌କ୍ଲୁସିଭ ମିଉଜିୟମ ଆଣ୍ଡ ସଷ୍ଟେନେବଲ୍ ହେରିଟେଜ୍ ଡେଭେଲପମେଣ୍ଟର ପ୍ରଫେସର ଅମରେଶ୍ୱର ଗାଲା, ଇଲିନୋଇସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଉଇଲିୟମ୍ କୋପେ ଏବଂ ପ୍ରଫେସର ମ୍ୟାରୀ କାଲାଣ୍ଟିସ୍ ପ୍ରମୁଖ ଯୋଗଦେଇ ବିଶ୍ୱ ଶ୍ରେଣୀଗୃହ ଓ ଅନ୍ତର୍ଜାତୀୟ ଶୈକ୍ଷିକ ବିନିମୟ ଉପରେ ସେମାନଙ୍କ ମତାମତ ରଖିଥିଲେ। ଏହି ସମ୍ମିଳନୀରେ ଏଆଇୟୁର ମିଟିଂ ଡିଭିଜନ ମୁଖ୍ୟ ବିଜେନ୍ଦ୍ର କୁମାର, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ ଆଦି ରାଜ୍ୟର ବିଶ୍ୱବିଦ୍ୟାଳୟ କୁଳପତି, ଏଆଇସିଟି, ନାକ୍, ଏନ୍‌ଡିଏସ୍‌ସି, ଆଇସିଏଆର୍‌ର ପ୍ରତିନିଧିମାନେ ଯୋଗଦେଇଥିଲେ। ସମ୍ମିଳନୀର ସୁପାରିଶଗୁଡ଼ିକୁ କୁଳପତିଙ୍କ ରାଷ୍ଟ୍ରୀୟ ସମ୍ମିଳନୀରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ନିମନ୍ତେ ଉପସ୍ଥାପନ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




## ଅବ୍ୟବସ୍ଥା ଘେରରେ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

**କନ୍ଧମାଳ, ୨୮।୨ (ସଂଚାର ବ୍ୟୁରୋ) :** ଅବ୍ୟବସ୍ଥା ଘେରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାରଙ୍ଗଡ଼। ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ନିଜ ଅଞ୍ଚଳ କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବର୍ଷା ହେଲେ ଲହଡ଼ିମାରେ ବର୍ଷା ଜଳ। ଏଥିସହ ବିଭିନ୍ନ ସମସ୍ୟା ମଧ୍ୟ ଏଠାରେ ଲାଗିରହିଛି। ଏଥିଯୋଗୁଁ ରୋଗୀ ହେଉଛନ୍ତି ହନ୍ତସନ୍ତ। ପୂର୍ବରୁ ଏକ ୨୪ ବର୍ଷର ସ୍ଥିର ସରକାର ଥିଲା କିନ୍ତୁ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭୌଗୋଳିକ ଅବସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ପାରିଲା ନାହିଁ। ୫ଟି ଯୋଜନା ମାଧ୍ୟମରେ ମେଡ଼ିକାଲର ରୂପାନ୍ତରଣ ହେବ ବୋଲି ପ୍ରଚାର ପ୍ରସାର କରାଗଲା କିନ୍ତୁ ବାସ୍ତବ ରୂପ ଟିକେ ଅଲଗା। ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଖାପାଖି ୪ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରନ୍ତି, କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ନିରାଶ ହୁଅନ୍ତି। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି, କିନ୍ତୁ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ନ କହିବା ଭଲ ହେବ। ପୁରୁଷ ଓ ମହିଳା ଇନ୍‌ଡୋର ହଲ, ସେବିକା କକ୍ଷ, ରକ୍ତ ନମୁନା ପରୀକ୍ଷାଗାର ଏମିତି କି ପ୍ରତୀକ୍ଷା କକ୍ଷରେ ଛାତରୁ ପାଣି ଗଳୁଛି। ରୋଗୀ ମେଡିକାଲକୁ ଆସି ପରିସର ମଧ୍ୟରେ ଏକ ଘଣ୍ଟା ମଧ୍ୟ ରହି ପାରୁନାହାଁନ୍ତି। ନିଜେ ନିଜ ଇଚ୍ଛାରେ ରେଫର କରିବାକୁ ଅନୁରୋଧ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ନୂତନ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ଏହି ଅଞ୍ଚଳବାସୀ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ୩ରେ ଗଣଧାରଣା

**ନୀଳଗିରି, ୨୮।୨ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତ୍ୟେକ ଦିନ ଉପଖଣ୍ଡ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରୁ ଶହଶହ ରୋଗୀ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭରକରି ଚିକିତ୍ସା ପାଇଁ ଆସିଥାନ୍ତି। ମାତ୍ର ନାହିଁନାହିଁରେ ଚାଲିଛି ଉକ୍ତ ହସ୍ପିଟାଲ୍। ଏସବୁର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ନୀଳଗିରି ଯୁବସମାଜ ସଂଗଠନ। ଗତ ୨୪ତାରିଖ ଏନେଇ ମୁଖ୍ୟମନ୍ତ୍ରୀ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। ହସ୍ପିଟାଲରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ପଦବୀର ତୁରନ୍ତ ପୂରଣ ସହ ଡାକ୍ତର ରହଣି ଆଦି ୯ଦଫା ଦାବୀ ସମ୍ବଳିତ ପତ୍ର ପ୍ରଦାନ କରାଯାଇଥିଲା। ତେବେ ପ୍ରଶାସନ କୌଣସି ତତ୍ପରତା ପ୍ରକାଶ ପାଇନଥିବାରୁ ନୀଳଗିରି ଯୁବସମାଜ ତରଫରୁ ଆସନ୍ତା ମାର୍ଚ୍ଚ ୩ତାରିଖ ଦିନ ୧୦:୩୦ ମିନିଟ ସମୟଠାରୁ ଉପ-ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଦାବୀ ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣଧାରଣା ଦିଆଯିବ। ଏହା ନୀଳଗିରି ଡାକ୍ତରଖାନାର ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ଦଳ ମତ, ଧର୍ମ ନିର୍ବିଶେଷରେ ନୀଳଗିରି ଉପଖଣ୍ଡର ସମସ୍ତ ଜନସାଧାରଣ ଏହି ଧାରଣାରେ ଯୋଗଦେବା ପାଇଁ ବିନମ୍ର ନିବେଦନ କରାଯାଇଛି ।

## ଯକ୍ଷ୍ମା ବିଲୋପ ସଚେତନତା ଅଭିଯାନ




**ଖୋର୍ଦ୍ଧା, ୨୮।୨ (ସଂଚାର ବ୍ୟୁରୋ):** ଯକ୍ଷ୍ମା ଦୂର କରି ସାରା ଦେଶରେ ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିର ଏକ ଅଂଶ ଭାବରେ, ଖୋର୍ଦ୍ଧାରୋଡ଼ ମଣ୍ଡଳ ମେଡିକାଲ୍ ବିଭାଗ ଦ୍ୱାରା, ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନରେ "ଯକ୍ଷ୍ମା ବିଲୋପ" ଉପରେ ଏକ ସଚେତନତା ଅଭିଯାନର ଆୟୋଜନ କରାଯାଇଛି। ଏହି ପଦକ୍ଷେପ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା, ଯକ୍ଷ୍ମା ବିଲୋପ ଉପରେ ଚାଲୁଥିବା ୧୦୦ ଦିନର ତୀବ୍ର ଅଭିଯାନର ଏକ ଅଂଶ। ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍.ଏସ୍. ବାଜୱା, ଶ୍ରୀ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି), ଖୋର୍ଦ୍ଧାରୋଡ୍ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡଃ ଶରଥ ବାବୁ, ଖୋର୍ଦ୍ଧାରୋଡ଼ ରେଲୱେ ହସ୍ପିଟାଲର ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀ, ଶାଖା ଅଧିକାରୀ ଏବଂ ସ୍କାଉଟ୍-ଗାଇଡ୍ , ଏହି ଯକ୍ଷ୍ମା ବିଲୋପ ଅଭିଯାନରେ ଅଂଶଗ୍ରହଣ କରିଥିଲେ । ୭ ଡିସେମ୍ବର ୨୦୨୪ ରୁ ଆରମ୍ଭ ହୋଇ, ୨୪ ମାର୍ଚ୍ଚ ୨୦୨୫ ରେ ଶେଷ ହେବାକୁ ଥିବା ଏହି ୧୦୦ ଦିନର ତୀବ୍ର ଅଭିଯାନ, ଏକ ଯକ୍ଷ୍ମା ମୁକ୍ତ ଦେଶ ଆଡକୁ ଭାରତର ଯାତ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ୨୦୨୫ ସୁଦ୍ଧା ଯକ୍ଷ୍ମାକୁ ସମାପ୍ତ କରିବା ପାଇଁ ଭାରତ ଏକ ବ୍ୟାପକ ଆଭିମୁଖ୍ୟ ପାଇଁ ଏକ ମଞ୍ଚ ସ୍ଥିର କରୁଛି। ଏହି କାର୍ଯ୍ୟକ୍ରମରେ ଯାତ୍ରୀମାନଙ୍କୁ ଯକ୍ଷ୍ମା ଲକ୍ଷଣ, ଠିକ୍ ସମୟରେ ଚିହ୍ନଟ, ଉପଯୁକ୍ତ ଚିକିତ୍ସା ଏବଂ ରୋଗର ସମ୍ପୂର୍ଣ୍ଣ ଉପଶମ ପର୍ଯ୍ୟନ୍ତ ଆବଶ୍ୟକ ଅନୁସରଣ ଉପରେ ଏକ ନୃତ୍ୟ ନାଟକ ପ୍ରଦର୍ଶନ କରାଯାଇଥିଲା। ପରେ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନର ପ୍ଲାଟଫର୍ମରେ ଏକ ରାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ପ୍ଲାକାର୍ଡ଼ ପ୍ରଦର୍ଶନ ଏବଂ ଯକ୍ଷ୍ମା ଦୂର କରିବା ଉପରେ ସ୍ଲୋଗାନ ଦିଆଯାଇଥିଲା।

# ବିନା ଫାୟାର ସେଫଟିରେ ଚାଲିଛି ବ୍ୟାବସାୟିକ ପ୍ରତିଷ୍ଠାନ

**କାକଟପୁର/ଅସ୍ତରଙ୍ଗ, ୨୮।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକର ୧୬ଗୋଟି ଓ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଥିବା ଗାଁ ସହ ଅସ୍ତରଙ୍ଗ ମୁଖ୍ୟ ବଜାରରେ ମାଳ ମାଳ ବ୍ୟବସାୟିକ ପ୍ରତିଷ୍ଠାନ। ଅନେକ ଜାଗାରେ ବ୍ୟବସାୟ ଓ ଆବାସିକସ୍ଥଳୀ ଗୋଟିଏ ଗୋଟିଏ ବିଲଡିଂରେ ରହିଛି। ଉପର ଘର ତଳ ମହଲାରେ ଚାଲିଛି ବେପାର। ହେଲେ ଅଧିକାଂଶ ବ୍ୟବସାୟୀକ ଅନୁଷ୍ଠାନରେ ଅଗ୍ନିନିରାପତ୍ତା ନେଇ କୌଣସି ପ୍ରକାର ପଦକ୍ଷେପ ନିଆଯାଉନି। ଏମିତି ନୁହେଁ ଯେ, ଏହି ସବୁ ଦୋକାନ ପ୍ରତି ନିଆଁର ବିପଦ ନାହିଁ। ହେଲେ ତାହାର ପ୍ରତିକାର ପାଇଁ ବ୍ୟବସାୟୀମାନେ କିଛି ବି ପଦକ୍ଷେପ ନେଉନାହାନ୍ତି। ପ୍ରାୟ ଅଧିକାଂଶ ବ୍ୟବସାୟୀକ ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ନାହିଁ। ଫଳରେ ଯେକୌଣସି ସମୟରେ ବଡ଼ଧରଣର ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଆଶଙ୍କା ରହୁଛି।

କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାରରେ କାହିଁ କେଉଁ ଆବାହନ କାଳରୁ ଆବାସିକ ଅଞ୍ଚଳରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଗଢି ଉଠିଛି। ଛୋଟ ତଥା ସଂକୀର୍ଣ୍ଣ ଗଳି କନ୍ଦୀରେ ବି ଛୋଟ ବଡ଼ ଦୋକାନ ହୋଇଛି। ଯଦିଓ ୫ରୁ ୭ବର୍ଷ ମଧ୍ୟରେ କିଛି ପୁରୁଣା କୋଠାକୁ ଭାଙ୍ଗି ନୂଆ ଢଙ୍ଗରେ କିଛି ବ୍ୟବସାୟ ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। ମାତ୍ର ଏବେ ବି କାକଟପୁର ଓ ଅସ୍ତରଙ୍ଗ ବଜାରର ପ୍ରାୟ ୯୦ରୁ ୯୫ପ୍ରତିଶତ ପୁରୁଣା କୋଠାରେ ବିନା ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ଚାଲିଛି। ଏ ସବୁ କୋଠାରେ ବିଦ୍ୟୁତ କାରବାର ପାଇଁ ଦୀର୍ଘ ବର୍ଷ ତଳେ ୱେରାଙ୍ଗ ହୋଇଥିଲା। ବହୁତ ଦୋକାନରେ ୱେରାଙ୍ଗ ଦୀର୍ଘ ବର୍ଷ ହେବାରୁ ତାର ଗୁଡିକର ଅବଧି ପୂରୀଗଲାଣି। ଫଳରେ ବିଭିନ୍ନ ସମୟରେ ସଟସର୍କିଟ ଜନିତ ଅଗ୍ନିକାଣ୍ଡ ଘଟିପାରେ।




**ନିଆଁ ଲିଭା ଯାଞ୍ଚ କେବେ ?**

**ଅଘଟଣ ଘଟିଲେ କିଏ ଦାୟୀ ରହିବେ ?**

ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଛି। ବିଦ୍ୟୁତ ବଢିବା ସହିତ ବିଦ୍ୟୁତ ତାର ଉପରେ ଚାପ ବି ବଢୁଛି। ତେଣୁ ଅଗ୍ନିଦୁର୍ଘଟଣା ବଢିବାର ଆଶଙ୍କା ରହିଛି। ସେହିପରି ଅନେକ ଘରୋଇ କ୍ଲିନିକ ରେ ମଧ୍ୟ ଏହି ଅଗ୍ନିନିରାପତ୍ତା ସୁବିଧା ନାହିଁ। ଅସ୍ତରଙ୍ଗ ବଜାର ସମେତ ଗାଁ ଗହଳିରେ ଅଗ୍ନିନିରାପତା ଆଇନର ଖୋଲା ଉଲ୍ଲଘନ ହେଉଥିଲେ ହେଁ ଏ ଦିଗରେ ଅଗ୍ନିଶମ ବିଭାଗ ନିଘା ନାହିଁ। ଏ ନେଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କେନ୍ଦ୍ର ଅଧିକାରୀ ପ୍ରହଲ୍ଲାଦ ରାୟ କହିଛନ୍ତି ସେମିତି କୌଣସି ଦୋକାନ ଯାଞ୍ଚ ହୋଇନି, ନିର୍ଦ୍ଦେଶ ଆସିଲେ ଖୁବ ଶୀଘ୍ର ଯାଞ୍ଚ ହେବ। କିନ୍ତୁ ସମସ୍ତ ବ୍ୟବସାୟୀ ଅଗ୍ନିଶମ ନିୟମ ମାନିବା ନିହାତି ଜରୁରୀ।

### ବାଣିଜ୍ୟ ଓ ପରିବହନ ବିଭାଗର ଉଚ୍ଚସ୍ତରୀୟ ବୈଠକ

# ବୀମା ସଂକ୍ରାନ୍ତରେ ଅଧିକ ସଚେତନତା ଜରୁରୀ

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ, ମୋଟର ଯାନ ଆଇନ, ୧୯୮୮ ଅନୁଯାୟୀ ହିତାଧିକାରୀଙ୍କ ପାଇଁ ଶୀଘ୍ର ଏବଂ ସମସ୍ୟାବିହୀନ କ୍ଷତିପୂରଣ ସୁନିଶ୍ଚିତ କରି ଯାନବାହନ ବୀମା ଦାବି ସମାଧାନକୁ ତ୍ୱରାନ୍ୱିତ କରିବା ଦିଗରେ ସଂସ୍କାରମୂଳକ ପଦକ୍ଷେପ ନେଇଛି। ଦାବି ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଏହାର ନିରନ୍ତର ପ୍ରୟାସରେ ବିଭାଗ ସକ୍ରିୟ ଭାବେ ବୀମା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ରାଜ୍ୟ ସାରା ଯାନବାହନ ମାଲିକ ଓ ଦୁର୍ଘଟଣା ପୀଡ଼ିତଙ୍କୁ ସହଯୋଗ କରିଆସିଛି। ମୋଟର ଯାନ ଆଇନର ଧାରା ୧୬୪ ଅନୁଯାୟୀ, ଯାନବାହନ ମାଲିକ କିମ୍ବା ଅଧିକୃତ ବୀମାକାରୀଙ୍କୁ ମୃତ୍ୟୁ କ୍ଷେତ୍ରରେ ୫ ଲକ୍ଷ ଓ ପୀଡିତ କିମ୍ବା ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଗୁରୁତର ଆଘାତ ପାଇଁ ୨.୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନକୁ ବାଧ୍ୟତାମୂଳକ କରାଯାଇଛି। ଏକ ସାମ୍ପ୍ରତିକ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ଓଡ଼ିଶାରେ ୫୯ ପ୍ରତିଶତ ଯାନବାହନ ବୀମାଭୁକ୍ତ ହୋଇନାହାନ୍ତି। ଫଳରେ ଅନେକ ଯାନବାହନ ମାଲିକ ଆର୍ଥିକ ବିପଦ ଓ ଆଇନଗତ ପରିଣାମର ସମ୍ମୁଖୀନ ହେଉଛନ୍ତି। ପଞ୍ଜିକୃତ ୧.୦୩ କୋଟି ଯାନ ମଧ୍ୟରୁ ୬୧.୫୭ ଲକ୍ଷରୁ ଅଧିକ ଯାନ ବୀମା କଭରେଜ୍‌ରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ସଚେତନତା ଓ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି ବୋଲି ଆଜି ଏଠାରେ ବୀମା ସଂସ୍କାରକୁ ତ୍ୱରାନ୍ୱିତ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମତ ବ୍ୟକ୍ତ କରାଯାଇଛି।

- କଭରେଜ୍‌ରୁ ବଞ୍ଚିତ ହେଉଛନ୍ତି ୬୧ ପ୍ରତିଶତ ଯାନ
- କାର୍ଯ୍ୟକାରୀ ହେବ ଇ-ଡିଏଆର୍



ଖାରବେଳ ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଚଳିତ ପ୍ରକ୍ରିୟାଗୁଡ଼ିକର ସଂସ୍କାର, ନିୟାମକ ନମନୀୟତା ବୃଦ୍ଧି ଓ ଦାବିର ସୁଗମତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ଶ୍ରୀମତୀ ପାଢ଼ୀ ବୀମା ସମାଧାନ ପାଇଁ ଏକ ଦକ୍ଷ, ନାଗରିକ-ଅନୁକୂଳ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସମାନ କାର୍ଯ୍ୟକାରିତା ପାଇଁ ଏକ କଷ୍ଟୋମାଇଜ୍‌ଡ ମାର୍ଗଦର୍ଶିକା (ଏସ୍‌ଓପି) ବିକଶିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ସମସ୍ତ ଅଂଶୀଦାରଙ୍କୁ ଚୂଡ଼ାନ୍ତ ଏସ୍‌ଓପି ଜାରି କରିବ, ଯାହା ଦାବି ପ୍ରକ୍ରିୟାରେ ଅଧିକ ସ୍ପଷ୍ଟତା ଓ ସମନ୍ୱୟ ସୁନିଶ୍ଚିତ କରିବ। ବୀମା ସୁଗମତାକୁ ସୁଦୃଢ଼ କରିବା ସକାଶେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଅଧୀନରେ ୫ଟି ପ୍ରମୁଖ ବୀମା କମ୍ପାନୀକୁ ତାଲିକାଭୁକ୍ତ କରାଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ ୬.୭୭ କୋଟି ମୂଲ୍ୟର ଦାବି ଦାଖଲ କରାଯାଇଥିବା ବେଳେ ପୂର୍ବରୁ ୧.୪୫ କୋଟି ଟଙ୍କା ବୀମାକାରୀଙ୍କୁ ପ୍ରଦାନ କରାଯାଇସାରିଛି।

ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ପଦକ୍ଷେପ କ୍ରମେ ସରକାର ବୀମା କମ୍ପାନୀଗୁଡ଼ିକ ସହ ପରାମର୍ଶ କରି ଏକ ଅନଲାଇନ୍ ପୋର୍ଟାଲ୍ ଇ-ଡିଏଆର୍ (ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା ରିପୋର୍ଟ) ଆରମ୍ଭ କରିବେ। ଏହା ସଡ଼କ ଦୁର୍ଘଟଣା ସଂକ୍ରାନ୍ତ ତଥ୍ୟ ଦାଖଲ ସହ କ୍ଷତିପୂରଣ ଦାବିକୁ ତ୍ୱରାନ୍ୱିତ କରିବ ଏବଂ ପୀଡ଼ିତଙ୍କ ପରିବାରକୁ ତୁରନ୍ତ ଆବଶ୍ୟକ ସହାୟତା ପ୍ରଦାନ କରିପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଓଏସ୍‌ଆର୍‌ଟିସି ସିଏମ୍‌ଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, କ୍ୟୁଟ୍ ଏମ୍‌ଡି ଡକ୍ଟର ଏନ୍. ଥିରୁମାଲା ନାୟକ, ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧି ଓ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବିଏମ୍‌ସିରେ ହଜାରେ କୋଟିର ବଜେଟକୁ ଅନୁମୋଦନ

### ଆୟ ୧୦୨୨ କୋଟି, ବ୍ୟୟ ୧୦୦୧ କୋଟି

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ସ୍ୱତନ୍ତ୍ର ବୈଠକରେ ହଜାରେ କୋଟି ଟଙ୍କାର ବଜେଟକୁ ଅନୁମୋଦନ ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରୁ ମୋଟ ଆୟ ୧୦୨୨ କୋଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବ୍ୟୟ ୧୦୦୧ କୋଟି ଆକଳନ କରାଯାଇଛି। ସର୍ବାଧିକ ଆୟ ରାଜସ୍ୱ ଅନୁଦାନ ଓ ସବସିଡିରୁ ୪୬୯ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିବା ବେଳେ ପୁଞ୍ଜିଭୁକ୍ତ ଅନୁଦାନରୁ ୨୫୫ କୋଟି ଓ ରାଜସ୍ୱ ଓ ଅନ୍ୟାନ୍ୟ ଆୟରୁ ୨୮୦ କୋଟି ମିଳିବ ବୋଲି ଆକଳନ କରାଯାଇଛି । ସେହିପରି ଚଳିତ ଆର୍ଥିକ ବର୍ଷରେ ସ୍ଥାୟୀ ସମ୍ପତ୍ତି ଅଧିଗ୍ରହଣ ଓ କ୍ରୟ ବାବଦରେ ସର୍ବାଧିକ ୩୭୯ କୋଟିରୁ ଅଧିକ ଟଙ୍କା ବ୍ୟୟ ଆକଳନ କରାଯାଇଥିବା ବେଳେ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ବାବଦରେ ମୋଟ ୩୦୧ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ଚଳିତ ବର୍ଷ ଆୟ ୧୦୨୨ କୋଟି ଓ ୨୦୨୩-୨୪ ଆର୍ଥିକ ବର୍ଷରୁ ବଳକା ଥିବା ୧୪୭ କୋଟିକୁ ମିଶାଇ ମୋଟ ୧୧୬୯ କୋଟି ଟଙ୍କା ଆୟ ଆକଳନ କରାଯାଇଛି। ତା'ଛଡ଼ା ଚଳିତ ବର୍ଷ ବିଭିନ୍ନ ବାବଦରେ ମୋଟ ୧୦୦୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୬୮ କୋଟି ଟଙ୍କା ବଳକା ରହିବ ବୋଲି ବଜେଟରେ ଆକଳନ କରାଯାଇଛି। ଏହି ସ୍ୱତନ୍ତ୍ର ବଜେଟ୍ ଅନୁମୋଦନ ବୈଠକରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାଜକିଶୋର ଦାସ ବଜେଟ୍ ଉପସ୍ଥାପନ କରିଥିଲେ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ।

## ଜଳିଗଲା ବ୍ୟାଟେରି ସ୍କୁଟି



**ବାରଙ୍ଗ,୨୮।୨(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ବାରଙ୍ଗଥାନା ଅଧୀନସ୍ଥ ବଡ଼ମୁଣ୍ଡଳି ଗ୍ରାମରେ ଏକ ବ୍ୟାଟେରି ସ୍କୁଟି ଜଳିଯାଇଛି। ଏହାର ମାଲିକ ଅକ୍ଷୟ କୁମାର ରାଉତ ସ୍କୁଟିକୁ ଚାର୍ଜ କରୁଥିବା ବେଳେ ଏଥିରେ ନିଆଁ ଲାଗିଯାଇଥିଲା। ସେ କୌଣସି କାମରେ ବାହାରକୁ ଯିବା ସକାଶେ ଗାଡ଼ିକୁ ଚାର୍ଜରେ ବସାଇ ଘରେ ଖାଇ ବସିଥିଲେ। କିନ୍ତୁ କିଛି ସମୟ ପରେ ଉକ୍ତ ଗାଡ଼ିରୁ ଅଚାନକ ନିଆଁ ବାହାରିବା ଆରମ୍ଭ କରିଥିଲା। ଏହା ଦେଖି ଅକ୍ଷୟ ତୁରନ୍ତ ଗାଡ଼ିରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଦେଇଥିଲେ। ଫଳରେ ଏକ ବଡ଼ ଧରଣର ଅଘଟଣରୁ ତାଙ୍କ ପରିବାର ଲୋକେ ବର୍ତ୍ତିଯାଇଛନ୍ତି। ତେବେ କିଛି ସମୟ ପରେ ଉକ୍ତ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା। ପରିବାର ଲୋକେ ଓ ସାହିପଡ଼ିଶା ମିଶି ଯଥେଷ୍ଟ ପରିଶ୍ରମ ପରେ ଗାଡ଼ିରୁ ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ।

## ଲାଞ୍ଚୁଆ ଲ୍ୟାମ୍ପସ ମ୍ୟାନେଜରଙ୍କୁ ଧରିଲା ଭିଜିଲାନ୍ସ

**କୋରାପୁଟ,୨୮।୨(ସଂଚାର ବ୍ୟୁରୋ):** ଜନୈକ ମାଣ୍ଡିଆ ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଲେ କୁନ୍ଦୁଲି ଲ୍ୟାମ୍ପସ ମ୍ୟାନେଜର ସତ୍ୟରଞ୍ଜନ ଚାଲାନ୍। ଆଜି କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ଲ୍ୟାମ୍ପ ଦାୟିତ୍ୱରେ ଥିବା ସତ୍ୟରଞ୍ଜନ ଜଣେ ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସେ ମାଣ୍ଡିଆ କିଣିବାକୁ ବସ୍ତା ପିଛା ୪୫ ଟଙ୍କା ଲେଖାଏଁ ଲାଞ୍ଚ ଦାବି କରିଥିଲେ। ଏହିପରି ଭାବେ ୧୧୭ ବସ୍ତା ପାଇଁ ସେ ଚାଷୀଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏପରିକି ଲାଞ୍ଚ ଅର୍ଥ ନ ଦେଲେ ମାଣ୍ଡିଆ କିଣାହେବ ନାହିଁ ବୋଲି ସେ ରୋକଠୋକ ଶୁଣାଇଦେଇଥିଲେ। ତେଣୁ ବାଧ୍ୟ ହୋଇ ଉକ୍ତ ଚାଷୀ ଜଣଙ୍କ ଭିଜିଲାନ୍ସର



ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ରଣନୀତି ଅନୁସାରେ ସତ୍ୟରଞ୍ଜନଙ୍କୁ ପ୍ରମାଣ ସହ ଗିରଫ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ସତ୍ୟରଞ୍ଜନଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ମଧ୍ୟ ରୁଜୁ କରାଯାଇଥିବା ଜଣାପଡ଼ିଛି।

## ଟ୍ରକ୍‌କୁ ପିଟିଲା ସ୍କର୍ପିଓ: ୩ ମୃତ, ୨ ଗୁରୁତର

**ବରଗଡ଼,୨୮।୨(ସଂଚାର ବ୍ୟୁରୋ):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବରଗଡ଼ର ମେଲଛାମୁଣ୍ଡା ଥାନାଞ୍ଚଳର ଘେଁସ ନିକଟରେ ଆଜି ଅପରାହ୍ନରେ ଏହି ଅଘଟଣ ଘଟିଥିବା ବେଳେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛପଟୁ ସ୍କର୍ପିଓ ଧକ୍କା ଦେଇଛି। ଏହି ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ସ୍କର୍ପିଓର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂର୍ମାର୍ ହୋଇଯାଇଛି। ଉକ୍ତ ସିଜି-୧୩-ଏୱାଇ-୯୦୫୪ ନମ୍ବରବିଶିଷ୍ଟ ସ୍କର୍ପିଓରେ ମୋଟ ୫ ଜଣ ଯାତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣ ଲେଖାଏଁ ମହିଳା ଓ ଶିଶୁ ଥିଲେ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ସେଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଅନ୍ୟ ଦୁଇ ଜଣଙ୍କୁ ବୁର୍ଲାସ୍ଥିତ ଭୀମସାର୍‌କୁ ପଠାଇଛନ୍ତି। ସମସ୍ତ ଯାତ୍ରୀ ପଡ଼ୋଶୀ ଛତିଶଗଡ଼ ରାୟଗଡ ଜିଲ୍ଲା ଘିକାବାହାଲ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଥିଲେ ହେଁ ସେମାନଙ୍କ ପରିଚୟ ନେଇ କିଛି ବି ସୂଚନା ମିଳିପାରିନାହିଁ।

## ଆପାର୍ଟମେଣ୍ଟରୁ ବାପ-ଝିଅଙ୍କ ମୃତଦେହ ଉଦ୍ଧାର

**କଟକ,୨୮।୨(ସଂଚାର ବ୍ୟୁରୋ):** କଟକ ବାଦାମବାଡ଼ି ଅଞ୍ଚଳରେ ଆଜି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଏଠାକାର ଏକ ଆପାର୍ଟମେଣ୍ଟରୁ ବାପ-ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିକାଶ ଭବନ ନିକଟସ୍ଥ ଉକ୍ତ ଆପାର୍ଟମେଣ୍ଟରୁ ଝୁଲନ୍ତା ଅବସ୍ଥାରେ ବାପାଙ୍କ ମୃତଦେହ ଉଦ୍ଧାର ହୋଇଥିବା



ବେଳେ ନିକଟରେ ନାବାଳିକା ଝିଅର ମୃତଦେହ ମଧ୍ୟ ପଡ଼ିଥିବା ପୁଲିସ୍ ଦେଖିବାକୁ ପାଇଥିଲା। ଆପାର୍ଟମେଣ୍ଟରେ ବାପା ମାନସ ରଞ୍ଜନ ଦାସଙ୍କ ସହ ତାଙ୍କ ଝିଅ ଭଡ଼ାରେ ରହିଆସୁଥିଲେ। ତେବେ ମାନସଙ୍କ ଝିଅର ମାନସିକ ସ୍ଥିତି ଠିକ ନଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ବାଦାମବାଡ଼ି ପୁଲିସ୍ ଦୁଇ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ କଟକ ଏସସିବିକୁ ପଠାଇବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତଦନ୍ତରେ ପୁଲିସ୍ ସାଇଣ୍ଟିଫିକ୍ ଟିମ୍‌ର ସହଯୋଗ ମଧ୍ୟ ନେଇଛି। ଏହାଛଡ଼ା ମୃତକଙ୍କ ମୋବାଇଲକୁ ଯାଞ୍ଚ କରୁଛି ପୁଲିସ। ଶେଷଥର ପାଇଁ ସେ କାହା ସହ ଫୋନରେ କଥା ହୋଇଥିଲେ ତା' ଜାଣି ଏହା ମାଧ୍ୟମରେ ଏହି ମାମଲାର ସମାଧାନ ପାଇଁ ଉଦ୍ୟମ ଚଳାଇଛି। ତେବେ ପ୍ରଥମେ ଝିଅକୁ ମାରି ପରେ ମାନସ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।

## ରବିବାର ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର,୨୮।୨(ସଂଚାର ବ୍ୟୁରୋ):** ଆସନ୍ତା ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଜିଲ୍ଲା କେନ୍ଦୁଝର ଗସ୍ତ କରିବେ। ମୟୂରଭଞ୍ଜ ଜିଲାରେ ଦୁଇଦିନିଆ ଗସ୍ତ କାର୍ଯ୍ୟକ୍ରମ ସାରି ରବିବାର ପୂର୍ବାହ୍ନ ୧୦ଟା ୧୦ ମିନିଟ୍ ସମୟରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅବତରଣ କରିବେ। ସେଠାରେ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଚମ୍ପୁଆ ଗସ୍ତ କରି ସେଠାରେ ମଧ୍ୟାହ୍ନ ୧୨ଟା ୪୫ ମିନିଟ୍‌ରେ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବେ। ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ରିଜର୍ଭ ପଡ଼ିଆରେ ହେଲିକପ୍ଟର ଯୋଗେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଗ୍ରାମ ରାଇକଳାକୁ ଯାଇ ଅପରାହ୍ନ ୪ଟା ବେଳେ ସେଠାରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଫାଇନାଲରେ ଯୋଗଦେବେ। ପରେ ମୁଖ୍ୟମନ୍ତ୍ରୀ ସେଠାରୁ ରାଇକଳାସ୍ଥିତ ତାଙ୍କ ବାସଭବନ ଯାଇ ସଡ଼କ ପଥରେ ସାଢ଼େ ୬ଟା ୩୦ରେ କେନ୍ଦୁଝର ଫେରିବେ। ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ କାଳୀ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରି ୩ ତାରିଖ ସୋମବାର ପୂର୍ବାହ୍ନ ୯ଟା ୪୦ ମିନିଟ୍ ସମୟରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ଅଞ୍ଚଳକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଥିବା ବେଳେ ଆଜି ପୁରୀ ଜିଲ୍ଲା ପୁରୀ-ସଦର, ଗୋପ ଓ ନିମାପଡ଼ା ବ୍ଲକରେ ବିଭିନ୍ନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ୩ ବ୍ଲକର ୨୮ ପଞ୍ଚାୟତ ଅଧୀନସ୍ଥ ୧୫୭ଟି ଗ୍ରାମ ପାଇଁ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

- ଉପକୃତ ହେବେ ୩ ବ୍ଲକ୍‌ର ୧୫୭ ଗାଁ
- ୨୧୪ କୋଟି ବ୍ୟୟ ଅଟକଳ

ତିନିଟି ପ୍ରକଳ୍ପ ପାଇଁ ମୋଟ ୨୧୩.୯୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକରେ ଭାର୍ଗବୀ ନଦୀକୁ ଜଳସ୍ରୋତ ଭାବେ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପୁରୀ-ସଦର ବ୍ଲକର ୧୨ଟି ପଞ୍ଚାୟତର ୬୭ଟି ଗ୍ରାମ, ଗୋପ ବ୍ଲକର ୧୪ ପଞ୍ଚାୟତର ୮୪ଟି ଗ୍ରାମ ଓ ନିମାପଡ଼ା ବ୍ଲକର ୨ଟି ପଞ୍ଚାୟତର ୬ଟି ଗ୍ରାମର ଅଧିବାସୀ ସ୍ୱଚ୍ଛ ପାନୀୟଜଳ ପାଇପାରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ



ପରିଡ଼ା ମେଗା ପାଇପ ପାନୀୟ ଜଳ ପ୍ରକଳ୍ପକୁ ଉକ୍ତ ଅଞ୍ଚଳର ଲୋକଙ୍କ ଆଶା-ଆକାଂକ୍ଷାର ପ୍ରତୀକ ବୋଲି କହିଥିବା ବେଳେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ ଏହି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପନ୍ନହୋଇ ସ୍ଥାନୀୟ ଲୋକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବ ବୋଲି ଆଶା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ସଚିବ ଏସ୍‌ଏନ୍ ଗିରୀଶ, ବିଭାଗୀୟ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ପୁରୀ ଜିଲ୍ଲା ପରିଷଦ ଜୋନ୍-୧୧ର ସଦସ୍ୟ, ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋପ ବ୍ଲକର ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୮ରେ ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରାର ଦ୍ୱିତୀୟ କିସ୍ତି ଟଙ୍କା। ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରାର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଏକ କୋଟି ମହିଳାଙ୍କ ପାଖରେ ପହଞ୍ଚିବ। ଏହା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପୂର୍ବରୁ ୯୮ ଲକ୍ଷ ମହିଳାଙ୍କୁ ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କା ଦିଆଯାଇଛି । ସୁଭଦ୍ରା ଏକ କୋଟି ମହିଳାଙ୍କ ପାଖରେ ପହଞ୍ଚିବ। ମାର୍ଚ୍ଚ ୮ ତାରିଖରେ ଏକା ଥରକେ କୋଟିଏ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବି କରାଯିବ। ବ୍ରହ୍ମପୁରଠାରେ କୋଟିଏ ମହିଳାଙ୍କୁ ସୁଭଦ୍ରାର ଦିତ୍ୱୀୟ କିସ୍ତି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

## ୨୫ ସୁଦ୍ଧା ଧାନ ସଂଗ୍ରହ ସାରିବାକୁ ନିର୍ଦ୍ଦେଶ

**ପୁରୀ,୨୮।୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ପଞ୍ଜିକୃତ ୪୮୯୬୪ କୃଷକଙ୍କ ମଧ୍ୟରୁ ଅଦ୍ୟାବଧି ୩୨୨୪୮ ଚାଷୀ ଧାନ ବିକ୍ରି କରି ସାରିଲେଣି। ଅବଶିଷ୍ଟ ୧୬୭୧୬ ଚାଷୀଙ୍କଠାରୁ ଆସନ୍ତା ମାର୍ଚ୍ଚ ୨୫ ସୁଦ୍ଧା ଧାନ କ୍ରୟ ସାରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗାଣ ବିଭାଗ ଓ ମିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଜିସ୍ଥାନୀୟ ସର୍କିଟ



ହାଉସଠାରେ ଧାନ ସଂଗ୍ରହ ସମ୍ପର୍କରେ ଶ୍ରୀମତୀ ପରିଡା ସମୀକ୍ଷା କରିଥିଲେ। ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ରାଜ୍ୟର ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ଧାନର ସହାୟକ ମୂଲ୍ୟ ୨୩୦୦ ଉପରେ ୮୦୦ ଟଙ୍କାର ଇନପୁଟ ସବସିଡି ଦେଉଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୯୧ କୋଟିରୁ ଉର୍ଦ୍ଧ ଟଙ୍କା ଇନପୁଟ ସବସିଡି ହିସାବରେ ଚାଷୀ ପାଇସାରିଲେଣି।

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ୟୁରୋପୀୟ ଆୟୋଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷା

# ଭାରତ-ୟୁରୋପୀୟ ସଂଘ ସମ୍ପର୍କ ନିବିଡ଼ ହେବ: ଧର୍ମେନ୍ଦ୍ର

- ପ୍ରଯୁକ୍ତିବିଦ୍ୟା, ଏଆଇ, ଶିକ୍ଷକ ବିନିମୟ ଉପରେ ଗୁରୁତ୍ୱାରୋପ
- ଲର୍ଣ୍ଣିଂ ଓ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ନେଇ ଆଲୋଚନା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୨:** ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ ଓ ମଜଭୁତ୍ କରିବା ଦିଗରେ ଶୁକ୍ରବାର ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଏହି ସାକ୍ଷାତାଲୋଚନା ଅବସରରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ଼ କରିବା ସହ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି।



ସ୍ଥାୟିତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱରୋପ କରାଯାଇଛି। ସେହିପରି ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଞ୍ଚା ସ୍ଥାପନ ସହ ଛାତ୍ରଛାତ୍ରୀଙ୍କ ଦ୍ୱିପାକ୍ଷିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ମଧ୍ୟ ବିଚାରବିମର୍ଶ ହୋଇଛି। ଏହାଛଡ଼ା ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଓ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଛି। ଶିକ୍ଷଣ ଓ ଦକ୍ଷତା ବ୍ୟବଧାନକୁ ଦୂର କରିବା ସହ ଲର୍ଣ୍ଣିଂ ଓ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ଆଣିବା ପାଇଁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ପାରସ୍ପରିକ ଶିକ୍ଷା ଓ ଦକ୍ଷତା ଏଜେଣ୍ଡାକୁ ଆଗକୁ ବଢ଼ାଇବା, ଜ୍ଞାନ ସେତୁକୁ ସୁଦୃଢ଼ କରିବା ଏବଂ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ପାଇଁ ଏକ ଢାଞ୍ଚା ସୃଷ୍ଟି ସପକ୍ଷରେ ଉଭୟ ପକ୍ଷ ରାଜି ହୋଇଛନ୍ତି। ଭାରତ-ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀକୁ ଆହୁରି ଶକ୍ତିଶାଳୀ କରିବା ଓ ନୂତନ ମାନଦଣ୍ଡ ସୃଷ୍ଟି କରିବା ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ୟୁରୋପୀୟ ଆୟୋଗର ଉପାଧ୍ୟକ୍ଷଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି। ଆଲୋଚନା ସମୟରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ତଥା ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ।

### ମହିଳା ହୋମଗାର୍ଡଙ୍କୁ ଆଇଆଇସିଙ୍କ ନିର୍ଯାତନା ମାମଲାରେ ନୂଆମୋଡ଼

# ପୀଡ଼ିତାଙ୍କ ନାଁରେ ପାଲଟା ଅଭିଯୋଗ

**ଜଗତସିଂହପୁର,୨୮।୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଥାନାର ଆଇଆଇସି ତପନ ନାହାକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ଜନୈକା ମହିଳା ହୋମ୍‌ଗାର୍ଡ। ଏହି ଅଭିଯୋଗ ଆସିବା ପରେ ସମ୍ପୃକ୍ତ ଆଇଆଇସିଙ୍କୁ ଡିଜି ୱାଇବି ଖୁରାନିଆ ନିଲମ୍ବନ କରିଥିଲେ। ପରେ ତାଙ୍କୁ ଏକ ୯ଜଣିଆ ଟିମ୍ ଗିରଫ କରି କୋର୍ଟରେ ହାଜର କରିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ଶ୍ରୀ ନାହାକ ଏବେ ଆଳିପିଙ୍ଗଳ ଜେଲ୍‌ରେ ଅଛନ୍ତି। ତେବେ ଏହି ମାମଲା ଆଜି ନୂଆ ମୋଡ଼ ନେଇଛି। ସମ୍ପୃକ୍ତ ହୋମ୍‌ଗାର୍ଡ ଜଣଙ୍କ ଶ୍ରୀ ନାହାକଙ୍କଠାରୁ ୫୦ ହଜାର ଟଙ୍କା ନେଇଥିଲେ। ଏହି ଟଙ୍କା ନ ଫେରାଇବା ଉଦ୍ଦେଶ୍ୟରେ ସେ ଶ୍ରୀ ନାହାକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ବୋଲି ଜଗତସିଂହପୁର ଥାନାରେ ଏକ ମାମଲା ଦରଜ ହୋଇଛି। ଏହି ମାମଲା ଶ୍ରୀ ନାହାକଙ୍କ ଜଣେ ସମ୍ପର୍କୀୟ ଦେଇଥିବା ଜଣାପଡ଼ିଛି। ଉକ୍ତ ସମ୍ପର୍କୀୟ ଜଣକ ଦାଖଲ କରିଥିବା ଅଭିଯୋଗରେ



- ଧାର ଟଙ୍କା ନ ଫେରାଇବାକୁ ବାହାନା
- ଏତଲା ଦେଲେ ଆଇଆଇସିଙ୍କ ସମ୍ପର୍କୀୟ
- ସୁରକ୍ଷା ଲୋଡ଼ିଲେ ବାପା

ଦର୍ଶାଇଛନ୍ତି ଯେ ସମ୍ପୃକ୍ତ ପୀଡ଼ିତା ଜଣଙ୍କ ୫୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ ହେଁ ପରେ ଏହା ଫେରସ୍ତ କରିବା ନାଁଗନ୍ଧ ଧରିନଥିଲେ। ତେଣୁ ଶ୍ରୀ ନାହାକ ତାଙ୍କୁ ଏହି ଟଙ୍କା ମାଗିବାରୁ ସେ ସମୟ ଗଡ଼ାଇଚାଲିଥିଲେ। କିନ୍ତୁ ଶେଷରେ ସେ ଶ୍ରୀ ନାହାକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ପ୍ରତିଶୋଧ ନେବାକୁ ହୋମ୍‌ଗାର୍ଡ ଜଣଙ୍କ ଉଦ୍ୟମ କରିଥିବା ଉକ୍ତ ଅଭିଯୋଗରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ ଏହି ହୋମ୍‌ଗାର୍ଡଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ପୂର୍ବରୁ ସେ କେସ୍ ରଫାଦଫା କରିବା ସକାଶେ ଶ୍ରୀ ନାହାକଙ୍କର ଜଣେ ବନ୍ଧୁ ତାଙ୍କୁ ୨୫ ଲକ୍ଷ ଟଙ୍କା ଯାଚିଥିବା ନେଇ ସୂଚନା ଦେଇଥିଲେ। ଏପରିକି କେସ୍ ରଫାଦଫା ନ କଲେ ତାଙ୍କୁ ଚାକିରିରୁ ବିଦା କରିବା ସହ ଜୀବନରେ ମାରିଦେବା ସକାଶେ ମଧ୍ୟ ଉକ୍ତ ବ୍ୟକ୍ତି ଜଣଙ୍କ ଧମକାଇଥିବା ପୀଡ଼ିତା ଅଭିଯୋଗ କରିଥିଲେ। ଏପରି ସ୍ଥିତିରେ ତାଙ୍କର ଓ ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ମଧ୍ୟ ସେ ଆଶଙ୍କା ପ୍ରକାଶ କରିଥିଲେ। ଏଥିସହ ତାଙ୍କ ବିରୋଧରେ ଆସିଥିବା ୫୦ ହଜାର ଟଙ୍କା ଧାର ଅଭିଯୋଗକୁ ପୀଡ଼ିତା ଜଣଙ୍କ ଖଣ୍ଡନ କରିଛନ୍ତି।

## ସହିଦନଗର ସ୍ଥାୟୀ ହାଟ ପାଇଁ ମିଳିଲା ଜମି



### ସାଂସଦଙ୍କ ଉଦ୍ୟମ ସାକାର

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଦୀର୍ଘଦିନର ଅପେକ୍ଷା ପରେ ସହିଦନଗର ବ୍ୟବସାୟୀମାନଙ୍କ ପାଇଁ ଉଭବ ହାଟ ଜମିଜନିତ ସମସ୍ୟାର ସମାଧାନ ହୋଇଛି। ରାଜଧାନୀର ଏକ କେନ୍ଦ୍ରସ୍ଥଳ ଭାବେ ସହିଦନଗର ରହିଥିଲେ ମଧ୍ୟ ଓ ୧୯୬୭ରୁ ଏଠାରେ ହାଟ ଚାଲିଥିଲା। ଏହା ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ ହଜାର ଲୋକ ନିର୍ଭର କରନ୍ତି। ତେବେ ଦୀର୍ଘଦିନରୁ ରହିଆସିଥିବା ଏହି ସମସ୍ୟାର ସମାଧାନ ନ ହେବା ପରେ ବ୍ୟବସାୟୀମାନଙ୍କର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ। ଶ୍ରୀମତୀ ଷଡ଼ଙ୍ଗୀ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଗତ ମାସ ୪ ତାରିଖରେ ସାକ୍ଷାତ କରି ଆଲୋଚନା କରିଥିଲେ। ଏକ ସ୍ଥାୟୀ ହାଟ ପାଇଁ ଜମି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ କ୍ଷୁଦ୍ର ବ୍ୟବସାୟୀମାନଙ୍କର ସମସ୍ୟାକୁ ହୃଦୟଙ୍ଗମ କରି ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ୨ ଏକର ଜମି ସହିଦନଗର ସ୍ଥାୟୀ ହାଟ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି ସୁନା ଦର। କିନ୍ତୁ ଆଜି ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆସିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୮୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯, ୬୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୬୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୬ ହଜାର ୮୪୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୬୦୦ ଟଙ୍କା ଓ ୮୬,୪୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୯୯୦ ଟଙ୍କା ଓ ୮୬, ୯୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୮୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୬୦୦ ଓ ୮୬,୮୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

### ଷ୍ଟକବଜାର ପାଇଁ କଳା ଶୁକ୍ରବାର

# ୧୪୧୪ ପଏଣ୍ଟ ଖସିଲା ସେନସେକ୍ସ

**ମୁମ୍ବାଇ, ୨୮।୨:** ବିଶ୍ୱ ବାଣିଜ୍ୟରେ ଅସ୍ଥିରତା ଏବଂ ଶୁଳ୍କ ଯୁଦ୍ଧ କାରଣରୁ ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ଅସ୍ଥିରତା ଦେଖାଦେଇଛି । ଏହାର ପ୍ରଭାବରୁ ଭାରତୀୟ ଷ୍ଟକ ବଜାରରେ କ୍ରମାଗତ ହ୍ରାସ ଘଟୁଛି । ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେୟାର ବଜାରରେ ଉଲ୍ଲେଖନୀୟ ହ୍ରାସ ରେକର୍ଡ କରାଯାଇଛି। ନିଫ୍ଟି-୫୦ ଏବଂ ସେନସେକ୍ସ ଗତ ବର୍ଷ ସେପ୍ଟେମ୍ବର ମାସରେ ଥିବା ନିଜ ନିଜର ସର୍ବୋଚ୍ଚ ସ୍ତରରୁ ଏପର୍ଯ୍ୟନ୍ତ ୧୬ ପ୍ରତିଶତ ହ୍ରାସ ପାଇସାରିଲେଣି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ସେନସେକ୍ସ ଆଜି ୧.୯୦ ପ୍ରତିଶତ ବା ୧୪୧୪ ପଏଣ୍ଟ ହ୍ରାସ ପାଇ ୭୩,୧୯୮ରେ ବନ୍ଦ ହୋଇଛି। ବଜାର ବନ୍ଦ ସମୟରେ ସେନସେକ୍ସରେ ଥିବା ୩୦ଟି ଷ୍ଟକ ମଧ୍ୟରୁ ୨୯ଟି ଲାଲ ରଙ୍ଗରେ ଥିଲା, ଅର୍ଥାତ ହ୍ରାସ ପାଇଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧.୮୭ ପ୍ରତିଶତ ବା ୪୨୨ ପଏଣ୍ଟ ହ୍ରାସ ପାଇ ୨୨,୧୨୨ରେ ବନ୍ଦ ହୋଇଛି। ବଜାର ବନ୍ଦ ବେଳକୁ ନିଫ୍ଟିର ୫୦ଟି ଷ୍ଟକ ମଧ୍ୟରୁ ୫ଟି ସବୁଜ ରଙ୍ଗରେ (ବୃଦ୍ଧି) କାରବାର କରୁଥିବା ବେଳେ ୪୫ଟି ଷ୍ଟକ ଲାଲ ରଙ୍ଗରେ(ହ୍ରାସ) କାରବାର କରୁଥିଲା। ନିଫ୍ଟିରେ ସର୍ବାଧିକ ହ୍ରାସ ଟେକ ମହିନ୍ଦ୍ରାରେ ଦେଖାଯାଇଛି ଯାହାକି ୬.୩୦ ପ୍ରତିଶତ ହ୍ରାସ ପାଇଛି । ସେହିପରି ଇଣ୍ଡସଇଣ୍ଡ ବ୍ୟାଙ୍କରେ ୬.୨୫ ପ୍ରତିଶତ, ୱିପ୍ରୋରେ ୫.୮୭ ପ୍ରତିଶତ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ ୫.୩୩ ପ୍ରତିଶତ ଏବଂ ଭାରତୀ ଏୟାରଟେଲରେ ୪.୮୭ ପ୍ରତିଶତ ହ୍ରାସ ଘଟିଛି। ଅପରପକ୍ଷରେ ଏଚଡିଏଫସି ବ୍ୟାଙ୍କରେ ସର୍ବାଧିକ ୧.୭୮ ପ୍ରତିଶତ, ଶ୍ରୀରାମ ଫାଇନାନ୍ସରେ ୧.୭୬ ପ୍ରତିଶତ, କୋଲ ଇଣ୍ଡିଆରେ ୧.୩୭ ପ୍ରତିଶତ, ଟ୍ରେଣ୍ଟରେ ୦.୯୮ ପ୍ରତିଶତ ଏବଂ ହିଣ୍ଡାଲକୋରେ ୦.୪୪ ପ୍ରତିଶତ ବୃଦ୍ଧି ଘଟିଛି।



## 'ସେବି' ମୁଖ୍ୟ ହେଲେ ତୁହିନକାନ୍ତ ପାଣ୍ଡେ

**ନୂଆଦିଲ୍ଲୀ, ୨୮।୨:** ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେଙ୍କୁ ପୁଞ୍ଜି ବଜାରର ନିୟାମକ ସଂସ୍ଥା 'ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ' (ସେବି)ର ନୂଆ ଅଧ୍ୟକ୍ଷ ଭାବେ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି। ଏହି ପଦରେ ସେ ତିନି ବର୍ଷ କାର୍ଯ୍ୟ କରିବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏହି ପଦରେ ମାଧବୀ ପୁରୀ ବୁଚ୍ କାର୍ଯ୍ୟ କରୁଥିଲେ। ସେ ଥିଲେ ସେବିର ପ୍ରଥମ ମହିଳା ମୁଖ୍ୟ। କିନ୍ତୁ ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲାରେ ସେ ବିବାଦୀୟ ହୋଇପଡ଼ିଥିଲେ। ତାଙ୍କ କାର୍ଯ୍ୟକାଳକୁ ସରକାର ଆଉ ବଢ଼ାଇ ନଥିଲେ। ଚଳିତ ବର୍ଷ ଜାନୁଆରିରେ ସରକାର ମାଧବୀଙ୍କ ଉତ୍ତରାଧିକାରୀ ଖୋଜିବା ଆରମ୍ଭ କରିଥିଲେ। ସେହି ଦୌଡ଼ରେ ଶ୍ରୀ ପାଣ୍ଡେ ଆଗରେ ଥିଲେ।

୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ଶ୍ରୀ ପାଣ୍ଡେ ଓଡ଼ିଶାରେ ସ୍ୱାସ୍ଥ୍ୟ, ସାଧାରଣ ପ୍ରଶାସନ, ବାଣିଜ୍ୟିକ ଟିକସ, ପରିବହନ ଓ ଅର୍ଥ ବିଭାଗରେ କାର୍ଯ୍ୟ କରିଥିଲେ। ସେ ଓଡ଼ିଶା ରାଜ୍ୟ ଅର୍ଥ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ସମ୍ବଲପୁରର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ମଧ୍ୟ ଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଓ ବ୍ରିଟେନ୍‌ର ବର୍ମିଙ୍ଗହାମ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଶିକ୍ଷା ଗ୍ରହଣ କରିଥିବା ଶ୍ରୀ ପାଣ୍ଡେ ଉଭୟ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଯୋଜନା କମିସନ ଓ କ୍ୟାବିନେଟ୍ ସେକ୍ରେଟାରିଏଟ୍‌ର ଯୁଗ୍ମ ସଚିବ ଓ ବାଣିଜ୍ୟ ମନ୍ତ୍ରଣାଳୟର ଉପସଚିବ ଭାବେ କାର୍ଯ୍ୟ କରିଛନ୍ତି। ପୁଞ୍ଜିପ୍ରତ୍ୟାହାର ଦାୟିତ୍ୱରେ ଥିବା 'ଦିପମ୍' ବିଭାଗରେ ସେ କାର୍ଯ୍ୟ କରୁଥିବା ବେଳେ ଏୟାର ଇଣ୍ଡିଆର ଘରୋଇକରଣ, ଏଲ୍‌ଆଇସିର ଆଇପିଓ ଆଣିବା, ଓଡ଼ିଶାରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ରୁ ପୁଞ୍ଜି ପ୍ରତ୍ୟାହାର ଭଳି ଉପଲବ୍ଧି ହାସଲ କରିଥିଲେ। ସେ ସାଧାରଣ ଉଦ୍ୟୋଗ ଏବଂ କାର୍ମିକ ଓ ତାଲିମ ବିଭାଗ ପାଇଁ ମଧ୍ୟ କାମ କରିଛନ୍ତି। ଜାତିସଂଘ ଶିଳ୍ପ ବିକାଶ ସଂଗଠନ (ୟୁଏନ୍‌ଆଇଡିଓ)ର ଆଞ୍ଚଳିକ କାର୍ଯ୍ୟାଳୟରେ ମଧ୍ୟ ସେ କିଛିଦିନ କାର୍ଯ୍ୟ କରିଛନ୍ତି।



## କେନ୍ଦ୍ରୀୟ ଟିକସରୁ ୪୦%କୁ କମିପାରେ ରାଜ୍ୟ ଭାଗ

### ଉଚ୍ଚସ୍ତରୀୟ କମିଟି କରିବ ବିଚାର, ୨୦୨୬ ଆର୍ଥିକ ବର୍ଷରୁ ଲାଗୁ

ନୂଆଦିଲ୍ଲୀ,୨୮/୦୨: କେନ୍ଦ୍ରୀୟ ଟିକସରୁ ରାଜ୍ୟଗୁଡ଼ିକର ଭାଗ କମିପାରେ। ଏବେ ଏହି ଟିକସରେ ରାଜ୍ୟଗୁଡ଼ିକର ଭାଗ ୪୧% ରହିଛି। ତେବେ ଏହାକୁ ୪୦%କୁ କମାଇବା ଲାଗି କେନ୍ଦ୍ର ସରକାର ଚାହୁଁଛନ୍ତି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଏଭଳି ଏକ ପ୍ରସ୍ତାବ ଏବେ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟକୁ ପଠାଯିବ। ଏହା ଚୂଡ଼ାନ୍ତ ମଞ୍ଜୁରୀ ଲାଭ କଲେ ଲାଗୁ ହେବ। ତେବେ ଏହା ଆଗାମୀ ଦିନରେ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଏବେ ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାରଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏଥିଯୋଗୁ ଟିକସ ଭାଗରେ ଏଭଳି ପରିବର୍ତ୍ତନ କରିବାକୁ ସରକାର ଚାହୁଁଥିବା ପ୍ରକ୍ରିୟା ସହ ଜଡ଼ିତ ୩ ଜଣ ଅଧିକାରୀ କହିଛନ୍ତି। ଟିକସ ଭାଗବଣ୍ଟା ସହ କେନ୍ଦ୍ରରାଜ୍ୟ ବିତ୍ତୀୟ ସମ୍ପର୍କର ବିଭିନ୍ନ ଦିଗ ଉପରେ ଅର୍ଥ ଆୟୋଗକୁ ଏକ ପ୍ରସ୍ତାବ ଦିଆଯିବ। ଏ ନେଇ ଗଠିତ କମିଟିର ମୁଖ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆ ରହିଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ବିଭିନ୍ନ ଦିଗ ଉପରେ ଆଲୋଚନା ପରେ କମିଟି ଏହାର ସୁପାରିସ ରଖିବ। ୨୦୨୬-୨୭ ଆର୍ଥିକ ବର୍ଷରୁ ଏହାକୁ ଲାଗୁ କରାଯାଇପାରେ।ରାଜ୍ୟଗୁଡ଼ିକର ଟିକସ ଭାଗ ୪୦%କୁ କମାଇବା ନେଇ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ମାର୍ଚ୍ଚ ଶେଷ ସୁଦ୍ଧା ମଞ୍ଜୁରୀ ଦେବା ପରେ ଏହାକୁ ଅର୍ଥ କମିଶନଙ୍କ ନିକଟକୁ ପଠାଯିବ। ରାଜ୍ୟଗୁଡ଼ିକର ଟିକସ ଭାଗ ୧% କମିଲେ ରାଜକୋଷକୁ ୩୫ ହଜାର କୋଟି ସଞ୍ଚୟ ହେବ। ଟିକସ ଆଦାୟ ବଢ଼ିଲେ ଏହା ଅଧିକ ରହିପାରେ। ଏ ନେଇ ଅର୍ଥ ମନ୍ତ୍ରଣାଳୟ ଏବଂ ଅର୍ଥ ଆୟୋଗଙ୍କ ସ୍ପଷ୍ଟୀକରଣ ଲୋଡ଼ା ଯାଇଥିଲେ ମଧ୍ୟ ଏହା ମିଳିପାରିନି। ୧୯୮୦ରେ କେନ୍ଦ୍ର ଟିକସରେ ରାଜ୍ୟଗୁଡ଼ିକର ଅଂଶ ୨୦% ଥିବା ବେଳେ ଏହା ୪୧%କୁ ବଢ଼ିଛି। ତେବେ ଆର୍ଥିକ ମାନ୍ଦାବସ୍ଥା ପରଠୁ କେନ୍ଦ୍ରକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। କେନ୍ଦ୍ରର ବିତ୍ତୀୟ ନିଅଣ୍ଟ ଚଳିତ ଆର୍ଥିକ ବର୍ଷ ଜିଡିପିର ୪.୮% ରହିବ। ସେହିଭଳି ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ଦେଶର ଜିଡିପିର ୩%। ଅର୍ଥନୀତି ଲାଗି ସରକାରଙ୍କ ମୋଟ ଖର୍ଚ୍ଚରେ ରାଜ୍ୟଗୁଡ଼ିକର ଅଂଶ ୬୦% ରହୁଛି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସାମାଜିକ ଭିତ୍ତିଭୂମିରେ ରାଜ୍ୟ ନିବେଶ କରୁଥିବା ବେଳେ କେନ୍ଦ୍ର ସରକାର ଭିତ୍ତିଭୂମିରେ ଖର୍ଚ୍ଚ କରିଥାନ୍ତି। ଜିଏସ୍‌ଟି ପରେ ଏବେ ରାଜ୍ୟଗୁଡ଼ିକ ନିକଟରେ ରାଜସ୍ୱ ଆଦାୟର ସ୍ରୋତ କମ୍ ରହିଛି। କୋଭିଡଠାରୁ କେନ୍ଦ୍ର ସରକାର ସେସ୍ ଏବଂ ସରଚାର୍ଜରୁ ବିପୁଳ ଅର୍ଥ ଆଦାୟ କରୁଛନ୍ତି। ମୋଟ ଟିକସରେ ଏହା ପୂର୍ବରୁ ୧୦ରୁ ୧୨% ଥିବା ବେଳେ ଏବେ ୧୫%କୁ ବଢ଼ିଛି। ଏଭଳି ସ୍ଥିତିରେ ରାଜ୍ୟଗୁଡିକୁ କମ୍ ଅର୍ଥ ଆସିଲେ ସେମାନଙ୍କୁ ମଧ୍ୟ ଖର୍ଚ୍ଚ ବେଳେ ଚିନ୍ତା କରିବାକୁ ପଡ଼ିବ। ମାଗଣା ଯୋଜନାଗୁଡ଼ିକ ଉପରେ ବିଚାର କରିବା ସହ ଏହା ଉପରେ ରୋକ ଲଗାଇବା ଲାଗି ରାଜ୍ୟଗୁଡ଼ିକୁ କୁହାଯାଉଛି।




## ଟିପିସିଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହର ଶୁଭାରମ୍ଭ



ଭୁବନେଶ୍ୱର,୨୮।୨: ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ପକ୍ଷରୁ ନୈତିକତା ସପ୍ତାହର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମ୍‌ସେଦଜୀ ନୁସେରୱାନଜୀ ଟାଟାଙ୍କ ଜୟନ୍ତୀ ଅବସରରେ ୨୦୨୫ ଫେବୃଆରୀ ୨୪ରୁ ନୈତିକତା ସପ୍ତାହ-୨୦୨୫ ପାଳିତ ହୋଇଛି। ନୈତିକ ବ୍ୟବସାୟ ଅଭ୍ୟାସ, ସଚ୍ଚୋଟତା ଏବଂ ସ୍ୱଚ୍ଛତା ପ୍ରତି ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ଏହି ଉତ୍ସବ ଦୋହରାଉଛି। ଏହି କାର୍ଯ୍ୟକ୍ରମକୁ ଟିପିସିଓଡିଏଲ୍‌ର ସିଇଓ ତଥା ପ୍ରମୁଖ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ ଉଦ୍‌ଘାଟନ କରିଥିବାବେଳେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ନୈତିକ ନେତୃତ୍ୱ ଏବଂ ଟାଟା ଗ୍ରୁପର ମୂଳ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉପରେ ଏକ ସପ୍ତାହବ୍ୟାପୀ ଆଲୋଚନା ଆରମ୍ଭ ହୋଇଥିଲା। ସର୍ବୋଚ୍ଚସ୍ତରର ଗଭର୍ନାନ୍ସ ଏବଂ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇ ଟିପିସିଓଡିଏଲ୍‌ର ସମସ୍ତ ସର୍କଲ, ଡିଭିଜନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟରେ ନୈତିକତାର ଶପଥ ପାଠ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ତଥା ପ୍ରଧାନ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ କହିଛନ୍ତି, ଟିପିସିଓଡିଏଲ୍‌ରେ ନୈତିକତା କେବଳ ଏକ ପ୍ରତିଶ୍ରୁତି ନୁହେଁ, ଏହା ଏକ ଜୀବନଶୈଳୀ। ଯାହା ଆମ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିକ୍ରେତା, ଯୋଗାଣକାରୀ ଏବଂ ଆମେ ସେବା କରୁଥିବା ସମୁଦାୟ ପର୍ଯ୍ୟନ୍ତ ବିସ୍ତାରିତ। ନିରନ୍ତର ଏବଂ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୈନିକ ନୈତିକ ମୂଲ୍ୟବୋଧ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ।

## ମାର୍ଚ୍ଚ ୬ରୁ ଅନ୍ତର୍ଜାତୀୟ ଖଣି ଓ ଭିତ୍ତିଭୂମି ଏକ୍ସପୋ




**ଭୁବନେଶ୍ୱର,୨୮।୨:** ମାର୍ଚ୍ଚ ୬ରୁ ୯ ଯାଏ ସ୍ଥାନୀୟ ବରମୁଣ୍ଡା ପଡ଼ିଆଠାରେ ତୃତୀୟ ଅନ୍ତର୍ଜାତୀୟ ଖଣି ଓ ଭିତ୍ତିଭୂମି ଏକ୍ସପୋ ଅନୁଷ୍ଠିତ ହେବ। ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ୪ ଦିନ ଧରି ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଦେଶ ବିଦେଶର ଖଣି, ନିର୍ମାଣ, ଭିତ୍ତିଭୂମି ଶିଳ୍ପ ଅଂଶୀଦାରମାନେ ଯୋଗଦେବେ ବୋଲି ଆୟୋଜକ ଫ୍ୟୁଚରେକ୍ସ ଗ୍ରୁପ ପକ୍ଷରୁ ସୂଚନା ମିଳିଛି। ଉଦ୍ଭାବନ ସହଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟିକୁ ନଜରରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୧୦୦ ଦେଶର ପ୍ରତିନିଧି, ୩୦୦ରୁ ଉର୍ଦ୍ଧ୍ୱ ବିଶ୍ୱସ୍ତରୀୟ କମ୍ପାନି ଏଠାରେ ଯୋଗଦେବେ। ୭ ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକରଣ ଏବେ ସୁଦ୍ଧା ହସ୍ତଗତ ହୋଇଛି। ୩୫ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବକ୍ତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ। ମୋଟ ୫ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏ ଉପଲକ୍ଷେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦ ଖଣି କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜକ ଫ୍ୟୁଚରେକ୍ସ ଗ୍ରୁପର ଏମ୍‌ଡି ସ୍ୱାମୀ ପ୍ରେମ୍ ଅନ୍ୱେଶୀ କହିଲେ, ଚଳିତ ବର୍ଷ ଏହି ସମ୍ମିଳନୀରେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସମାଧାନ ପ୍ରଦର୍ଶନ କରିବେ ଅଂଶୀଦାର। କାର୍ଯ୍ୟକ୍ରମର ସହଯୋଗୀ ଭାବେ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ, ସ୍କିଲ୍ କାଉନସିଲ ଅଫ୍ ମାଇନିଂ ଏବଂ ଓସ୍‌ମି ରହିଛନ୍ତି।

### ପିଏମ୍‌ଓରେ ଇନ୍‌ଫୋସିସ୍ ଛଟେଇ ମାମଲା

## ୭୦୦ ଫ୍ରେସର୍‌ଙ୍କୁ ଛଟେଇ କରିଥିଲା କମ୍ପାନି

**ନୂଆଦିଲ୍ଲୀ, ୨୮।୨:** ଅନୁଚିତ ଉପାୟରେ ଛଟେଇ କରାଯାଇଥିବା ଦାବି କରି ଇନ୍‌ଫୋସିସ୍‌ରୁ ଛଟେଇ ହୋଇଥିବା ଶତାଧିକ ଫ୍ରେସର୍ ଏହି ମାମଲାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହସ୍ତକ୍ଷେପ ଲୋଡ଼ିଛନ୍ତି। ମାମଲା ଉପରେ ନଜର ପକାଇବା ଓ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ଏଡ଼ାଇବା ଲାଗି ପଦକ୍ଷେପ ନେବାକୁ ସେମାନେ ପିଏମ୍‌ଓକୁ ଅନୁରୋଧ କରିଛନ୍ତି। ଛଟେଇ ହୋଇଥିବା ୧୧୭ ଜଣ ଛାତ୍ରଛାତ୍ରୀ ପିଏମ୍‌ଓକୁ ଏହି ଚିଠି ଲେଖିଥିବା ବେଳେ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଜରିଆରେ ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଇନ୍‌ଫୋସିସ୍‌ରେ ହୋଇଥିବା ଗଣ ଛଟେଇ ମାମଲାର ତଦନ୍ତ କରିବା ଲାଗି କର୍ଣ୍ଣାଟକ ଶ୍ରମ ମନ୍ତ୍ରଣାଳୟକୁ କେନ୍ଦ୍ର ସରକାର କହିଛନ୍ତି। ନିୟମ ଅନୁସାରେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା କର୍ଣ୍ଣାଟକ ସରକାରଙ୍କ ପାଖରେ ରହିଛି। କିଛି ଦିନ ପୂର୍ବେ ଇନ୍‌ଫୋସିସ୍ ହଠାତ୍ ଏହାର ୭୦୦ ପାଖାପାଖି ଫ୍ରେସର୍‌ଙ୍କୁ ଛଟେଇ କରିଥିଲା। ସମସ୍ତଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ସେମାନେ ଚାକିରିରେ ଯୋଗଦେବା ଲାଗି ପହଞ୍ଚିବା ପରେ ଏକ କଠିନ ପରୀକ୍ଷା ଦେବାକୁ କୁହାଯାଇଥିଲା। ଯେଉଁମାନେ ବିଫଳ ହେଲେ ସେମାନଙ୍କୁ କମ୍ପାନି ବିଦା କରିଥିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି ଅଢ଼େଇ ବର୍ଷ ପୂର୍ବେ ସେମାନଙ୍କୁ ଚୟନ କରାଯାଇଥିଲା। କିନ୍ତୁ ଦୀର୍ଘଦିନ ଅପେକ୍ଷା କରାଇବା ପରେ ଗତବର୍ଷ ଅକ୍ଟୋବରରେ ସେମାନଙ୍କୁ କମ୍ପାନିରେ ଯୋଗଦେବାକୁ କୁହାଯାଇଥିଲା। ଗୁଣାତ୍ମକ ତଥା ପ୍ରତିଭାବାନ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଲାଗି ଦୀର୍ଘଦିନରୁ ଏହି ପରୀକ୍ଷା ଆୟୋଜନ କରାଯାଉଥିବା କମ୍ପାନି କହିଛି।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଖରାପ ରାସ୍ତାରୁ ଟୋଲ୍ ସଂଗ୍ରହ ଅନୁଚିତ

**ନୂଆଦିଲ୍ଲୀ, ୨୮।୨:** ଖରାପ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକଠାରୁ ଟୋଲ୍ ଶୁଳ୍କ ସଂଗ୍ରହ ଅନୁଚିତ ବୋଲି ଜମ୍ମୁ ଓ କାଶ୍ମୀର ଓ ଲଦାଖ୍ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏନ୍‌ଏଚ୍-୪୪ରେ ଖରାପ ଅବସ୍ଥାରେ ଥିବା ସଡ଼କଗୁଡ଼ିକ ଲାଗି ଟୋଲ୍ ଶୁଳ୍କ କମ୍ କରିବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ତାଶି ରବ୍‌ସ୍ତାନ ଓ ଜଷ୍ଟିସ୍ ଏମ୍ ଏ ଚୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ପଠାନ୍‌କୋଟ୍-ଉଧମପୁର ରାସ୍ତାରେ ଲଖନପୁର ଓ ବନ୍‌ରେ ଥିବା ଟୋଲ୍ ପ୍ଲାଜାରେ କେବଳ ୨୦% ଟୋଲ୍ ଶୁଳ୍କ ଆଦାୟ କରିବାକୁ ଏନ୍‌ଏଚ୍‌ଏଆଇକୁ ହାଇକୋର୍ଟ କହିଛନ୍ତି। ଏହି ନିଷ୍ପତ୍ତି ତତ୍କାଳ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଏଚ୍-୪୪ରେ ୬୦ କିଲୋମିଟର ବ୍ୟବଧାନରେ କୌଣସି ଟୋଲ୍ ପ୍ଲାଜା ନ ରଖିବାକୁ କୋର୍ଟ କହିଛନ୍ତି। ଯଦି କୌଣସିଠାରେ ସେଭଳି ଟୋଲ୍ ପ୍ଲାଜା ରହିଛି, ତାହାକୁ ଦୁଇ ମାସ ଭିତରେ ହଟାଇବାକୁ କୁହାଯାଇଛି। କେବଳ ଶୁଳ୍କ ସଂଗ୍ରହ ଲକ୍ଷ୍ୟ ନେଇ ଜମ୍ମୁ ଓ କାଶ୍ମୀର ଓ ଲଦାଖ୍‌ରେ ବହୁ ସଂଖ୍ୟାରେ ଟୋଲ୍ ପ୍ଲାଜା ବସାଇବାକୁ ମଧ୍ୟ ହାଇକୋର୍ଟ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି ଯେ ଖରାପ ରାସ୍ତା ଓ ଚଢ଼ା ଟୋଲ୍ ଶୁଳ୍କ ପାଇଁ ସାଧାରଣ ଜନତା ବେଶ୍ ପ୍ରଭାବିତ ହେଉଛନ୍ତି। ୨୦୨୪ ଜୁନ୍‌ରେ ଏକ ବିଶ୍ୱସ୍ତରୀୟ କର୍ମଶାଳାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଥିବା କଥାକୁ ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ଗଡ଼କରୀ କହିଥିଲେ, ଯଦି ସଡ଼କ ଖରାପ ସ୍ଥିତିରେ ରହିଛି ଓ ଲୋକମାନେ ଅସୁବିଧା ଭୋଗୁଛନ୍ତି, ତେବେ ରାଜପଥ ଏଜେନ୍ସିଗୁଡ଼ିକ ଟୋଲ୍ ଲଗାଇବାର କୌଣସି ଯଥାର୍ଥତା ନାହିଁ।

# ୨୦୨୪-୨୫ ପାଇଁ ଇପିଏଫ୍‌ଓ ୮.୨୫% ବଜାୟ ରଖିଲା ସୁଧହାର

ମୁମ୍ବାଇ, ୨୮।୨: ଇପିଏଫଓ ଶୁକ୍ରବାର ୨୦୨୪-୨୫ ପାଇଁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ଜମା ଉପରେ ୮.୨୫ ପ୍ରତିଶତ ସୁଧ ହାର ବଜାୟ ରଖିଛି। ଫେବୃଆରୀ ୨୦୨୪ ରେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ୨୦୨୩ -୨୪ ପାଇଁ ଇପିଏଫ ଉପରେ ସୁଧ ହାରକୁ ସାମାନ୍ୟ ବୃଦ୍ଧି କରି ୮.୨୫ ପ୍ରତିଶତ କରିଥିଲା, ଯାହା ୨୦୨୨-୨୩ ରେ ୮.୧୫ ପ୍ରତିଶତ ଥିଲା। ମାର୍ଚ୍ଚ ୨୦୨୨ ରେ, ଇପିଏଫଓ ୨୦୨୧-୨୨ ପାଇଁ ଇପିଏଫ ଉପରେ ସୁଧ ହାରକୁ ଚାରି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ୮.୧ ପ୍ରତିଶତକୁ ହ୍ରାସ କରିଥିଲା, ଯାହା ୨୦୨୦-୨୧ ରେ ୮.୫ ପ୍ରତିଶତ ଥିଲା। ୨୦୨୦-୨୧ ପୂର୍ବରୁ ଇପିଏଫ ଉପରେ ୮.୧୦ ପ୍ରତିଶତ ସୁଧ ହାର ୧୯୭୭-୭୮ ପରେ ସର୍ବନିମ୍ନ ଥିଲା, ଯେତେବେଳେ ଇପିଏଫ ସୁଧ ହାର ୮ ପ୍ରତିଶତ ଥିଲା। "ଇପିଏଫଓ'ର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ଶୁକ୍ରବାର ଅନୁଷ୍ଠିତ ବୈଠକରେ ୨୦୨୪-୨୫ ପାଇଁ ଇପିଏଫ ଉପରେ ୮.୨୫ ପ୍ରତିଶତ ସୁଧ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବା," ସୂତ୍ରରୁ ଜଣା ପଡିଛି। ୨୦୨୦-୨୧ ପାଇଁ ଇପିଏଫ ଜମା ଉପରେ ୮.୫ ପ୍ରତିଶତ ସୁଧ ହାର ସିବିଟି ଦ୍ୱାରା ମାର୍ଚ୍ଚ ୨୦୨୧ରେ ନିଷ୍ପତ୍ତି ନିଆଯାଇଥିଲା। ସିବିଟି'ର ନିଷ୍ପତ୍ତି ପରେ, ୨୦୨୪-୨୫ ପାଇଁ ଇପିଏଫ ଜମା ଉପରେ ସୁଧ ହାର ସହମତି ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯିବ। ସରକାରଙ୍କ ଅନୁମୋଦନ ପରେ, ୨୦୨୪-୨୫ ପାଇଁ ଇପିଏଫ ଉପରେ ସୁଧ ହାର ଇପିଏଫଓ'ର ସାତ କୋଟିରୁ ଅଧିକ ଗ୍ରାହକଙ୍କ ଆକାଉଣ୍ଟରେ ଜମା କରାଯିବ। ଅର୍ଥ ମନ୍ତ୍ରଣାଳୟ ମାଧମରେ ସରକାରଙ୍କ ଦ୍ୱାରା ଅନୁମୋଦନ ପରେ ହିଁ ଇପିଏଫଓ ସୁଧ ହାର ପ୍ରଦାନ କରିଥାଏ।

ମାର୍ଚ୍ଚ ୨୦୨୦ ରେ, ଇପିଏଫଓ'ର ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧ ହାରକୁ ୨୦୧୯-୨୦ ପାଇଁ ସାତ ବର୍ଷର ସର୍ବନିମ୍ନ ୮.୫ ପ୍ରତିଶତକୁ ହ୍ରାସ କରିଥିଲା, ଯାହା ୨୦୧୮-୧୯ ପାଇଁ ୮.୬୫ ପ୍ରତିଶତ ଥିଲା। ଇପିଏଫଓ ୨୦୧୬-୧୭ ରେ ଏହାର ଗ୍ରାହକମାନଙ୍କୁ ୮.୬୫ ପ୍ରତିଶତ ଏବଂ ୨୦୧୭-୧୮ ରେ ୮.୫୫ ପ୍ରତିଶତ ସୁଧ ହାର ପ୍ରଦାନ କରିଥିଲା। ୨୦୧୫-୧୬ ରେ ସୁଧ ହାର ୮.୮ ପ୍ରତିଶତରେ ସାମାନ୍ୟ ଅଧିକ ଥିଲା। ଅବସର ପାଣ୍ଠି ସଂସ୍ଥା ୨୦୧୩-୧୪ ଏବଂ ୨୦୧୪-୧୫ ରେ ୮.୭୫ ପ୍ରତିଶତ ସୁଧ ହାର ଦେଇଥିଲା, ଯାହା ୨୦୧୨-୧୩ ପାଇଁ ୮.୫ ପ୍ରତିଶତ ଅପେକ୍ଷା ଅଧିକ।୨୦୧୧-୧୨ ରେ ସୁଧ ହାର ୮.୨୫ ପ୍ରତିଶତ ଥିଲା।



# କେ. ସି. ହାଇସ୍କୁଲରେ ବିଜ୍ଞାନ ମେଳା :କୃତୀ ଛାତ୍ରଛାତ୍ରୀ ପୁରସ୍କୃତ



**ବୈଶିଙ୍ଗା,୨୮।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ହେମପୁର ସ୍ଥିତ କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟ, ପରିସରରେ 'ପ୍ରୋଟୋନ ବିଜ୍ଞାନ କ୍ଲବ ଓ ସିଗମା ଗଣିତ କ୍ଲବ' ଆନୁକୂଲ୍ୟରେ ଶିକ୍ଷକ ଚନ୍ଦନ କୁମାର ଦାସ ଓ ଶିକ୍ଷୟତ୍ରୀ ରାଜନନ୍ଦିନୀ ପାତ୍ର ଙ୍କ ନେତୃତ୍ୱ ରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଏହାକୁ ଉଦଘାଟନ କରି ସୁସ୍ଥ ଜୀବନ ପାଇଁ ସୁସ୍ଥ ପରିବେଶ ଓ ଜୀବନଶୈଳୀ ର ଗୁରୁତ୍ୱ ସମ୍ପର୍କ ରେ ଆଲୋଚନା କରିବା ସହିତ ସମାଜରେ ବୈଜ୍ଞାନିକ ଚେତନା ର ପ୍ରସାର ପାଇଁ ଛାତ୍ରଛାତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ତୁଷାର କାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଭାତୀ ପ୍ରଧାନ ଓ ଜୟଶ୍ରୀ ପାଢ଼ୀ ବିଜ୍ଞାନ କୁଇଜ ପରିଚାଳନା କରିଥିଲେ । ଶ୍ରେଷ୍ଠ ୫ ଟି ପ୍ରକଳ୍ପ ଏବଂ ବିଜ୍ଞାନ କୁଇଜ ର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡା ଶିକ୍ଷକ ଶରତ ବେହେରା, ଶିକ୍ଷୟତ୍ରୀ ସବିତା ବାରିକ ଓ ଜଗନ୍ନାଥ ମହାନ୍ତ କାର୍ଯ୍ୟକ୍ରମ ପରଚାଳନା ରେ ସହଯୋଗ କରିଥିଲେ ।

# ମାସ ମାସ ଧରି ଭତ୍ତାକୁ ଅପେକ୍ଷା କରି ହିତାଧିକାରୀ ହତାଶ

**ଖପ୍ରାଖୋଲ,୨୮।୨(ସଂଚାର ବ୍ୟୁରୋ):** ୬୦ ବର୍ଷ ରୁ ଉର୍ଦ୍ଧ ବୃଦ୍ଧବୃଦ୍ଧା, ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳା ଓ ଭିନ୍ନକ୍ଷମ ମାନଙ୍କୁ ସରକାର ଙ୍କ ପ୍ରଚଳିତ ଯୋଜନାରେ ସାମିଲ କରି ଭତ୍ତା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି ହେଲେ ଦୁଃଖର କଥା ହିତାଧିକାରୀ ମାନେ ଭତ୍ତା ପାଇଁ ଅନଲାଇନ ରେ ଆବେଦନ କରି ମାସ ମାସ ଧରି ଅପେକ୍ଷା କରି ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କୁ ଯାଇ ଭତ୍ତା ବିଷୟରେ ପଚାରି ପଚାରି ନୟାନ୍ତ ହୋଇ ଦୁଃଖରେ ଘରେ ବସିଛନ୍ତି । ଏପରି ବିଭିନ୍ନ ଭତ୍ତା ସକାଶେ ଅନଲାଇନ ଆବେଦନକାରୀ ମାନେ ହେଲେ ଉମା ପଧାନ ଯେକି ୩୦/୦୩/୨୪ ତାରିଖ ଦିନ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିଥିଲେ...୧୯/୧୧/୨୪ ତାରିଖ ଦିନ କୁନ୍ତଳା ମୁଣ୍ଡା ସ୍ୱାମୀ ପରିତ୍ୟକ୍ତା ଭତ୍ତା ଆବେଦନ କରିଥିଲେ...୧୬/୧୨/୨୪ ତାରିଖ ଦିନ ରୁକ୍ମଣୀ ମାଝୀ ବିଧବା ଭତ୍ତା ଆବେଦନ କରିଥିଲେ ଓ ୨୨/୦୧/୨୦୨୫ ତାରିଖ ଦିନ ତାରାକାନ୍ତ ବରିହା ଭିନ୍ନକ୍ଷମ ଭତ୍ତା ଆବେଦନ କରିଥିଲେ। ଏମାନେ ସମସ୍ତେ ଭତ୍ତା ପାଇବା ପାଇଁ ଦିନ ଗଣୁଛନ୍ତି । ଏପଟେ ତାଙ୍କର ବୟସ ବଢ଼ି ବଢ଼ି ଚାଲିଛି । କିନ୍ତୁ ନା ମିଳୁଛି ଭତ୍ତା ନା ଉପକୃତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ । ଭତ୍ତା ନମିଳିବାର କାରଣ ବିଷୟରେ ସମାଜ ମଙ୍ଗଳ ଅଧିକାରୀ ଙ୍କୁ ପଚାରିବାରୁ ସେ କୁହନ୍ତି ସରକାର ଟାର୍ଗେଟ ଆସୁନଥିବାରୁ ଭତ୍ତା ମଂଜୁର କରିବାରେ ଅସୁବିଧା ଦେଖାଦେଉଛି । ହିତାଧିକାରୀ ମାନେ ଭତ୍ତା ବିଷୟରେ ବୁଝିବାକୁ କାର୍ଯ୍ୟାଳୟ କୁ ଯିବା ଆସିବା କରି ହାଲିଆ ହେଇ ଗଲେଣି ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ



**ବାଲିପାଟଣା,୨୮।୨(ସଂଚାର ବ୍ୟୁରୋ):** ଆଜିର ଦୁନିଆରେ ଜନ୍ମଦିନ ପାଳନ କେବଳ ଆତ୍ମୀୟସ୍ୱଜନ ମାନଙ୍କ ମଧ୍ୟରେ କେକ କାଟି ଭୋଜି ଭାତର ଆସର ରେ ଜନ୍ମଦିନ ପାଳନ କରୁଥିବା ବେଳେ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଆରା ଢଙ୍ଗରେ ଜନ୍ମ ଦିନ ପାଳନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ରକ୍ତଦାନ କରିବା ପରେ ଭୁବନେଶ୍ୱର ସ୍ଥିତ କ୍ୟାନକିଡ ସ୍ନେହର ଘରେ ରହୁଥିବା କ୍ୟାନ୍ସର ରେ ପୀଡ଼ିତ କୁନି କୁନି ପିଲାଙ୍କୁ ଚକୋଲେଟ, ବିସ୍କୁଟ,ଫଳ ଇତ୍ୟାଦି ବାଣ୍ଟି ପିଲା ମାନଙ୍କ ଓଠରେ ହସ ଫୁଟାଇବାକୁ ପ୍ରୟାସ କରିଥିଲେ। ଏହା ପରେ ପାଣ୍ଡରା ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ଗହଣରେ ମହାପ୍ରସାଦ ସେବନ କରି ଆଶିର୍ବାଦ ଗ୍ରହଣ କରିଥିଲେ। ଏହା ପରେ ପୋଖରୀପୁଟ ସ୍ଥିତ ମା ଭୁଆସୁଣୀ ଗୋଶାଳା ରେ ଗୋମାତାଙ୍କୁ ଖାଦ୍ୟ ଖୁଆଇଥିଲେ। ଶେଷରେ ନୀଳାଦ୍ରି ବିହାର ସ୍ଥିତ ସିତାନାଥ ବସ୍ତିରେ ଥିବା ଯଶୋଦା ମା ପାଠଶାଳା ରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରି ଜନ୍ମଦିନ ପାଳନ କରାଯାଇଥିଲା। ଏଭଳି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହୋଇଛନ୍ତି ରଞ୍ଜନ।

**ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ସୁଧୁରିନି ସ୍ଥିତି**

# ଝରଣା ପାଣି ଭରସାରେ ଦୁର୍ଗମ ଅଞ୍ଚଳବାସି



**କଳାହାଣ୍ଡି,୨୮।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ବହୁ ଦୁର୍ଗମ ଗାଁକୁ ଆଜି ବି ବିଶୁଦ୍ଧ ପାନୀୟ ଜଳ ପହଞ୍ଚିନି। ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି । ଏ ନେଇ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତିସଭ୍ୟ ବିଡିଓ ଶଶାଙ୍କ ପାତ୍ରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତରେ ଟୁଟୁଗୁମା, ମୂଷିଗୁଡ଼ା, ଉପର ସିନ୍ଧାଖୁଣ୍ଟି ରହିଥିବାବେଳେ ଗୁଣ୍ଡୁରି ପଞ୍ଚାୟତର ବରଙ୍ଗପଦର, ଦାଇବେଙ୍ଗ, ଜାଜେଶ, ଶୋଷପଦର, କାଟାଙ୍ଗଭଜା, କନ୍ଦ ଶୋଷପଦର ଓ ମାଡ଼ିବନ୍ଧା ଗାଁ ରହିଛି। ସେହିପରି ବେନଗାଁ ପଞ୍ଚାୟତରେ ଜୋକପୁର, ଭିତରଧବେଲ, କାଲିଯୋଡି, ଲିଟିବୁଣ୍ଡେଲ, ବରାପାଲି, ସାନଖାଲଗୁଡ଼ା,ନେଡ୍ରେଇ ଓ କୋର୍ଟବଣ୍ଡେଲ ରହିଛି। ତ୍ରିଲୋଚନପୁର ପଞ୍ଚାୟତର ତାଡିଝୁଲା, ହଗଡ଼ାଗୁଡ଼ା, କୁହାକାଡୁ, ଆମଠାପଦର, ଗଉଡ଼ ଥୁଆଗୁଡା ରହିଥିବାବେଳେ ବିଜେପୁର ପଞ୍ଚାୟତର ଚାଟାଗାଁ, ସିନ୍ଧିରଟା, ତଳକାଲିମା, ବାଲିସରା, ସିମେଲଭଟା, କାଟ୍ରାଗୁଡା, ବଣ୍ଡେଲ ଓ ଗୋପୀଗୁଡା ରହିଛି। ସେହିପରି ବେତାଗାଁ ପଞ୍ଚାୟତର ତାଡିଝୁଲା, ଇସନାଲା, ମନସ୍ତରା ଓ ସର୍ଗିଲେଖା ରହିଛି। ଲାଖବାହିଲି ପଞ୍ଚାୟତର ପଣସଗୁଡା, ଦଣ୍ଡିଗୁଡ଼ା ରହିଥିବାବେଳେ ବନ୍ଦପାରି ପଞ୍ଚାୟତର କାନକେରି, କରକାମସ୍କା ରହିଛି। ମାଳିଯୁବାଙ୍ଗ ପଞ୍ଚାୟତର ସାଲପଦର, ବଡ଼ ସିମେଲପଦର, ଟୁରିସଏମେଲ, ସାକେଶ କୁଣ୍ଡାରୁ, ଦୁର୍ଗାବୁଣ୍ଡେଲ ଓ ପାହାଡ଼ ପଦର ପଞ୍ଚାୟତର ଖସଗୁଡ଼ା ରହିଛି। ଏଥିମଧ୍ୟରୁ କେତେକ ଗାଁରେ ନଳକୂଅ ଅଚଳ ହୋଇ ପଡ଼ିଛି। କେତେକ ଗାଁରେ ସୋଲାର ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ରହିଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ବନ୍ଦ ପଡ଼ିଛି। ଯାହାଫଳରେ ଲୋକେ ଝରଣା ପାଣି ଉପରେ ଭରସା କରିବା ପାଇଁ ବାଧ୍ୟ ହେଉଛନ୍ତି । ହେଲେ ଭାଗ୍ୟକୁ ଆଦରି ଲୋକେ ରହିଥିବାବେଳେ ଏତେ ସବୁ ଯୋଜନା ସତ୍ତ୍ୱେ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ପାନୀୟ ଜଳ ସ୍ୱପ୍ନ ପାଲଟିଛି । ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ଆସିଲେ ରାଜନେତା ଗାଁକୁ ଜଳଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇ ଭୋଟ ହାତଉଥିବାବେଳେ ନିର୍ବାଚନ ସରିଲେ ସେମାନଙ୍କ କଥା ଭୁଲି ଯାଉଥିବା ଅଭିଯୋଗ କରିଛନ୍ତି ଦୁର୍ଗମ ଅଞ୍ଚଳବାସୀ। ରାଜ୍ୟ ସରକାର ଲାଞ୍ଜିଗଡ଼ ବ୍ଲକର ସମସ୍ତ ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଇଡି ପଞ୍ଝାରେ ଜୟପାଟଣା ଫରେଷ୍ଟ ଗାର୍ଡ ଅଶୋକ ସାହୁ

● ଲଡୁଗାଁ ଘରେ ଇଡିର ୭ ଘଣ୍ଟା ଧରି ଚଢ଼ାଉ



**ଭବାନୀପାଟଣା, ୨୮।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନାଞ୍ଚଳ ଜୟପାଟଣା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ରେ ବ୍ୟାପକ ଦୁର୍ନୀତି ଅଭିଯୋଗ ମାମଲାରେ ଇଡି ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଜୟପାଟଣା ରେଞ୍ଜ କାର୍ଯ୍ୟାଳୟରେ ଇଡି ର ଅଧିକାରୀ ପହଞ୍ଚି ଚଢ଼ାଉ କରିଥିବା ସୂଚନା ମିଳିଥିବା ବେଳେ ବେଳେ ଅଫିସ ର କାଗଜପତ୍ର ଯାଞ୍ଚ ସହ ଜଙ୍ଗଲ କର୍ମଚାରୀ ଙ୍କୁ ତଦନ୍ତ ପରିସର ମଧ୍ୟରେ ପଚରାଉଚୁରା କରିଥିଲେ। ଅନ୍ୟପକ୍ଷରେ ଜୟପାଟଣା ରେଞ୍ଜ ଡିଭିଜନ ରେ କାର୍ଯ୍ୟରତ ଥିବା ବେଣା ଖମାର ବିଟ ଫରେଷ୍ଟ ଗାର୍ଡ ଅଶୋକ ସାହୁ ଙ୍କ କୋକସରା ବ୍ଲକ ଲଡୁଗାଁ ବାସଭବନ ବନ୍ଧପଡା ରେ ମଧ୍ୟ ଦୀର୍ଘ ୭ ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି ଚଢ଼ାଉ ହୋଇଥିବା ଦେଖିବାକୁ ମିଳିଛି। ତେବେ ସକାଳ ୧୦ ଘଣ୍ଟା ରୁ ଅପରାହ୍ନ ୫ ଘଣ୍ଟା ଧରି ଅଧିକାରୀ ମାନେ ତନ୍ନ ତନ୍ନ କରି ଅଶୋକ ସାହୁ କୁ ଜେରା କରିବା ସହ ତଦନ୍ତ କରିଛନ୍ତି ଓ ଫରେଷ୍ଟ ଗାର୍ଡ ଅଶୋକ ସାହୁ କୁ ନିଜ ଗାଡି ରେ ନେଇ ଅଧିକାରୀ ମାନେ ଲଡୁଗାଁ ରୁ ନେଇ ଯାଇଥିଲେ। ତେବେ ଦିର୍ଘ ଘଣ୍ଟା ଧରି ଅଶୋକ ସାହୁ ଙ୍କ ବାସଭବନ ଆଗରେ ତଥ୍ୟ ପାଇଁ ଉପସ୍ଥିତ ରହିଥିବା ଗଣମାଧ୍ୟମ ପ୍ରତିନିଧି ଙ୍କୁ କୌଣସି ତଥ୍ୟ ପ୍ରଦାନ ପାଇଁ ଅଧିକାରୀ ମାନେ ମନା କରିଦେଇଛନ୍ତି। ତେବେ ଜଙ୍ଗଲ ବିଭାଗ ର ବନୀକରଣ ଓ ମନରେଗା ରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ନେଇ ଅଭିଯୋଗ ପରେ ଇଡି ପକ୍ଷରୁ ଚଢ଼ାଉ ନେଇ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଫରେଷ୍ଟ ଗାର୍ଡ ଅଶୋକ ସାହୁଙ୍କ ନାଁରେ ଅନେକ ଅଭିଯୋଗ ରହିଥିବା ଜଣାପଡିଛି।

# ସ୍କୁଲ ପାଚେରୀ ଭାଙ୍ଗିଲା ଟ୍ୟାଙ୍କର ଡ୍ରାଇଭର ଗୁରୁତର



**ରାୟଗଡ,୨୮।୨(ସଂଚାର ବ୍ୟୁରୋ):** ରାୟଗଡ ଜିଲ୍ଲା ର ବିଷମକଟକ ଥାନା ଅଧୀନ ଗତିଗୁଡା ଆଶ୍ରମ ବିଦ୍ୟାଳୟ ପାଖରେ ଏକ ମାରଣାତ୍ମକ ଦୁର୍ଘଟଣା ଘଟିଛି। କାକିନଡାରୁ ଝାରସୁଗୁଡା ବେଦାନ୍ତ ଆଲୁମିନିଅମ୍ କମ୍ପାନୀ ପାଇଁ ରସଦ ବୋହି ଯାଉଥିବା ଏକ ଟେଙ୍କର ଦ୍ରୁତ ଗତିରେ ଆସି ସ୍କୁଲ ପାଚେରି ଭାଙ୍ଗି ଭିତରକୁ ଯାଇଥିଲା । ଏହି ଦୁର୍ଘଟଣା ଆଜି ସକାଳ ୮ ଘଣ୍ଟିଆ ସମୟରେ ଘଟିଥିବା ଜଣାପଡିଛି । ଟେଙ୍କର ଅତ୍ୟଧିକ ଗତିରେ ଥିବାରୁ ଏହା କଣ୍ଟ୍ରୋଲ୍ ହରାଇ ସ୍କୁଲ ପାଚେରି ଭାଙ୍ଗି ଦୁଃଖଦ ଘଟଣା ସୃଷ୍ଟି କରିଥିଲା । ଦୁର୍ଘଟଣା ସମୟରେ ଟେଙ୍କର ଭିତରେ ଥିବା ଡ୍ରାଇଭର ପବନ୍ ସିଂହ୍ ଚାପିହୋଇଯାଇଥିଲେ । ଏଥିରେ ସେ ଗୁରୁତର ଭାବରେ ଆହତ ହୋଇଛନ୍ତି । ଦୁର୍ଘଟଣା ଘଟିଥିବାକୁ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଡ୍ରାଇଭରଙ୍କୁ ଉଦ୍ଧାର କରି ବିଷମକଟକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସେଠି ଡାକ୍ତରଙ୍କ ଚିକିତ୍ସା ଉପରାନ୍ତ ଡ୍ରାଇଭର ଜଣେ ଏବେ ସୁସ୍ଥ ଅଛନ୍ତି ବୋଲି ସ୍ୱୟଂ ନିଜେ କହିଛନ୍ତି । ଏହି ଘଟଣା ଠାରେ ଆଉ କୌଣସି ଲୋକ ଆହତ ହୋଇନଥିବା ଏବଂ ଚାତ୍ରଛାତ୍ରୀମାନେ ସୁରକ୍ଷିତ ରହିଥିବା ଖବର ମିଳିଛି। ଘଟଣା ପରେ ବିଷମକଟକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତ ଅନୁଯାୟୀ ଡ୍ରାଇଭରଙ୍କ ଅତ୍ୟଧିକ ଗତି ଏବଂ ନିୟନ୍ତ୍ରଣ ହରାଇବା ଏହି ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ହୋଇପାରେ । ଏହି ଘଟଣା ନେଇ ସ୍ଥାନୀୟ ଲୋକମାନେ ଭୟବିତ ଅଛନ୍ତି ଏବଂ ଏହି ସ୍ଥାନ ରେ ଏପରି ଦୁର୍ଘଟଣା ବାରମ୍ବାର ହେଉଛି ସେଥିନିମନ୍ତେ ପୁନରାବୃତ୍ତି ନ ହେବାପାଇଁ ପ୍ରଶାସନ କଠୋର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ଗ୍ରାମ ବାସି ।

# ବେତନଟୀ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ବେତନଟୀ,୨୮।୨(ସଂଚାର ବ୍ୟୁରୋ):** ଆଜି ବେତନଟୀ ଦେବ ବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ସତୀଶ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଛାତ୍ର ଛାତ୍ର ଗୁରୁମା ଓ ଗୁରୁଜୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ଦିବସ ଉପଲକ୍ଷେ ଭାରତର ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ଆତ୍ମଜୀବନୀ ନୂତନ ଉଦ୍ଭାବନ ସଂପର୍କରେ ଛାତ୍ର ଛାତ୍ରୀ ମାନେ ଆଲୋଚନା କରିବା ପରେ ପ୍ରଧାନ ଗୁରୁଜୀ ଲକ୍ଷ୍ମୀଧର ବାରିକ ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ପ୍ରକାଶ ବେହେରା ଙ୍କୁ ଏହି ଦିବସ ଉପଲକ୍ଷେ ମାର୍ଗ ଦର୍ଶନ ଦେବାକୁ ଅନୁରୋଧ କରିବା ସହିତ ବିଜ୍ଞାନ ଗୁରୁଜୀ ବସନ୍ତ ମହାନ୍ତ ବୈଜ୍ଞାନିକ ମାନଙ୍କର ମାନବ ସମାଜ ପ୍ରତି ଅବଦାନ ସଂପର୍କରେ ବିଶିଷ୍ଟ ବୈଜ୍ଞାନିକ ମାନଙ୍କର ଅବଦାନ ସଂପର୍କରେ ବିଭିନ୍ନ ତଥ୍ୟ ଭିତ୍ତିକ ଉଦ୍ଭାବକ ଓ ବୈଜ୍ଞାନିକ ମାନଙ୍କ ସଂପର୍କରେ ଆଲୋକପାତ କରିବା ସହିତ ଭବିଷ୍ୟତରେ ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ପରି ନୂତନ ଉଦ୍ଭାବନ କରି ଦେଶ ସେବାରେ ନିଜକୁ ସମର୍ପିତ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ।



# ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ବେତନଟୀ,୨୮।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧିନ ଆଗ୍ରିଆ ପଞ୍ଚାୟତର ବଡ ଛୁରୁଣୀ ସ୍ଥିତ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମପିସି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରୋଜ କୁମାର ମହାନ୍ତ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ ସି ଭି ରମଣ ଙ୍କ ଉପରେ ଆଲୋଚନା କରି ପ୍ରତିଫଳନ ଓ ପ୍ରତିଶରଣ ସଂପର୍କରେ ବିଶେଷ ଆଲୋଚନା କରିଥିଲେ । ବିଜ୍ଞାନ ଆମ ପାଇଁ ଯେତିକି ଉପଯୋଗୀ ସେତିକି ଧ୍ୱଂସାଭିମୁଖୀ ବୋଲି ଆଲୋଚନା କରିଥିଲେ। ବିଜ୍ଞାନ ସଦୁପଯୋଗ କରି ଏହାକୁ ବରଦାନ ସ୍ୱରୂପ କାମରେ ଲଗାଇବାକୁ ଛାତ୍ର ଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ତାପସ ରଂଜନ ଗୋଛାୟତ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସତରୂପା ପଟେଲ ଭାଗ୍ୟଶ୍ରୀ ହୋତା ମଲ୍ଲିକା କିସ୍କୁ ପୁଷ୍ପିତା ବିଶ୍ୱାଳ ମୌସୁମୀ ରାଉତ ରଂଜନ ଜେନା ପ୍ରଦ୍ୟୁମ୍ନ କୁମାର ସାହୁ ଜ୍ୟୋତି ରଂଜନ ଜେନା ପ୍ରଫୁଲ୍ଲ କୁମାର ବେହେରା ପିନାକୀ ପ୍ରତିମାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ତାଲିମ୍ ଶିବିର



**କଳାହାଣ୍ଡି,୨୮।୨(ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ କଳାହାଣ୍ଡି ଠାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପ୍ରଦାନ ଅନୁଷ୍ଠାନ ର ମିଳିତ ସହଯୋଗରେ ଆଜି ତା ୨୮/୦୨/୨୦୨୫ ରିଖ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରଓ୍ୱାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅନ୍ତର୍ଯ୍ୟାମୀ କହଁର ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ତାଲିମ୍ ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବୈଠାରୁ ଦୀପ, ଜଙ୍ଗଲ ବିଭାଗ ଦକ୍ଷିଣ ବନଖଣ୍ଡ ଏସିଏଫ ଶ୍ରୀ ପ୍ରଫୁଲ୍ଲ କୁମାର ଧାରୁଆ, ଶ୍ରୀମତୀ ଲିଲ୍ଲୀ ଅମାତ୍ୟ, ଶ୍ରୀ ନରୋତ୍ତମ ମାଝୀ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଦ୍ୱାରା କିପରି ପରିବେଶ ଓ ପ୍ରାକୃତିକ ସମ୍ବଳ କୁ ସୁରକ୍ଷିତ କରିବା, ଗ୍ରାମ ସ୍ତରୀୟ କମିଟି ର ଏହା ବାବଦରେ ଉପଯୁକ୍ତ ସଚେତନତା, ଯୋଜନା ପ୍ରାଣୟନ ବିଷୟରେ ଦିଗଦର୍ଶନ ଦେଇଥିଲେ ।ଏଥିରେ ସୂଚନା ଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲାରେ ୩୧୩ ଟି ଗ୍ରାମକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଶିରୋନାମା ସରକାର ଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଏହି ସବୁ ଗ୍ରାମରେ ସରକାରୀ ଯୋଜନା ଯଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବନଧନ ବିକାଶ କାର୍ଯ୍ୟକ୍ରମ, ସରକରଙ୍କ ଅନ୍ୟ ସବୁ କାର୍ଯ୍ୟକ୍ରମକୁ ଗ୍ରାମବାସୀ ମାନେ କିପରି ସାମିଲ ହୋଇ ବିକାଶ କରି ପାରିବେ ବୋଲି ସମସ୍ତେ ମତାମତ ଦେଇଥିଲେ। ପ୍ରଦାନ ସଂସ୍ଥା ର ଟିମ କୋର୍ଡିନେଟର ଶ୍ରୀ ହୃଦୟାନନ୍ଦ ମହାପାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନାର ଆବଶ୍ୟକତା, ପରିଚାଳନା, ସଂରକ୍ଷଣ, ଜଙ୍ଗଲ ସମ୍ପଦର ପୁନର୍ଜନନ, ବ୍ୟକ୍ତିଗତ ଜଙ୍ଗଲ ଜମି ତଥା ଗୋଷ୍ଠୀ ଗତ ଜଙ୍ଗଲ ଜମିକୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟି ମାଧ୍ୟମରେ କିପରି କରାଯାଇ ପାରିବ, ସେ ବିଷୟ ରେ ସମସ୍ତଙ୍କୁ ତାଲିମ୍ ଦେଇ ଥିଲେ । ଜିଲ୍ଲା ସଂଯୋଜକ ଏଫଆରଏ ସେଲ ଶ୍ରୀ ଦ୍ରୋଣ ସୁନା ଶିରୋନାମା ଅନୁମୋଦନ ହୋଇଥିବା ୩୧୩ ଟି ଗ୍ରାମ ରେ ଗୋଷ୍ଠୀ ଜଙ୍ଗଲ ସମ୍ପଦ ପରିଚାଳନା ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ସମସ୍ତଙ୍କୁ ବୁଝାଇ ଥିଲେ । ପ୍ରଦାନ ଅନୁଷ୍ଠାନର ଜିଲ୍ଲା ଏଫଆରଏ ସଂଯୋଜକ ଶ୍ରୀ ବ୍ରଜ କିଶୋର ଦାସ କମିଟି ର ଗଠନ, ଦାୟିତ୍ୱ, ଉଦ୍ଦେଶ୍ୟ, ଲକ୍ଷ୍ୟ, ପରିଚାଳନା ବାବଦରେ ସମସ୍ତଙ୍କୁ ତାଲିମ୍ ଦେଇଥିଲେ ।

● ଜଙ୍ଗଲକୁ ନିଁଆ ଦାଉରୁ ରକ୍ଷା କରିବା ପ୍ରହସନ

# ଜଙ୍ଗଲ ନଷ୍ଟ କରୁଛି ଦାରିଙ୍ଗବାଡି ବନ ବିଭାଗ



**କନ୍ଧମାଳ,୨୮।୨(ସଂଚାର ବ୍ୟୁରୋ):** ଗ୍ରୀଷ୍ମ କାଳରେ ଜଙ୍ଗଲ ସୁରକ୍ଷା ପାଇଁ ବନବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା କୁ ନେଇ ସମସ୍ତଙ୍କୁ ସଚେତନ କରିଥାନ୍ତି ବନବିଭାଗ କର୍ମଚାରୀ ହେଲେ ଦାରିଙ୍ଗବାଡି ବ୍ଲକ୍ ରେ ଥିବା ବନବିଭାଗ କର୍ମଚାରୀଙ୍କ କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ କିଏ ବନବିଭାଗ କର୍ମଚାରୀଙ୍କ ଆଖି ଆଗରେ ହଜାର ହଜାର ଗଛକାଟି ସହର ମଧ୍ୟରେ ବଡ଼ ବଡ଼ ହୋଟେଲ ଲୋର୍ଜ ମହଲ୍ ଗୁଡ଼ିକ ନିର୍ମାଣ କାମରେ ଲଗାଇ ଥିବାର ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ ଦାରିଙ୍ଗବାଡି ବୈଙ୍କ୍ ସଙ୍କ ନିକଟରେ ଦେଖିବାକୁ ମିଳୁଛି ଦାରିଙ୍ଗବାଡି ବ୍ଲକ୍ ରେ ଥିବା ପ୍ରତ୍ୟେକ ପଞ୍ଚାୟତ ପ୍ରତ୍ୟେକ ଗ୍ରାମରେ ଜଙ୍ଗଲ ସୁରକ୍ଷା କମିଟି ଗୁଡ଼ିକ ଗଠନ ହେଇଛି ତଥାପି କୌଣସି କମିଟି ଜାଣିପାରୁନି ଲୋକେ ଜଙ୍ଗଲକାଟି କାଠ ବିକୁଥିବାର ଏବେ ଯଦି ଦେଖିବା ଜଙ୍ଗଲ ନଷ୍ଟ କରୁଥିବାରୁ ଜଳବାୟୁର ପରିବର୍ତ୍ତନ ହେଉଥିବାର ସଠିକ୍ ସମୟରେ ବର୍ଷା ନ ଆସିବାର ଗରମ ତାତି ବଢ଼ିବାର ହେଲେବି କେଉଁ କାରଣରୁ ଏସବୁ ହେଉଛି କେହିଁ ଜାଣି ପାରୁନାହାନ୍ତି ହେଲେ ଜଙ୍ଗଲ ଗଛ ନ କାଟିବା ନିଆଁ ଦାଉରୁ ରକ୍ଷା କରିବା ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି ଗାଁ ଗହଳିରେ ସାଧାରଣ ଲୋକଙ୍କୁ କାଠ ହାଣିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ହେଲେ ଠିକାଦାର ବାବୁମାନେ ଲୋଡ ସଂଖ୍ୟା କାଠ ଆଣି ସହର ମଧ୍ୟରେ କାର ବାର କରିଲେ ମଧ୍ୟ ବନବିଭାଗ ଅଧିକାରୀ କାହିଁକି ନିରବ ହୋଇ ରହିଛନ୍ତି ନା କେତେ ଟଙ୍କା ଠିକାଦାରଙ୍କ ଠାରୁ ନେଇଛନ୍ତି ଏଣୁ ନିରବ ଅଛନ୍ତି ବନବିଭାଗ କର୍ମଚାରୀଙ୍କୁ ଦେଖାଯାଉ କଣ ପଦକ୍ଷେପ ନେଉଛନ୍ତି ନା ଜଙ୍ଗଲ ସୁରକ୍ଷା କରୁଛୁ ବୋଲି ସରକାରଙ୍କ ଠାରୁ ଟଙ୍କା ଆଣି ଫାଇଦା ଉଠାଉଛନ୍ତି ଏଥର ଦେଖାଯିବ ଦାରିଙ୍ଗବାଡି ବନବିଭାଗ କର୍ମାରୀମାନଙ୍କ କାର୍ଯ୍ୟ ।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

**ସୁନ୍ଦରଗଡ:୨୮।୨(ସଂଚାର ବ୍ୟୁରୋ):** ଆଜି ଶୁକ୍ରବାର ଦିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଧପାଲିରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ପାତ୍ର, ରାଜ୍ୟ ସଭାପତି ଚନ୍ଦ୍ରମଣି ତାଜନ,ଜିଲ୍ଲା ସମ୍ପାଦକ ଶେଷଦେବ ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଣୁଧର ମହାକୁର, ମହୁଲପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଜିତ କୁମାର ବାର୍ଲା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଘଡେଗା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମଳୟ ମଞ୍ଜରୀ ପଟେଲ ବିଦ୍ୟାଳୟ ବିବରଣୀ ପଠନ କରିଥିଲେ । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ଜଳନ କରିବା ପରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶ୍ରୀ ନନ୍ଦ ବକ୍ତବ୍ୟରେ ବଡ଼ ମଣିଷ ହୋଇ ନ ପାରିଲେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ଶ୍ରୀ ତାଜନ କହିଥିଲେ ଶିକ୍ଷା ଏକ ଦିବ୍ୟ ଆଲୋକ ଯାହାକି, ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ମଣିଷକୁ ଜ୍ଞାନର ଆଲୋକରେ ଆଲୋକିତ କରି ଏକ ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଦାନ କରେ । ମୁଖ୍ୟ ଅତିଥିଙ୍କ ବକ୍ତବ୍ୟରେ ମୂଳଦୁଆ ଟାଣ ନ ଥିଲେ କୋଠା ଘର ଭୁଷୁଡି ପଡିବା ପରି ପ୍ରାଥମିକ ଶିକ୍ଷା ଦୃଢ଼ ନ ହେଲେ ମଣିଷର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ପରିପ୍ରକାଶ ସମ୍ଭବ ନୁହେଁ । ତେଣୁ ଶିଶୁଟିର ସମ୍ପୂର୍ଣ ପରିପ୍ରକାଶ ନିମନ୍ତେ ମା ବାପାଙ୍କ ସହିତ ସମସ୍ତଙ୍କ ଦାୟିତ୍ୱ ଓ ଭାଗିଦାରୀ ରହିଛି। ବିଦ୍ୟାଳୟରେ ଥିବା ଅସୁବିଧା ଗୁଡ଼ିକ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତାପରେ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରା ଯାଇଥିଲା । ଶ୍ରୀ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ହାତୀ ଧନ୍ୟବାଦ ଅର୍ପଣ କରିଥିଲେ । ତାପରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶ୍ରୀଲେଖା ପଟେଲ,ନନ୍ଦିତା ପଟେଲ, ଜ୍ୟୋସ୍ନା ପଟେଲ,ଜୟଶ୍ରୀ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

# ଜଗୁଆଳି ନାହାନ୍ତି ଜଙ୍ଗଲ ପୋଡ଼ି ଧ୍ୱଂସ ; ବନବିଭାଗ ନିରବଦ୍ରଷ୍ଟା



**ଯାଜପୁର ରୋଡ଼,୨୮।୨(ସଂଚାର ବ୍ୟୁରୋ):** ବୃକ୍ଷ୍ୟ ବିନା ଜୀବନ ଅସମ୍ଭବ।ଗଛ ବଂଚିଲେ ଆମେ ବଂଚିବା। ଜଙ୍ଗଲ ସୁରକ୍ଷା ଆମ ଦାଇତ୍ୱ । ଗୋଟିଏ ଗଛ ଗୋଟିଏ ଜୀବନ ଏଭଳି ଅନେକ ନାରା ଦେଇ ଜନସାଧାରଣଙ୍କୁ ବାର୍ତା ଦେଉଛି ବନ ବିଭାଗ । କିନ୍ତୁ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାଜପୁର ରୋଡ ବନବିଭାଗ ଅଂଚଳରେ। ଗୋଟେ ପଟେ ସରକାରଙ୍କ କୋଟି କୋଟି ଟଙ୍କା ଗଛ ଲଗାଇବା ଓ ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଖର୍ଚ୍ଚ ହେଉଥିବା ବେଳେ ଅନ୍ୟପଟେ ଏହାର ରକ୍ଷଣାବେକ୍ଷଣ ଓ ଜଗୁଆଳି ଅଭାବରୁ ଗଛଭରା ଉଦ୍ୟାନ ଗୁଡିକ ଏବେ ଭ୍ରମ ଜଙ୍ଗଲରେ ପରିଣତ ହେବା ସହିତ ନିଆଁ ଲାଗି ସହ ସହ ଗଛ ଜଳି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳୁଛି । ଖବର ଆଧାରର ସୂଚନା ମୁତାବକ ଜଙ୍ଗଲ ପରିବେଶ ଓ ମନ୍ତ୍ରାଳୟ ପକ୍ଷରୁ ଯାଜପୁର ରୋଡ ବନ ବିଭାଗ ଅନ୍ତର୍ଗତ ବ୍ୟସସରବୋର ନିକଟରେ ୨୦୨୩-୨୪ ଆର୍ଥିକ ବର୍ଷ ରେ ନିର୍ମିତ୍ ହୋଇଥିବା ଚୂନଭାଟି ଗଛଲଗା ଉଦ୍ୟାନରେ ତୃତୀୟ ଅଧ୍ୟାୟରେ ୧୩୦୦ଗଛ ଲଗାଯାଇଥିବା ଦେଖିବାକୁ ମିଳିଥିଲା । କିନ୍ତୁ ଦୁଃଖ ଓ ପରୀତାପର ବିଷୟ ଏଠାରେ କୌଣସି ସ୍ଥାଇ ଜଗୁଆଳି ନଥିବାରୁ ମୋହରମ ମାଫିଆ ମାନେ ଏଠାରୁ ମୋହରମ ଉର୍ତୋଳନ କରିବା ଲକ୍ଷରେ ସହ ସହ ଗଛରେ ନିଆଁ ଲଗେଇଦେଇଥିବା ଅନୁମାନ କରାଯାଉଛି । ଏହା ଦ୍ୱାରା ୫୦୦ରୁ ଉର୍ଦ୍ଧ ଗଛରେ ନିଆଁ ଲାଗି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି। ସରକାରଙ୍କ ଯେଉଁ କୋଟି କୋଟି ଟଙ୍କା କ୍ଷତି ହେଲା ଏଥିପାଇଁ ଦାଇ କିଏ । କାହାକୁ ଏଠି ଦାଇ କରିବେ ସରକାର। ତଦନ୍ତ ତଦନ୍ତରେ ରହିଯିବନିତ ?। ତେଣୁ ଏହାର ଏକ ଉଚ୍ଚସ୍ତରୀୟ କମିଟି କରି ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି । ଦେଖିବାର ବାକି ରହିଲା'ଯେ କାହା ଉପରେ ନିଆଯାଉଛି କାର୍ଯ୍ୟନୁଷ୍ଠାନ ।ବନ ବିଭାଗର ଦାଇତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଆଜି ଜଙ୍ଗଲ ନଷ୍ଟ ହେବାକୁ ବସିଲାଣି । ଅନ୍ୟପଟେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପାରିଶ୍ରମିକ ମୂଲ୍ୟ ଠାରୁ କମ ପାରିଶ୍ରମିକ ଦିଆଯିବା ହେତୁ କୌଣସି ସ୍ଥାଇ ଜଗୁଆଳି ରହୁନଥିବା ଶୁଣିବାକୁ ମିଳୁଛି ।

# ସିନେମା

## ଭଡ଼ାରେ ଆପାର୍ଟମେଣ୍ଟ୍ ନେଲେ ଶାହରୁଖ୍



ବଲିଉଡ୍‌ର ସବୁଠାରୁ ଧନୀ କଳାକାର ଶାହରୁଖ୍ ଖାନ୍‌ଙ୍କୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି। ଶୁଣିବାକୁ ମିଳୁଛି କି କିଙ୍ଗ୍ ଖାନ୍ ତିନି ବର୍ଷ ପାଇଁ ଦୁଇଟି ବିଳାସମୟ ଆପାର୍ଟମେଣ୍ଟ୍ ଭଡ଼ାରେ ନେଇଛନ୍ତି। ମୁମ୍ବାଇର ପାଲି ହିଲ୍‌ସ ଅଞ୍ଚଳରେ ଭଡ଼ାରେ ନେଇଥିବା ଏହି ଦୁଇ ଆପାର୍ଟମେଣ୍ଟ୍ ପାଇଁ ପ୍ରତିବର୍ଷ ୨.୯୦ କୋଟି ଟଙ୍କା ଦେବେ ଶାହରୁଖ୍। ଏହି ଦୁଇଟି ଆପାର୍ଟମେଣ୍ଟ୍ ପାଇଁ ଶାହରୁଖ୍ ଫେବ୍ରୁଆରି ୧୪ ତାରିଖରେ 'ଲିଭ୍ ଆଣ୍ଡ୍ ଲାଇସେନ୍ସ ଏଗ୍ରିମେଣ୍ଟ୍' ସ୍ୱାକ୍ଷର କରିଛନ୍ତି। ଆପାର୍ଟମେଣ୍ଟର ଭଡ଼ା ବାବଦରେ ଶାହରୁଖ୍‌ଙ୍କୁ ପ୍ରତି ମାସରେ ୨୪.୧୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏହି ଆପାର୍ଟମେଣ୍ଟ୍ ହେଉଛି ସିନେ-ନିର୍ମାତା ତଥା ଅଭିନେତ୍ରୀ ରକୂଲ ପ୍ରୀତ୍ ସିଂହଙ୍କ ସ୍ୱାମୀ ଜ୍ୟାକି ଭଗନାନି ଏବଂ ତାଙ୍କ ଭଉଣୀ ଦୀପଶିଖା ଦେଶମୁଖଙ୍କର। ଜ୍ୟାକି ଓ ଦୀପଶିଖାଙ୍କ ସହ ୩୬ ମାସର ଚୁକ୍ତି କରିଛନ୍ତି କିଙ୍ଗ୍ ଖାନ୍। ଅର୍ଥାତ୍, ୩ ବର୍ଷ ମଧରେ ଶାହରୁଖ୍ ଭଡ଼ା ବାବଦରେ ସମୁଦାୟ ୮.୭୦ କୋଟି ଟଙ୍କା ପୈଠ କରିବେ। ଶାହରୁଖ୍ ହେଉଛନ୍ତି ବଲିଉଡ୍‌ର ସବୁଠାରୁ ଧନୀ ଅଭିନେତା। ତାଙ୍କ ନିକଟରେ ୭,୩୦୦ କୋଟି ଟଙ୍କାର ସଂପତ୍ତି ରହିଛି।



## 'ଅଚିହ୍ନା କିଏ'ରେ ଆଲିୟା

ମନୁ ଦ୍ୱିବେଦୀଙ୍କ ମୁକ୍ତି ପ୍ରତୀକ୍ଷିତ ଚଳଚ୍ଚିତ୍ର 'ମିଡନାଇଟ୍' ପରେ ନାୟିକା ଆଲିୟା ଆଉ ଏକ ଓଡ଼ିଆ ଛବି ଲାଗି ଚୁକ୍ତିବଦ୍ଧ ହୋଇଛନ୍ତି। ଜେନେସିସ୍ ମୋସନ୍ ପିକ୍‌ଚର୍ସ ବ୍ୟାନରରେ ନିର୍ମାଣାଧୀନ 'ଅଚିହ୍ନା କିଏ'ରେ ସମ୍ଭବ ନାୟକ ଓ ଆଲିୟା ନାୟିକା ଭୂମିକାରେ ଅଭିନୟ କରିବେ। ଅଜିତ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସଞ୍ଜୟ-ସିତୁ। ଖୁବ୍ ଶୀଘ୍ର ଏହି ସିନେମାର ସୁଟିଂ ଆରମ୍ଭ ହେବ। 'ଅଚିହ୍ନା କିଏ'ରେ ନିଜର ଭୂମିକାଟି ସଂପୂର୍ଣ୍ଣ ଭିନ୍ନ ବୋଲି କହନ୍ତି ଆଲିୟା। 'ମିଡନାଇଟ୍'ର ରିଲିଜ୍ ଓ 'ଅଚିହ୍ନା କିଏ'ର ସୁଟିଂକୁ ଅପେକ୍ଷା କରିଛନ୍ତି ସେ। ଆଲିୟା ଏହା ପୂର୍ବରୁ ଅଜିତ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ବିଜୟିନୀ' ଓ ସମ୍ବଲପୁରୀ ସିନେମା 'ହିଡ଼ିମ୍ବା- ଏ ଟ୍ରାଏବାଲ୍ ଲଭ୍ ଷ୍ଟୋରି'ରେ ମୁଖ୍ୟ ଭୂମିକା ତୁଲାଇ ସାରିଛନ୍ତି।

## ନାଟ୍ୟମଞ୍ଚର ସଫଳ ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ



ଓଡ଼ିଆ ଯାତ୍ରା ଜଗତକୁ କ୍ରମାଗତ ସଫଳ ନାଟକ ଉପହାର ଦେଇ ଦର୍ଶକଙ୍କ ହୃଦୟକୁ ବାନ୍ଧି ପାରିଛନ୍ତି ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ।

ନାଟକରେ ସ୍ନାତକୋତ୍ତର ପରେ ଓଡ଼ିଆ ଫିଲ୍ମରେ ସହ-ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ସେ। ୧୯୯୪ ମସିହାରେ ସେ ଯାତ୍ରା ମଞ୍ଚକୁ ଆସିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ନାଟକ ଥିଲା ସୁଦାମବତୀ ଅପେରାର 'ଆଳି ଭାଗବତ ନିଆଳି ଗୀତା'। ଏହି ନାଟକର ସଫଳତା ପରେ ତାଙ୍କ ଉପରେ ଯାତ୍ରା ପ୍ରଯୋଜକମାନଙ୍କର ଦୃଷ୍ଟି ପଡ଼ିଥିଲା। ଶିବାନୀ, ବାଣେଶ୍ୱରୀ, ନିୟତି, ବାଘାଯତୀନ ଓ କୋଣାର୍କ ଗଣନାଟ୍ୟରେ ପ୍ରତିବର୍ଷ ନାଟକ ନିର୍ଦ୍ଦେଶନା ଦେଇ ସେ ସଫଳ ହେଲେ। ୧୯୯୭ ମସିହାରେ ତାଙ୍କ ନିର୍ଦ୍ଦେଶିତ ବାଣେଶ୍ୱରୀ ଗଣନାଟ୍ୟର ନାଟକ 'କଥା ରହିଲା ମଗୁଶୁରକୁ' ଯାତ୍ରା ଉତ୍ସବରେ ୧୨ଟି ବିଭାଗରେ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ଶ୍ରୀ ଖଣ୍ଡୁଆଳ ପୁରସ୍କୃତ ହୋଇଥିଲେ।ଇତିମଧ୍ୟରେ ସେ ଓଡ଼ିଶାର ସମସ୍ତ ଯାତ୍ରା ଅନୁଷ୍ଠାନରେ ନାଟକ ନିର୍ଦ୍ଦେଶନା ଦେଇ ସଫଳତାର ଶିଢ଼ି ଚଢ଼ି ଚାଲିଛନ୍ତି। ତାଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ନାଟକ ମଧରେ ରହିଛି 'କଥା ରହିଲା କାଳ କାଳକୁ', 'କଣ୍ଢେଇ ସାଜିଛି କନିଆ ରାଣୀ', 'ଦୁଃଖ ଦେଇଗଲା ଦରଦୀ ବନ୍ଧୁ', 'ରାମ ବନବାସ କାହାଣୀ ଶେଷ', 'ରଙ୍ଗ ଲଗେଇଛି ରଙ୍ଗ ନଗରୀ', 'ଋତୁ ରାଇଜର ରାଜକୁମାରୀ', 'ରାଜଧାନୀ ଝିଅ ରାଜନନ୍ଦିନୀ', 'ଟିକିଲି ଖୋଜୁଛି ନାଲି ସିନ୍ଦୂର', 'ସିନ୍ଦୂର ହାଟରେ ସିନ୍ଦୂର ନାହିଁ', 'ହାଟରୁ କିଣିଲି ବାଟର ସାଥୀ', 'ସପନ ହାଟରେ ମିଳୁନି ବାଟ' ଏବଂ 'ମାୟାବିନୀ ମୌସୁମୀ'। ସେ ଚିନ୍ମୟ ଦାସ, ପ୍ରଦୀପ ବେହେରା, ସୁଶ୍ରୀ ସଙ୍ଗୀତା ମିଶ୍ର, ରଞ୍ଜିତା ଲେଙ୍କା, ରାମେଶ୍ୱରୀ ଓ ଗଣେଶ ରାଉତଙ୍କ ଭଳି ନୂଆ ନୂଆ ନାଟ୍ୟକାରଙ୍କ ରଚନାକୁ ମଞ୍ଚସ୍ଥ କରି ନିଜ ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ବର୍ଷ ଶିବାନୀ, ତୁଳସୀ, ସିଂହବାହିନୀ ଓ ପୃଥ୍ୱୀରାଜରେ ଖଣ୍ଡୁଆଳଙ୍କ ନାଟକ ଚର୍ଚ୍ଚାରେ ରହିଛି।

### ଶଙ୍କରଙ୍କ ଅଭିନୟ ଯାତ୍ରା

## 'ଜଗାବଳିଆ'ରୁ 'ଗଣ୍ଡଭୈରବ'



୧୯୮୪ ମସିହାର କଥା। ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ତାଙ୍କର ନୂଆ ଛବି 'ଜଗାବଳିଆ' ନିର୍ମାଣ କରିବା ଲାଗି ଯୋଜନା କରୁଥାଆନ୍ତି। ଏଥିରେ ଖଳନାୟକ ଭୂମିକା ପାଇଁ ସେ ବରିଷ୍ଠ ଅଭିନେତା ବିଜୟ ମହାନ୍ତିଙ୍କୁ ଚୟନ କରିଥିଲେ। କିନ୍ତୁ ଏହି ଭୂମିକା ପାଇଁ 'ଲଣ୍ଡା' ହେବା ଆବଶ୍ୟକ ଥିବାରୁ ବିଜୟ ରାଜି ହୋଇ ନଥିଲେ। ତା'ପରେ ମୋଗଲ ତାମ୍‌ସାରେ ପ୍ରଭାବଶାଳୀ ଅଭିନୟ କରୁଥିବା ଯୁବକ ଶଙ୍କର ବସୁମଲ୍ଲିକଙ୍କ ଉପରେ ନଜର ପଡ଼ିଥିଲା ପ୍ରଶାନ୍ତଙ୍କର। ସେ ତାଙ୍କୁ 'ଜଗବଳିଆ'ର ମୁଖ୍ୟ ଖଳନାୟକ ଭୂମିକାରେ ଠିଆ କଲେ। ଆଉ ପ୍ରଥମ ପଦାର୍ପଣରେ ପ୍ରଭାବଶାଳୀ ଅଭିନୟ କରି ଖୁବ୍ ଚର୍ଚ୍ଚା ସାଉଁଟିଥିଲେ ଶଙ୍କର।କିନ୍ତୁ ବିଗତ ୪୦ ବର୍ଷ ମଧରେ ଅଭିନେତା ଶଙ୍କରଙ୍କୁ ମାତ୍ର ୨୪ଟି ଓଡ଼ିଆ ଛବିରେ ଦେଖିବାକୁ ପାଇଛନ୍ତି ଦର୍ଶକ। ତେବେ ଏଥିମଧରେ ରହିଛି 'ଜଗାବଳିଆ', 'ଲୁଟତରାଜ', 'ଲାଲପାନ ବିବି', 'ପାଚେରୀ ଉଠିଲା ମଝି ଦୁଆରୁ', 'ସୁନାପୁଅ', 'ପଞ୍ଚୁପାଣ୍ଡବ', 'ୱାନ୍ ୱେ ଟ୍ରାଫିକ୍', 'ରାସ୍ତା', 'ଗାରେ ସିନ୍ଦୂର ଧାରେ ଲୁହ', 'ଏଇ ଆଖି ଆମ ସାକ୍ଷୀ', 'ଏମିତି ଭାଇ ଜଗତେ ନାହିଁ' ଓ 'ଆଡେଡ୍ୟୁ ଗୋଦ୍ଦାର୍' ଭଳି ସଫଳ ସିନେମା। ଏତେ କମ୍ ସଂଖ୍ୟକ ସିନେମା କାହିଁକି ବୋଲି ପ୍ରଶ୍ନ କଲେ ଶଙ୍କର କହନ୍ତି, ''ମୁଁ କେବେ କାହାରିକୁ କାମ ମାଗିବାକୁ ଯାଏନି। ତା'ଛଡ଼ା ଯେଉଁମାନେ ଭଲ ପ୍ରସ୍ତାବ ଦେଇଛନ୍ତି, ସେମାନଙ୍କୁ ମନା ବି କରିନାହିଁ।'' ଶଙ୍କର ବସୁମଲ୍ଲିକଙ୍କ ସଦ୍ୟତମ ଛବି ହେଉଛି ରମେଶ ବାରିକଙ୍କ ପ୍ରଯୋଜିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଗଣ୍ଡ ଭୈରବ'। ଏଥିରେ ତାଙ୍କୁ ଅତିଥି କଳାକାର ଭାବେ ଦେଖିବାକୁ ମିଳିବ। ଏଥିରେ ନେଗେଟିଭ୍ ନୁହେଁ, ବରଂ ପଜିଟିଭ୍ ରୋଲ୍‌ରେ ତାଙ୍କୁ ଦେଖିବାକୁ ପାଇବେ ଦର୍ଶକ। ନାୟକଙ୍କୁ ଉପଯୁକ୍ତ ମାର୍ଗରେ ଯିବା ଲାଗି ପ୍ରେରଣା ଦେଉଥିବା ଜଣେ ରାଜନେତା ଭୂମିକାରେ ସେ ଅବତୀର୍ଣ୍ଣ ହୋଇଛନ୍ତି।

ଶଙ୍କର ହଠାତ୍ କାହିଁକି ଅତିଥି କଳାକାର ହେବାକୁ ରାଜିହେଲେ ବୋଲି ପଚାରିବାରୁ ସେ କହନ୍ତି, ''ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ସହ ମୋର ସଂପର୍କ ବହୁ ପୁରୁଣା। 'ପାଚେରୀ ଉଠିଲା ମଝି ଦୁଆରୁ' ସିନେମାରେ ଯେତେବେଳେ ସେ ଡି. ବିଜୟ ଭାସ୍କରଙ୍କ ସହକାରୀ ଥିଲେ, ସେବେଠୁ ତାଙ୍କ ସହ ମୋର ଘନିଷ୍ଠତା। ସେ 'ଗଣ୍ଡ ଭୈରବ'ରେ ଏକ ଛୋଟ ଭୂମିକା ଲାଗି ଅନୁରୋଧ କଲେ। ଏମିତି ଭୂମିକା ମୁଁ ଗ୍ରହଣ କରେନି। କିନ୍ତୁ ସୁଧାଂଶୁଙ୍କ ଶ୍ରଦ୍ଧା ମୋତେ ଅଭିନୟ କରିବାକୁ ବାଧ କଲା।'' ଉଲ୍ଲେଖଯୋଗ୍ୟ, ଶଙ୍କର ହେଉଛନ୍ତି ୧୯୮୪ରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'କାବେରୀ'ର କାହାଣୀକାର ତଥା ପ୍ରଖ୍ୟାତ ଔପନ୍ୟାସିକା ଗାୟତ୍ରୀ ବସୁମଲ୍ଲିକଙ୍କ ସୁପୁତ୍ର।



# ରସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରସ୍ତୁତି ଅଭ୍ୟାସ



**କଟକ,୨୮।୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଆପଦା ପରିଚାଳନା କେନ୍ଦ୍ର ଦ୍ୱାରା ଜଗତପୁର ସ୍ଥିତ ସୁଭୋକେମ ଆଗ୍ରୋ କେମିକାଲ ଇଣ୍ଡଷ୍ଟ୍ରି ଏବଂ ସିଡିଏ ସ୍ଥିତ ବର୍ଦ୍ଧମାନ ବିଶୋଧନୀ ଗାର ଠାରେ ରସାୟନ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରସ୍ତୁତି ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ସମୟରେ ବିଶେଷ କରି ରାସାୟନିକ ଜନିତ ଆକସ୍ମିକ ଦୁର୍ଘଟଣା ସମୟରେ ଜରୁରୀ କାଳୀନ ପରିସ୍ଥିତିରେ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ସଂଗଠିତ ହୋଇ ତ୍ୱରିତ ସେବା କାର୍ଯ୍ୟ କରାଯିବା ଉଦ୍ଦେଶ୍ୟ ନେଇ ଏଭଳି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଅଭ୍ୟାସ ପୂର୍ବକ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରାସାୟନିକ ଦୁର୍ଘଟଣା ଭଳି ଜରୁରୀକାଳୀନ ପରିସ୍ଥିତିରେ ଘଟଣା ସ୍ଥଳରେ ସମସ୍ତ ଆପଦ ବ୍ୟବସ୍ଥା ସହ ଉଦ୍ଧାର କାର୍ଯ୍ୟ ଓ ସ୍ଥାନାନ୍ତର ବ୍ୟବସ୍ଥା ଏବଂ ଆଶୁ ଚିକିତ୍ସା ଆଦି କାର୍ଯ୍ୟକୁ ବାସ୍ତବରେ କିପରି କରାଯାଇପାରିବ ତାହାର ଏକ ରୂପରେଖ ପ୍ରସ୍ତୁତ କରାଯାଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶା ଯାଇଛି। କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ଦୁଇଟି ସ୍ଥାନରେ ପ୍ରସ୍ତୁତି ଅଭ୍ୟାସ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଡ଼ ଦିବ୍ୟଲୋଚନ ମହାନ୍ତ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ କଟକ ସଦର ଏବଂ ତହସିଲଦାର କଟକ ସଦର ଯଥାକ୍ରମେ ଉପରୋକ୍ତ ସ୍ଥାନମାନଙ୍କରେ ଉପସ୍ଥିତ ରହି ରୂପରେଖ ପ୍ରସ୍ତୁତି ପୂର୍ବକ ଅଭ୍ୟାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଓଡ୍ରାଫ, ଏନ ଡି ଆର ଏଫ, ଅଗ୍ନିଶମ, ଆପଦା ମିତ୍ର, ଜିଲ୍ଲା ଓ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ତଥା ପୋଲିସ (ସହରାଞ୍ଚଳ) ଏଭଳି ବିପର୍ଯ୍ୟୟ ସମୟରେ ଆବଶ୍ୟକ ହେଉଥିବା ସେବା କାର୍ଯ୍ୟ ନିମନ୍ତେ ନିଜ ନିଜର ଭୂମିକା ନିର୍ବାହ କରିଥିଲେ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ଏହି କାର୍ଯ୍ୟକ୍ରମ କଟକ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ଆୟୋଜନ କରାଯାଉଛି।ପୂର୍ବାହ୍ନ ରେ ପ୍ରସ୍ତୁତି ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନ ରେ କଟକ ଜିଲ୍ଲାପାଳଙ୍କ ଜିଲ୍ଲା ଆପଦା ପରିଚାଳନା କେନ୍ଦ୍ର କଣ୍ଟ୍ରୋଲ ରୁମ ଠାରେ ଜିଲ୍ଲାର ଶିଳ୍ପ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ର ବାସ୍ତବ ରୂପରେଖ ପ୍ରସ୍ତୁତି ପୂର୍ବକ ସମୀକ୍ଷା କରାଯାଇଥିଲା।

## ବାଲିଆପାଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

# ସାଂସଦଙ୍କ ପ୍ରତିନିଧିଙ୍କୁ ନେଇ ତୁମୂଳକାଣ୍ଡ




**ବାଲିଆପାଳ,୨୮।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଫେବୃୟାରୀ ୧୪ତାରିଖ ଦିନ ପ୍ରତି ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରିବା ପାଇଁ ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ବୈଠକରେ ସାଂସଦଙ୍କ ପ୍ରତିନିଧି ଭାବରେ ବିଜେପି ନେତା ରବିନ୍ଦ୍ର ନାଥ ଷଡ଼ଙ୍ଗୀଙ୍କ ଉପସ୍ଥିତିକୁ ଗୃହରେ ଉପସ୍ଥିତ ଥିବା ବିଜୁ ଜନତା ଦଳର ସମର୍ଥିତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଦସ୍ୟ ସାଂସଦଙ୍କ ଚିଠି ଦେଖାଇବାକୁ ଜିଦ ଧରି ଶ୍ରୀ ଷଡ଼ଙ୍ଗୀଙ୍କୁ ବିରୋଧ କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଶରତ କୁମାର ମୁଦୁଲି ସାଂସଦ ମୋବାଇଲରେ ମେସେଜ ମାଧ୍ୟମରେ ଶ୍ରୀ ଷଡ଼ଙ୍ଗୀ ତାଙ୍କର ପ୍ରତିନିଧି ଭାବରେ ଆଜିର ବୈଠକରେ ଯୋଗଦେବେ ବୋଲି ଜଣାଇଥିବା ଉପସ୍ଥିତ ସଦସ୍ୟ ମାନଙ୍କୁ ଜଣାଇଥିଲେ। ମାତ୍ର ବିଜେଡି ସମର୍ଥିତ ପିଆରଆଇ ମେମ୍ବର, ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ଏବଂ ୨୩ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା ଶ୍ରୀ ଷଡ଼ଙ୍ଗୀଙ୍କୁ ବିରୋଧ କରି ସାଂସଦଙ୍କ ଚିଠି ନ ଦେଖାଇଲେ ସେ ବୈଠକରେ ଅଂଶଗ୍ରହଣ କରିପାରିବେନି ବୋଲି ଦୀର୍ଘ ସମୟ ଜିଦ ଧରି ହଟ୍ଟଗୋଳ କରିଥିଲେ। ଏହି ସମୟରେ ଜଗତିପୁର ପଞ୍ଚାୟତର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଅତିରିକ୍ତ ବିଡିଓ ଓ ଅଧ୍ୟକ୍ଷାଙ୍କୁ ବୈଠକରେ ଏଭଳି ହଟ୍ଟଗୋଳ ଚାଲିବ ନା ବୈଠକ ହେବ ପଚାରିବା ପାଇଁ ଯାଉଥିବା ବେଳେ ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ରଙ୍କୁ ଧକ୍କା ଏବଂ ମୁଥ ମାରିଥିଲେ। ଯାହାକୁ ନେଇ ଗୃହରେ ଉପସ୍ଥିତ ଥିବା ସରପଞ୍ଚ ଓ ସମିତି ସଦସ୍ୟ ମାନେ ହୋହାଲ୍ଲା କରିଥିଲେ। ଏହି ସମୟରେ କୌଣସି ଜଣେ ପିଆରଆଇ ମେମ୍ବର ଚେୟାର ଫୋପାଡ଼ିଥିଲେ। ଯାହା ଫଳରେ ସଗଡ଼ ସମିତି ସଦସ୍ୟ ସତ୍ୟାନନ୍ଦ ମହାନ୍ତିଙ୍କ ମୁଣ୍ଡରେ ବାଜିଥିଲା। ଶ୍ରୀ ମହାନ୍ତିଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଓ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି ଏବଂ ଆଜିର ଏହି ସ୍ୱତନ୍ତ୍ର ବୈଠକକୁ ରଦ୍ଦ କରିଦିଆଯାଇଛି। ଏହି ଖବର ପ୍ରକାଶିତ ହେବାପରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ କିଛି ସମୟ ପାଇଁ ବ୍ଲକ ପରିସର ଏକ ପ୍ରକାର ରଣକ୍ଷେତ୍ର ପାଲଟିଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ବାଲିଆପାଳ ଥାନାରେ ଏତଲା ଦିଆଯାଇଛି। ବସ୍ତା ଏଡିପିଓ ମାନସ କୁମାର ଓଝେ ବାଲିଆପାଳ ଥାନାରେ ପହଞ୍ଚି ଘଟଣା ଉପରେ ନଜର ରଖିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମଧୁସ୍ମିତା ସାମନ୍ତରାୟ ବାଲିଆପାଳ ବ୍ଲକରେ ପହଞ୍ଚି ତଦନ୍ତ କରି ଫେରିଯିବା ଜଣାପଡ଼ିଛି। ତେବେ ପଞ୍ଚାୟତ ସମିତି ବୈଠକରେ ଜଣେ ଜିଲ୍ଲା ପରିଷଦ ସଦସ୍ୟ ଜଣେ ପିଆରଆଇ ମେମ୍ବରଙ୍କ ମାଡ଼ ମିଡିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଉପସ୍ଥିତ ସଦସ୍ୟ ମାନେ କହିଛନ୍ତି। ତେବେ ଏଥିରେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସାଧାରଣ ନିର୍ବାଚନ ପରେ ବାଲିଆପାଳ ବ୍ଲକ ପାଇଁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କର ପ୍ରତିନିଧି ଭାବରେ କାହାକୁ ନିଯୁକ୍ତ କରି ନଥିଲା ବେଳେ ଆଜି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ପାଇ ମୋବାଇଲ ମାଧ୍ୟମରେ ଶ୍ରୀ ଷଡ଼ଙ୍ଗୀଙ୍କ ନାମ ସୁପାରିଶ କରିବା ପଛରେ ରହସ୍ୟ କଣ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ନୂତନ ବିଇଓଙ୍କୁ କୋକସରା ବ୍ଲକ ବିଭିନ୍ନ ଶିକ୍ଷକଶିକ୍ଷୟିତ୍ରୀଙ୍କ ପକ୍ଷରୁ ସ୍ୱାଗତ

**ଭବାନୀପାଟଣା,୨୮।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ରେ ଶୁକ୍ରବାର ନୂତନ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ମହେଶ କୁମାର ଭାଟି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ କୋକସରା ବ୍ଲକ ର ସମସ୍ତ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ବିଭିନ୍ନ ଶିକ୍ଷକ ସଙ୍ଘ ର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ବିଇଓ ଥିବା ସୁଶ୍ରୀ ରଶ୍ମିତା ନେତମ ଙ୍କ ବଦଳି ପରେ ମହେଶ କୁମାର ଭାଟି ଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୋକସରା ବ୍ଲକ ର ବିଇଓ ଭାବେ ନିଯୁକ୍ତ କରାଯାଇଛି। ଏହି ଅବସରରେ ବ୍ଲକ ବିଭିନ୍ନ ଶିକ୍ଷକ ସଙ୍ଘ ର କର୍ମକର୍ତ୍ତା ଓ ବିଆରସିସି ତୋଫାନ ମାଝୀ ଉପସ୍ଥିତ ରହି ଶ୍ରୀ ଭାଟି ଙ୍କୁ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ସଭାପତି ଭୁରିଶ୍ରବା ଜାଲ, ସମ୍ପାଦକ ସୁବାସ ଚନ୍ଦ୍ର ବାଗ, ଉପ ସଭାପତି ବିର କିଶୋର ନାଗ,ଅତୁଲ୍ୟ ପଟ୍ଟନାୟକ,ଲିଙ୍ଗରାଜ ନାଏକ, ଉପେନ୍ଦ୍ର ସାହୁ, ଏକ୍ସ କେଡର ଶିକ୍ଷକ ସଂଘ ପକ୍ଷରୁ ଗଗନ ବିହାରୀ ପଟ୍ଟନାୟକ, ଦେବୀସିଂ ମାଝୀ,ଈଶ୍ୱରୀ ପ୍ରସାଦ ଅଗସ୍ତି,ତ୍ରିନାଥ ବାଗ,ଭାଗ୍ୟବାନ ବାଗ,ପଞ୍ଚାନନ ମାଝୀ, ଏନପିଏସ ସଙ୍ଘ ପକ୍ଷରୁ ଚନ୍ଦ୍ର ମୋହନ ପୁଝାରି, ବୈକୁଣ୍ଠ ଜାଲ, ବେଣୁଧର ନାଏକ, ବତ୍ସ ବାହାନ ବିଶି, ଏନପିଏସ ଉଚ୍ଚ ବିଦ୍ୟାଳୟ ସଂଘ ପକ୍ଷରୁ ସାମନ୍ତ ପାଟ୍ଟଯୋଶୀ, ସୂର୍ଯ୍ୟ ପ୍ରସାଦ ଠାକୁର, ଚିତ୍ତରଞ୍ଜନ ମହାନ୍ତି,ମଳୟ ବାଗ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।ଏହି ଅବସରରେ ନୂତନ ବିଇଓ ମହେଶ କୁମାର ଭାଟି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହଯୋଗ କାମନା କରିଥିଲେ।

# ଓଡିଶା ଡ୍ରାଇଭର ମହାସଂଘର ବନ୍ଧୁମିଳନ



**କନ୍ଧମାଳ,୨୮।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଶାଖାର ସାଡ଼ିଙ୍ଗିଆ ଡ୍ରାଇଭର ସଂଘ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକ ସଂଘ ସଭାପତି ସାମନ୍ତ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଅଜୁ ଭାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧରେ ରାଜ୍ୟ ସହସମ୍ପାଦକ ଘନଶ୍ୟାମ ଭାଇ, କଣ୍ଟାମାଳ ଶ୍ରୀଯୁକ୍ତ ବିଭୁତି ଭୁଷଣ ମହାକୁଡ଼, ସୋନପୁର ଶ୍ରୀଯୁକ୍ତ ମାନଗୋବିନ୍ଦ ଭୂଇଁ, ଜିଲ୍ଲା ଏମ୍ବିଆଇ, ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଆଲୋକ ବେହେରା, ସମ୍ପାଦକ ଶ୍ରୀ ମିଥୁନ କୁମାର ଦିଗାଲ, ଫିରିଙ୍ଗିଆ ସମ୍ପାଦକ ଶ୍ରୀଯୁକ୍ତ ରମାକାନ୍ତ ପ୍ରଧାନ,ସହ ସମ୍ପାଦକ, ଶ୍ରୀଯୁକ୍ତ ସିମନ ଦିଗାଲ,ଆଡ୍ ମିନି ଶ୍ରୀଯୁକ୍ତ ଉମାକାନ୍ତ ହଂସ,ସାଡିଙ୍ଗିଆ ସଂଘ ସଭାପତି ଶ୍ରୀଯୁକ୍ତ ଅବକାଶ ହଂସ, ଉପସଭାପତି ଶ୍ରୀଯୁକ୍ତ ବାବୁଲା ସାହୁ, ଉପଦେଷ୍ଟା ପୁଷ୍ପଲତା ସାହୁ, ସମ୍ପାଦକ ଶ୍ରୀଯୁକ୍ତ ପଙ୍କଜ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । କନ୍ଧମାଳ ଜିଲ୍ଲା ସମୁଦାୟ ୧୨ ଟି ବ୍ଲକର ସଭାପତି ସହ କର୍ମକର୍ତ୍ତା ଏବଂ ଫିରିଙ୍ଗିଆ ବ୍ଲକ ରେ ଥିବା ୨୪ ଟି ପଞ୍ଚାୟତର ଶତାଧିକ ଡ୍ରାଇଭର ଭାଇ ମାନେ ଯୋଗଦେଇ ଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମ ହେବା ପୂର୍ବ ରୁ ଲେଣ୍ଡିରିଗାଁ ଠାରୁ ସାଡିଙ୍ଗିଆ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଡ୍ରାଇଭର ଭାଇମାନେ ସାଡିଙ୍ଗିଆ ସଭାସ୍ଥଳ କୁ ପହଞ୍ଚି ଥିଲେ । ଡ୍ରାଇଭର ଭାଇମାନେ କିଭଳି ଭାବରେ ପରସ୍ପର ସାଙ୍ଗରେ ସୁସଂପର୍କ ସ୍ଥାପନ କରି ପାରିବେ ଡାଇବର ମାନେ ଗାଡ଼ି ଚଳାଇବାର ସହ କିଭଳି ସମାଜ ସେବା କରିପାରିବେ ଓ ତୃଣମୂଳ ସ୍ତରରେ ସଂଗଠନ କିଭଳି ଭାବରେ ସୁଦୃଢ଼ କରାଯାଇ ପାରିବ ସେ ନେଇ ଆଲୋଚନା ହେବା ସହ ଗାଡ଼ି ଚଳାଇବାର ସମୟ ରେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସଭା ମାଧମରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଡ୍ରାଇଭର ମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ଟିପିଏସ୍ଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ ପାଳିତ

**ବ୍ରହ୍ମପୁର,୨୮।୨(ସଂଚାର ବ୍ୟୁରୋ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନୈତିକତା ସପ୍ତାହ ୨୦୨୫ ପାଳିତ ହୋଇଛି। ମାର୍ଚ୍ଚ ୩ ରେ ଶେଷ ହେବାକୁ ଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଟାଟା ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ଜୟନ୍ତୀ ପାଳନ କରାଯାଉଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ନୈତିକତା ସପ୍ତାହର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନୈତିକ ଅଭ୍ୟାସ, ସଚ୍ଚୋଟତା, ସ୍ୱଚ୍ଛତା ପ୍ରତି ଟିପିଏସ୍ଓଡିଏଲ୍ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ନୈତିକତା ସପ୍ତାହ ପାଳନ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ନୈତିକତା ଏବଂ ସଚ୍ଚୋଟତା ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଆମେ ଏହି କାର୍ଯ୍ୟକ୍ରମରେ ପ୍ରତିବଦ୍ଧ ହେଉ।" ଟିପିଏସ୍ଓଡିଏଲରେ ନୈତିକତା କେବଳ ପ୍ରତିବଦ୍ଧତାରେ ସୀମିତ ନୁହେଁ, ବରଂ ଏହା ଜୀବନ ଶୈଳୀର ଏକ ଅଂଶ ବୋଲି ଶ୍ରୀ ଗର୍ଗ କହିଛନ୍ତି। ନୈତିକତା ସପ୍ତାହ -୨୦୨୫ ଅବସରରେ ଟିପିଏସ୍ଓଡିଏଲ୍ ଏହାର ଅଂଶୀଦାରମାନଙ୍କୁ ନେଇ ବିଭିନ୍ନ ଆଲୋଚନା, ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରୁଅଛି। ଯାହା ଦ୍ୱାରା ନିଷ୍ପତ୍ତି ନେବାରେ ନୈତିକ ମୂଲ୍ୟବୋଧକୁ ସାମିଲ କରିବା ସହ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇପାରିବ। ଉତ୍କର୍ଷର ଯାତ୍ରାରେ ଟିପିଏସ୍ଓଡିଏଲ୍ ଆଗକୁ ବଢୁଥିବା ବେଳେ ନୈତିକତା ପ୍ରତି ସମର୍ପିତ ହୋଇରହିଛି।

# ନୂତନ ଥାନାଧିକାରୀଙ୍କୁ ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା

**ବୈଶିଙ୍ଗା,୨୮।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନାରେ ନୂତନ ଭାବରେ ଯୋଗଦାନ କରିଥିବା ଥାନା ଅଧିକାରୀ ବାରିଣୀ କୁମାର ଦାସଙ୍କୁ ବରିଷ୍ଠ ନାଗରିକ ବିକାଶ ମଞ୍ଚ,ଓ୍ୱଶିଙ୍ଗା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ସଭାପତି ସୀତା ନାଥ ବେହେରା ସଭାପତିତ୍ୱ କରିଥିଲେ । ବିକାଶ ମଞ୍ଚ ତରଫରୁ ବିଭିନ୍ନ ଦାବି ମଧ୍ୟ ଏଥିରେ ଉପସ୍ଥାପନ କରାଯାଇଥିଲା । ଏଥିରେ ଓ୍ୱିକାଶ ମଞ୍ଚ ର ସଭାପତି ସୀତା ନାଥ ବେହେରା ଉପସଭାପତି ହରିଶ୍ ଚନ୍ଦ୍ର ରାଉତ ,ବ୍ରଜ କିଶୋର ଦାସ, ମନୋରଞ୍ଜନ ଲେଙ୍କା, ଲକ୍ଷ୍ମୀଧର ନାଥ,ସୁରଥ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର,ସୋମନାଥ ମନ୍ତ୍ରୀ, ମହେନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ମହାପାତ୍ରଆଦି ଉପସ୍ଥିତ ଥିଲେ।

# ବାଇକ-କାର ମୁହାଁମୁହିଁ ବୃଦ୍ଧ ଗୁରୁତର

**ଭବାନୀପାଟଣା,୨୮।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ସହର ଜାତୀୟ ରାଜପଥ ୨୬ ଧାନ ମଣ୍ଡି ନିକଟରେ ଶୁକ୍ରବାର ଏକ ବାଇକ କୁ କାର ମୁହାଁମୁହିଁ ଧକ୍କା ଦେଇ ଫେରାର ହୋଇ ଯାଇଥିବା ସୂଚନା ମିଳିଛି। କାର ଧକ୍କାରେ ରେଙ୍ଗାଳପାଲି ଗ୍ରାମର ଚୈତନ୍ୟ ମାଝୀ(୬୦) ଗୁରୁତର ଅବସ୍ଥାରେ ରାସ୍ତାରେ ପଡି ରହିଥିବା ବେଳେ କିଛି ସ୍ଥାନୀୟ ଲୋକମାନେ ଦମକଲ କର୍ମଚାରୀ ଙ୍କୁ ଖବର ଦେବାପରେ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବୃଦ୍ଧ ଙ୍କୁ ଉଦ୍ଧାର କରି ୧୦୨ ଦମକଳ ଗାଡି ରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଦୁର୍ଘଟଣାରେ ବୃଦ୍ଧ ଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡି ନମ୍ବର ଡବ୍ଲୁବି ୩୦ ଟି ୧୯୮୭ ବୋଲି କିଛି ସ୍ଥାନୀୟ ଲୋକଙ୍କ ପାଖରୁ ସୂଚନା ମିଳିଛି।

# ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ



**ବ୍ରହ୍ମପୁର,୨୮।୨(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ପଦ୍ମିନୀ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ ପ୍ରାଧ୍ୟାପକ ଡ. ଦୀପକ କୁମାର ମିଶ୍ର । ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଡ. ପ୍ରଣତି କୁମାରୀ ରଥ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ଗୌରୀ ଶଙ୍କର ତ୍ରିପାଠୀ ବିଜ୍ଞାନ ଦିବସର ମହତ୍ତ୍ୱ ବର୍ଣ୍ଣନା ପୂର୍ବକ ବୈଜ୍ଞାନିକ ଗବେଷଣା ନିମନ୍ତେ ଗଭୀର ନିରୀକ୍ଷଣାତ୍ମକ ଦୃଷ୍ଟି ରହିବା ଆବଶ୍ୟକ ବୋଲି ମତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭୋଳାନାଥ ପାଢ଼ୀ ବୈଜ୍ଞାନିକ ସି. ଭି. ରମଣଙ୍କ ଜୀବନୀ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ବିଜ୍ଞାନ ଭିତ୍ତିକ ପ୍ରତିଯୋଗିତା ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଅଧ୍ୟାପକ ଡ. ଗୌତମ ସାବତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଡ. ସୁଶୀଲ କୁମାର ରାଠୋର, ଡ. ସସ୍ମିତା ବଳିୟାରସିଂ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ପ୍ରଫେସର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଫେସର ପ୍ରବୀଣ କୁମାର ନନ୍ଦ, ଡ. ବିଭୁ ପ୍ରସାଦ ସାହୁ, ଡ. କନ୍ୟାଞ୍ଜଳୀ ସାମଲ, ଅଧ୍ୟାପକ ଗୋପାଳ କୃଷ୍ଣ ସାହୁ ତଥା ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ମାନସିକ ଅବସାଦ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ

# ଆତ୍ମହତ୍ୟାର ପ୍ରବଣତା ବୃଦ୍ଧି ସମ୍ପର୍କିତ ଆଲୋଚନାଚକ୍ର

**କଟକ,୨୮।୨(ସଂଚାର ବ୍ୟୁରୋ):** ମାନସିକ ଅବସାଦ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟାର ପ୍ରବଣତା ବୃଦ୍ଧି ସଂପର୍କରେ ସଂପର୍କରେ ଗୋପବନ୍ଧୁ ବିଚାର ମଂଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରେଭେନ୍ସାର ମନସ୍ତତ୍ତ୍ୱ ବିଭାଗର ଆସିଷ୍ଟାଂଟ ପ୍ରଫେସର ରାଜକିଶୋର ପୃଷ୍ଟି ମୁଖ୍ୟବକ୍ତାଭାବେ ଯୋଗଦେଇଥିବା ଏସ୍.ସି.ବି ମେଡିକାଲ କଲେଜର କ୍ଲିନିକାଲ ଫାର୍ମାକୋଲୋଜିଷ୍ଟ ଡାକ୍ତର ବିଶ୍ୱରଞ୍ଜନ ଗିରି ଅନ୍ୟତମ ବକ୍ତାଭାବେ ଯୋଗ ଦେଇଥିଲେ । ଗୋପବନ୍ଧୁ ବିଚାର ମଂଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖାର ଆବାହକ ସ୍ୱପ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିଲେ ଏବଂ ସଂଗଠକ ଅଭିଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗ ଦେଇ ଆଲୋଚନା ଚକ୍ରକୁ ପ୍ରାଣବନ୍ତ ଓ ଶିକ୍ଷଣୀୟ କରିଥିଲେ ।




# ଆଦର୍ଶ ଅଧ୍ୟକ୍ଷଙ୍କ ସମ୍ବର୍ଦ୍ଧନା ସଭା

**କାକଟପୁର /ଅସ୍ତରଙ୍ଗ,୨୮।୨(ସଂଚାର ବ୍ୟୁରୋ):** ଅନ୍ଧାରରେସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢ଼ାଇବାରେ ଥାଏ ତାଙ୍କ ହାତ। ବିପଥଗାମୀ ପାଇଁ ସାଜନ୍ତି ପଥ ପଦର୍ଶକ। ସେ ହେଉଛନ୍ତି ଗୁରୁ, ଶିଷ୍ୟଙ୍କୁ ଭଲ ମଣିଷ ଭାବେ ଗଢ଼ିବାରେ ଥାଏ ଅବଦାନ ଅତୁଳନୀୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ତଥା ପ୍ରିନ୍ସପାଲ ଡକ୍ଟର ଜିତେନ୍ଦ୍ର କୁମାର ସାମଲ ନିଜ ଚାକିରୀ କାଳରୁ ଅବସର ନେଇଛନ୍ତି। ଶୁକ୍ରବାର କଲେଜ ପରିସରରେ ଅଧ୍ୟାପକ ହରିଶଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱ ରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୂର୍ବତନ ଅଧକ୍ଷ ପ୍ରଭାତ ବାରିକି, ଭୋବନି ପ୍ରଧାନ, ରାଜକିଶୋର ସାହୁ ଓ ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧକ୍ଷା କୁନି ଲତା ରାଉତ ପ୍ରମୁଖ ଉପସ୍ଥିତ ରହି ଡକ୍ଟର ସାମଲ ଙ୍କ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ରେ ଅଧ୍ୟାପକ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ଛାତ୍ର, ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ଗୁଣଗାନ କରିଥିଲେ। ଅଧକ୍ଷା କୁନିଲତା ରାଉତ କହିଥିଲେ ଡକ୍ଟର ସାମଲ ଛାତ୍ର,ଛାତ୍ରୀ ମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମା ଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ବରିଷ୍ଠ ତଥା ପୂର୍ବତନ ଅଧକ୍ଷ ପ୍ରଭାତ ବାରିକି କହିଥିଲେ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଦୀର୍ଘ ୩୩ବର୍ଷ ଶିକ୍ଷକତା ମଧ୍ୟରେ ଦୀର୍ଘ ଦିନ ଭିତରେ ସେ ଦେଖିଛନ୍ତି ଉଥାନ ପତନ ଆଉ ଏହି ସମୟ ଭିତରେ ସ୍କୁଲ କୁ ଗଢି ତୋଳିଥିଲେ ନିଜ ଘରଭଳି।

# ଲୁଇସିଂ ଉପଶାଖା କୁଇସମାଜର ବାର୍ଷିକ ସାଧାରଣ ଅଧିବେଶନ



**କନ୍ଧମାଳ,୨୮।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ପୁରାତନ ସଂଗଠନ କୁଇ ସମାଜ ସେବା ସମିତି ଅନ୍ତର୍ଗତ ଗୋଛାପଡା ଶାଖା ନିକଟସ୍ଥ ଲୁଇସିଂଉପଶାଖାର ତେତେଲପଡା ଗ୍ରାମରେ ମଙ୍ଗଳ ବାର ଓ ବୁଧବାର ଦୁଇଦିନ ଧରି ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୁଇ ସମାଜ ସେବା ସମିତି ସଭାପତି ତଥା ଲୁଇସିଂ ସରପଞ୍ଚ ଶ୍ରୀ ସୁଦର୍ଶନ କହଁର, କହଁର, ମୁଖ୍ୟ ବକ୍ତା ଗୋଛାପଡା ଶାଖା ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର କହଁର, ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ କେନ୍ଦ୍ର କୁଇ ସମାଜ ସାଧାରଣ ସମ୍ପାଦକ ଅବନୀ କୁମାର କହଁର,ଗୋଛାପଡା ଉପସଭାପତି ତଥା ଫିରିଙ୍ଗିଆ ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ଗୋଛାପଡା ଶାଖା ସମ୍ପାଦକ ଆଲୋକ କହଁର, ଯୁଗ୍ମ ସମ୍ପାଦକ ଅର୍ଜୁନ କହଁର , ବାଲାନ୍ଦାପଡା କଲେଜ ଅଧ୍ୟାପକ ଦିଗାମ୍ବର କହଁର, ସମିତି ସଭ୍ୟ କାଳିଆ କହଁର,ଉପଦେଷ୍ଟା ନବ କିଶୋର କହଁର, ମଞ୍ଜୁଲତା ମଳିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ପ୍ରତ୍ୟେକ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ମାନେ ଏକତ୍ରିତ ହୋଇ ଠାକୁର ସ୍ଥାପନ କରାଯାଇ ସାଂଗଠନିକ ଆଲୋଚନା କରାଯାଇଥିଲା । ଦିତୀୟ ଦିବସରେ ସକାଳେ କୁଇ ଜାତୀୟ ପତାକା ଉତ୍ତୋଳନ କରାଯାଇ ନିମନ୍ତ୍ରିତ ଅତିଥି ମାନେ ଯୋଗ ଦେଇ ସଂଗଠନ ଓ କୁଇ ଜାତି ଏବଂ ଅଞ୍ଚଳର ଉନ୍ନତି ନିମନ୍ତେ ବିଭିନ୍ନ ଦିଗଦର୍ଶନ ଦେଇ ଥିଲେ । ଏଥିରେ ଲୁଇସିଂ ଉପଶାଖା ସଭାପତି ରାମଚନ୍ଦ୍ର ମଲିକ,ସମ୍ପାଦକ ଜୟରାମ ମଲିକ, ଉପସଭାପତି ପନାରା କହଁର, ସହସମ୍ପାଦକ ଘାସିରାମ ସାହୁ,ପାଦାମ୍ବର କହଁର, ଉପଦେଷ୍ଟା ଭୁବନେଶ୍ୱର ସାହୁ,ଯୁବ ସଭ୍ୟ ସୁଶାନ୍ତ ସାହୁ ସମେତ ଉପଶାଖାର ସମସ୍ତ କର୍ମକର୍ତ୍ତା ଉତ୍ସବ କୁ ଆୟୋଜନ କରି ଥିଲେ ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ 'ବାସନ୍ତିକା'



**ଭୁବନେଶ୍ୱର, ୨୮।୨(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ବସନ୍ତ ସମାରୋହ 'ବାସନ୍ତିକା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଆ ସିନେଜଗତର ପ୍ରଥିତଯଶା ଅଭିନେତା ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ପରେ ନାଟକ ବିଭାଗର ଅଧାପକ ତଥା ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ ଓ ଶ୍ରୀ ଗଜେନ୍ଦ୍ର ନାୟକ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱ ଓ କଳାକାର ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍ତମ ମହାନ୍ତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ 'ବାସନ୍ତିକା' କାର୍ଯ୍ୟକ୍ରମକୁ କେବଳ ଚର୍ଚ୍ଚା ଓ ଆଲୋଚନା ମଧରେ ସୀମିତ ରଖାଯାଇଥିଲା। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବସନ୍ତ ଋତୁକୁ ନେଇ ଆଲୋଚନାଚକ୍ର 'ବାସନ୍ତିକା'ରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଯୋଗଦେଇ ବସନ୍ତ ଋତୁ ସହ ସଙ୍ଗୀତର ନିବିଡ଼ତା ସମ୍ପର୍କରେ ଆଲୋକପାତ କରିଥିଲେ। ବସନ୍ତ ଋତୁର କୋଇଲି ରାବ ସଙ୍ଗୀତରେ ପଞ୍ଚମ ସ୍ୱରକୁ ପ୍ରଭାବିତ କରେ। ଏହି ଋତୁ ସଙ୍ଗୀତର ମାଧୁର୍ଯ୍ୟ ବୃଦ୍ଧି କରିବା ସହ ସଙ୍ଗୀତ ମାଧମରେ ଋତୁର ବିଶେଷତ୍ୱକୁ ପ୍ରତିପାଦିତ କରିଥାଏ। ସଙ୍ଗୀତରେ ବସନ୍ତ ଋତୁର ଭୂମିକା ସମ୍ପର୍କରେ ବିଭିନ୍ନ ଦୃଷ୍ଟାନ୍ତର ଅବତାରଣା କରି ଶ୍ୟାମାମଣି ଦେବୀ ଆଜିର ଯୁବପିଢ଼ିଙ୍କ ସଙ୍ଗୀତ ସାଧନା ନିମନ୍ତେ ଏହା ପ୍ରେରଣାଦାୟୀ ହେବ ବୋଲି ମତ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରଫେସର ଉତ୍ତମା ଜେନା ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବସନ୍ତ ଋତୁ ବର୍ଣ୍ଣନାରେ ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗ କେଉଁ ଭଳି ଋଦ୍ଧିମନ୍ତ ସେ ସମ୍ପର୍କରେ ସୁବିସ୍ତୃତ ଆଲୋଚନାକରି ବହୁ କାଳଜୟୀ କବିତା ପଂକ୍ତିର ଉଦାହରଣ ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଏହି ଧରଣର ପ୍ରକୃତିଭିତ୍ତିକ ଉତ୍ସବ ମାଧ୍ୟମରେ ଆମେ ଆମର କଳା, ସାହିତ୍ୟ ଓ ସଂସ୍କୃତି ପୂଜନ ସହ ଆମେ କିପରି ନିଜ ପରିବେଶର ନିକଟତର ହୋଇଛୁ ଓ ପ୍ରକୃତିକୁ ଭଲପାଇବା ନିମନ୍ତେ ଏକ ପ୍ରୟାସ ଜାରି ରଖିଛୁ ବୋଲି କହିଥିଲେ। ଆଜି ପରିବେଶରେ ସନ୍ତୁଳନ ରକ୍ଷା କରିବା ନିମନ୍ତେ ଏହିଭଳି ଋତୁଭିତ୍ତିକ କାର୍ଯ୍ୟକ୍ରମ ସମସାମୟିକ ଯୁବପିଢ଼ିଙ୍କୁ ପ୍ରକୃତିର ନିକଟତର କରିବା ସହ ସାହିତ୍ୟ, ସଂଗୀତ ଓ ଚିତ୍ରକଳା କ୍ଷେତ୍ରରେ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟକରିବାକୁ ସେମାନଙ୍କୁ ପ୍ରେରଣା ଦେବ ବୋଲି ପ୍ରଫେସର ସ୍ୱାଇଁ ଆଶାବ୍ୟକ୍ତ କରିଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ବିଶ୍ୱବିଦ୍ୟାଳୟର ଏହି ଧରଣର ଋତୁଭିତ୍ତିକ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ। ଦୃଶ୍ୟକଳା ବିଭାଗ ପକ୍ଷରୁ ବସନ୍ତ ଋତୁ ସହିତ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କର କିଛି ସ୍ମୃତିଚିତ୍ରକୁ ନେଇ ଆୟୋଜିତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନକରିଥିଲେ। ଅଂଶଗ୍ରହଣ କରିଥିବା ଯୁବ ଚିତ୍ରଶିଳ୍ପୀମାନଙ୍କୁ ସମ୍ମାନିତ କରିଥିଲେ।

## ● ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସଂଘର ରଣହୁଙ୍କାର

# ୧୪ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**କନ୍ଧମାଳ,୨୮।୨ (ସଂଚାର ବ୍ୟୁରୋ):** ଦାରିଙ୍ଗବାଡି ବ୍ଲକ୍ ରେଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଥିବା ପାଚିକା ସଂଘ କନ୍ଧମାଳ ଜିଲ୍ଲାର ପାଚିକା ଜିଲ୍ଲା ସଂଯୋଜକ ପପୁ ସାହୁଙ୍କ ନେତୃତ୍ୱରେ ପାଚିକା ମାନଙ୍କ ଏଖାଟି ହୋଇ ଏହି ଆନ୍ଦୋଳନ ହୋଇଥିଲା ଆଜି ଚଉଦ ଗୋଟି ଦାବି ପୁରଣ ପାଇଁ ଦାବି ପତ୍ରଦେଇଥିଲେ ଆଉ ସେମାନେ ଦାରିଙ୍ଗବାଡି ସହର ଅତିକ୍ରମ କରି ଅନ୍ଦୋଳନ ସହ ଗୋଷ୍ଠି ଶିକ୍ଷା କେନ୍ଦ୍ରକୁ ପହଞ୍ଚିଥିଲେ ଆଉ ସେମାନେ ଦୀର୍ଘ ବର୍ଷ ହେଲା ସେମାନେ ପାଚିକା କାର୍ଯ୍ୟ କରି ଆସୁଛନ୍ତି ହେଲେ ସେମାନେ କିଛିମାସ ହେଲା ପାରିଶ୍ରାମିକ ପ୍ରାପ୍ୟ ପାଇନଥିବା ଅଭିଯୋଗ କରିଛନ୍ତି ତା ସମେତ ମଧ୍ୟାହ୍ନ ଭଜନ ପାଚିକା ସହାୟକା। କର୍ମଚାରୀ ମାନ୍ୟତା ଦିଆଯାଉ ସର୍ବନିମ୍ନ ମାସିକ ଦରମା ଚବିଶ ହଜାର ଟଙ୍କାକୁ ବୃଦ୍ଧି କରାଯାଉ ଯେଉଁ ମାନଙ୍କର ପୂର୍ବ ମାସିକ ଦରମା ପାଇନାହାନ୍ତି ସେମାନଙ୍କୁ ତୁରନ୍ତ ଦେବାର ବ୍ୟବସ୍ଥା କରାଯାଉ ପାଚିକା ସହାୟିକା ମାନଙ୍କୁ ୧୦ମାସର ପରିବର୍ତ୍ତେ ୧୨ମାସର ପ୍ରାପ୍ୟ ପ୍ରଦାନ କରିବା ସହିତ ୨୦୨୨ମଇ , ଜୁନ୍ ମାସରେ କାମ କରିଥିବା ସମସ୍ତ ପାଚିକା ମାନଙ୍କୁ ପାରିଶ୍ରମିକ ପ୍ରାପ୍ୟ ପ୍ରଦାନ କରାଯାଉ ସ୍କୁଲ ବନ୍ଦ୍ ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡ଼ିଥିବା ପାଚିକା ମାନଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି ଦିଆଯାଉ ପାଚିକା ସହାୟକାଙ୍କୁପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରାମିକ ପ୍ରଦାନ କରାଯାଉ ପିଲାଙ୍କ ସଂଖ୍ୟା କମ୍ ପାଇଁ ବନ୍ଦ ହୋଇଥିବାଚଉଦ ହଜାର ତିନିଶହ ଅଣାଅଶି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ତୁରନ୍ତ ଖୋଲା ଯାଉ।

